


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 44 ◆ISSUE-71 ◆FRIDAY ◆4 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୧ ◆ଶୁକ୍ରବାର ◆୪ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଭୋଟର ତାଲିକାରୁ ରାଘବ ଚଡ଼ା ବାଦ୍



■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପଞ୍ଜାବର ଖସଡ଼ା ଭୋଟର ତାଲିକାରୁ ରାଜ୍ୟସଭା ସାଂସଦ ରାଘବ ଚଡ୍ଡାଙ୍କ ନାମ ବାଦ ପଡ଼ିବାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ନିର୍ବାଚନ କମିଶନର ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ତାଙ୍କ ନାମକୁ ବାଦ ଦିଆଯାଇଥିବା ବେଳେ, ▶ପୃଷ୍ଠା-୭

## ଓଲଟ ପାଲଟ



କରଜ ଭାରରେ ଖାଲି ହୋଇଲାଣି
ରାଜ୍ୟ ରାଜକୋଷ ଘଡ଼ା,
ମନ୍ତ୍ରୀ-ବିଧାୟକ ଦରମା ଓ ଭତ୍ତା
ଯେତେ ବଢାଇବ ବଢ଼ା !
ବୃଦ୍ଧ ଅସହାୟ ଭତ୍ତା ବଢୁନାହିଁ
ଖାଆନ୍ତି ଖାଡ଼ିଆ ଖଡ଼ା,
ତୁମ ମାନଙ୍କର ଭତ୍ତା ବୃଦ୍ଧି ପାଇଁ
ହେଉ ଅଛ ଚଢା-ମଡ଼ା !
ଚାଲିଛ ଅମଡ଼ା ମଡ଼ା !!

-ଯାଯାବର

## ହାତ ଟେକିଦେଲେ ଅସହାୟ ଯୋଗାଣମନ୍ତ୍ରୀ

# କେନ୍ଦ୍ର ଆମ କଥା ଶୁଣୁନି: କୃଷ୍ଣ

- ଓଡ଼ିଶା ଇଞ୍ଜିନ୍ କଥା ଶୁଣୁନାହିଁ ଦିଲ୍ଲୀ ଇଞ୍ଜିନ୍
- ଆମ ରାଜ୍ୟ ପାଇଁ ଏଫ୍‌ସିଆଇର ଦରଦ ନାହିଁ
- ୨୦ ସାଂସଦ ଜିତାଇବା ସତ୍ତ୍ୱେ ଆମ ହାତ ବନ୍ଧା
- ୩୦ ଲକ୍ଷ ଟନ୍‌ରୁ ଉଠିଛି ମାତ୍ର ୭.୨୮ ଲକ୍ଷ ଟନ୍
- ଚାଉଳ ନ ଉଠିଲେ ଧାନ କିଣା କଷ୍ଟ ହୋଇପଡ଼ିବ



■ ଭୁବନେଶ୍ୱର, ୩।୯ (ସମିସ): ଡବଲ ଇଞ୍ଜିନ ସରକାରରେ ମନ୍ତ୍ରୀ ଅସହାୟ। ଭରାସଭାରେ ଅସହାୟତା ପ୍ରକାଶ କରି ନିଜ ବିଭାଗର ଦୁଃଖ ବଖାଣିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏହାକୁ ନେଇ ମନ୍ତ୍ରୀ ନାଁ କାହା ଉପରେ ଦୋଷ ଲଦି ପାରୁଛନ୍ତି ନାଁ କ୍ଷୋଭ ପ୍ରକାଶ କରିପାରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଆଗରେ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଗୁରୁବାର ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ ଅବସରରେ ବଳକା ଚାଉଳକୁ ନେଇ ଯୋଗାଣ ବିଭାଗ କିପରି ହରଡ଼ ଘଣାରେ ପଡ଼ିଛି, ତାହାକୁ ବଖାଣିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।

କାର୍ଯ୍ୟକ୍ରମରେ ଉପସ୍ଥିତ ଏଫ୍‌ସିଆଇ ଜିଏମ୍ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଫ୍‌ସିଆଇ ବେଳେ ବେଳେ ଆମକୁ ଧପେଇ ଦିଏ। ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ଉଠାଇବା ପାଇଁ ଏଫ୍‌ସିଆଇ ଆମକୁ ଟାର୍ଗେଟ ଦେଇଥିଲା। କିନ୍ତୁ ଆମର ▶ପୃଷ୍ଠା-୭

# ବାଲେଶ୍ୱର ବନ୍ୟା ସ୍ଥିତି ଗମ୍ଭୀର

## ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା ଓ ଜଳକା

**୧.୯୧ ଲକ୍ଷ ଲୋକ ପ୍ରଭାବିତ**

**୫୨,୩୯୩ ଜଣ ସ୍ଥାନାନ୍ତର**

■ ବାଲେଶ୍ୱର, ୩।୯ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବଢ଼ିବା ସହ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି। ଜିଲ୍ଲାର ବନ୍ୟା ସ୍ଥିତି ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ଜିଲ୍ଲାରେ ୫ଟି ବ୍ଲକର ୪୧ଟି ଗ୍ରାମପଞ୍ଚାୟତ ଅଧୀନ ୨୩୨ଟି ଗାଁ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୧,୯୦,୯୭୪ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ସେଥିମଧ୍ୟରୁ ୫୨,୩୯୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାର ୩୯ଟି ଗାଁ ସମ୍ପୂର୍ଣ୍ଣ ଏବଂ ୧୪୪ଟି ଗାଁ ଆଂଶିକ ଭାବେ ଜଳବନ୍ଦୀ ହୋଇଛି। ବାଲିଆପାଳର ୨୪ଟି ଗାଁ ସମ୍ପୂର୍ଣ୍ଣ ଓ ୮୯ଟି ଆଂଶିକ, ଭୋଗରାଇର ୧୪ଟି ସମ୍ପୂର୍ଣ୍ଣ ଓ ୪୨ଟି ଆଂଶିକ, ରେମୁଣାର ଗୋଟିଏ ସମ୍ପୂର୍ଣ୍ଣ ଓ ୭ଟି ଆଂଶିକ ଏବଂ ବସ୍ତାର ୬ଟି ଗାଁ ଆଂଶିକ ଭାବେ ଜଳବନ୍ଦୀ ରହିଛି। ଆଜି ଅପରାହ୍ନ ୩ଟା ସୁଦ୍ଧା ଜଳକା ନଦୀ ▶ପୃଷ୍ଠା-୭



## ବନ୍ୟା ନେଲା ଦୁଇ ଜୀବନ

■ ବାଲେଶ୍ୱର (ଉତ୍ତର)/ଚନ୍ଦନେଶ୍ୱର, ୩।୯ (ସମିସ): ସୁବର୍ଣ୍ଣରେଖାର ତୃତୀୟ ବନ୍ୟା ଭୋଗରାଇ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଥିବାବେଳେ ଏବେ ଦୁଇଟି ପରିବାର ଉପରେ ନେଇଆସିଛି ଦାରୁଣ ଦୁଃଖ। ବନ୍ୟାଜଳରେ ବୁଡ଼ି କୁଳିଦା ଗ୍ରାମର ସୁମତି ଜେନା ଓ କମର୍ଦ୍ଦା ଥାନା ଅନ୍ତର୍ଗତ ନାଚିନ୍ଦା ଗ୍ରାମର ସନ୍ନ୍ୟାସୀ ରାଜଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଦୁଃଖଦ ଘଟଣା ପରେ ଉଭୟ ଗାଁରେ ଶୋକାକୁଳ ▶ପୃଷ୍ଠା-୭

# ବଢ଼ିବ ସିମେଣ୍ଟ ମୂଲ୍ୟ

## ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ବଢ଼ିବ

■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁ ଅଗଷ୍ଟ ମାସରେ ସାରା ଦେଶରେ ନିର୍ମାଣ କାର୍ଯ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ଫଳସ୍ୱରୂପ, ଅଧିକାଂଶ ଅଞ୍ଚଳରେ ସିମେଣ୍ଟ ଚାହିଦା ମଧ୍ୟ କମ୍ ରହିଥିଲା। କିନ୍ତୁ ସେପ୍ଟେମ୍ବରରେ ସ୍ଥିତିରେ ସୁଧାର ଆସିପାରେ। ପୁନର୍ବାର ଜୋରସୋରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ସିମେଣ୍ଟ ଚାହିଦା ବଢ଼ିବ। ଏଥିରେ ସିମେଣ୍ଟ ମୂଲ୍ୟରେ ବି ବଢ଼ିପାରେ। ଆଗକମୁ ବଜାରରେ ସିମଣ୍ଟେ ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ମୂଲ୍ୟ ବୃଦ୍ଧି ହୋଇପାରେ।

ସିମେଣ୍ଟ ପ୍ରସ୍ତୁତ ପାଇଁ ପେଟ୍‌କୋକ୍‌କୁ ଇନ୍ଧନ ଭାବରେ ବ୍ୟବହାର କରାଯାଇଥାଏ। ନିକଟରେ ମୂଲ୍ୟ ବୃଦ୍ଧି ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ହୋଇଛି। ବ୍ରୋକରେଜ୍ ଫାର୍ମ ନ୍ୟୁଭାମା ଇନଷ୍ଟିଚ୍ୟୁସନାଲ ଇକ୍ୱିଟିଜର ଏକ ରିପୋର୍ଟ ଅନୁସାରେ, କମ୍ପାନୀଗୁଡ଼ିକ ମହଙ୍ଗା ପେଟକୋକ୍ ଯୋଗୁଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଜନିତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସିମେଣ୍ଟ କ୍ଷେତ୍ର ପାଇଁ ବଢୁଥିବା ଖର୍ଚ୍ଚ ଏକ ବଡ଼ ଚିନ୍ତା। ଏଥିଯୋଗୁ କମ୍ପାନୀ ସିମେଣ୍ଟ ବ୍ୟାଗ୍ ପିଛା ୪୦ ଟଙ୍କା ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ, ଅଗଷ୍ଟରେ ବେଙ୍ଗାଲୁରୁରେ ସିମେଣ୍ଟ ବ୍ୟାଗ୍ ପିଛା ଦାମ୍ ୧୦ ଟଙ୍କା



### ମହଙ୍ଗା ହେବ ଘର ତିଆରି

ବୃଦ୍ଧି ହୋଇଥିଲା। ଅବଶ୍ୟ ଦକ୍ଷିଣ ଭାରତରେ ଅଧିକାଂଶ ବଜାରରେ ସିମେଣ୍ଟ ଦାମ୍ ସ୍ଥିର ରହିଥିଲା। ଉତ୍ତର ଭାରତରେ ମୌସୁମୀ ଯୋଗୁ ଚାହିଦା ମାନ୍ଦା ରହିଥିଲା। ମାତ୍ର ସେପ୍ଟେମ୍ବରରେ ଏଠାରେ ବ୍ୟାଗ୍ ପିଛା ମୂଲ୍ୟ ପ୍ରାୟ ୧୦-୨୦ ଟଙ୍କା ବୃଦ୍ଧି ହୋଇପାରେ। ସେହିଭଳି ମଧ୍ୟ-ଭାରତରେ ସିମେଣ୍ଟ ଦାମରେ ୪୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବା ନେଇ ଏଜେନ୍ସି ଅନୁମାନ କରୁଛି। ଅବଶ୍ୟ ପଶ୍ଚିମ ଭାରତ ସମ୍ପର୍କରେ ଡିଲରଙ୍କ ଉପରେ ମୂଲ୍ୟ ବୃଦ୍ଧି ସମ୍ପର୍କରେ ସେପରି କୌଣସି ଅନୁମାନ ଆସିନାହିଁ। ସୂଚନାଥାଉକି, ୨୦୨୬ ଜୁଲାଇରେ ପେଟ୍‌କୋକ୍ ମୂଲ୍ୟ ହ୍ରାସ ପାଇ ୧୩୩ ଡଲାର ପ୍ରତି ଟନ୍ ପିଛା ହୋଇଥିଲା। ଏବେ ଏହା ପୁଣିଥରେ ବଢ଼ି ପ୍ରାୟ ୧୫୨ ଡଲାର ପ୍ରତି ଟନରେ ପହଞ୍ଚିଛି। ଅବଶ୍ୟ ପେଟ୍‌କୋକ୍ ଦା ଏବେବି ୧୬୨ ଡଲାର ପ୍ରତି ଟନ ଉପରେ କାରବାର ହେଉଛି। ଯଦି ସିମେଣ୍ଟ ମୂଲ୍ୟ ବୃଦ୍ଧି ହୁଏ ତେବେ ଘର ତିଆରି ମହଙ୍ଗା ହୋଇଯିବ।


1001/141/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ସିଏମ୍ କିଷାନ

ରବି ୨୦୨୬-୨୭

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

## ସିଏମ୍ କିଷାନ ସହାୟତା ରାଶି

ହସ୍ତାନ୍ତର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା DBT ମାଧ୍ୟମରେ ପ୍ରଦାନ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସାଂସଦ ଏବଂ ବିଧାୟକ ଗଣ
ଖୋର୍ଦ୍ଧା ଜିଲ୍ଲା

୦୪ ସେପ୍ଟେମ୍ବର ୨୦୨୬ | ପୂର୍ବାହ୍ନ ୧୧:୩୦ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-1001/1102/2/26-27/0010

# ଧମକାଇଲା ଆମେରିକା

ୱାସିଂଟନ, ୩।୯(ଏଜେନ୍ସି): କିର୍ଗିଜସ୍ତାନର ବିସ୍କେକ୍ରେ ଅନୁଷ୍ଠିତ ୨୬ତମ ଏସସିଓ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଆମେରିକା ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ରାଷ୍ଟ୍ରସଚିବ ମାର୍କ ରୁବିଓ ଭାରତ ଏବଂ ଇରାନ ମଧ୍ୟରେ କୌଣସି ବାଣିଜ୍ୟ ଚୁକ୍ତି ହେବା ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ଏଥିସହ, କୌଣସି ଦେଶ ଇରାନକୁ ଆମେରିକା। ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ରାଜସ୍ୱ ସୃଷ୍ଟି କରିବାରେ ସାହାଯ୍ୟ କଲେ ସେମାନଙ୍କୁ ମଧ୍ୟ ଆମେରିକୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏକ ସାକ୍ଷାତକାରରେ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ଇରାନ ମଧ୍ୟରେ ସେଭଳି କୌଣସି ବାଣିଜ୍ୟ ଚୁକ୍ତି ହେଉଥିବା ସେ ମନେ କରୁନାହାଁନ୍ତି। ଦେଶଗୁଡ଼ିକ ନିଜର ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରନ୍ତି ଏବଂ ଇରାନ ସହିତ ଯୋଗାଯୋଗ ରଖିବା ସ୍ୱାଭାବିକ ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଦୋହରାଇ ସେ କହିଛନ୍ତି ଯେ, କୌଣସି ଦେଶ ଇରାନକୁ ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ଆତଙ୍କବାଦ ଏବଂ ପରମାଣୁ ଅସ୍ତ୍ର ତିଆରି ପାଇଁ ପାଣ୍ଠି ସଂଗ୍ରହ କରିବାରେ ସାହାଯ୍ୟ କରିବା ଉଚିତ୍ ନୁହେଁ। ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ହାତେଇବାରୁ ରୋକିବା ଆମେରିକା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ରୁବିଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା ମୁଖ୍ୟତଃ ଆର୍ଥିକ ଚାପ ଜରିଆରେ ଇରାନ ଉପରେ ଚାପ ପକାଉଥିଲେ ମଧ୍ୟ ଆବଶ୍ୟକ ପଡ଼ିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟରେ ସଂଘର୍ଷ ତୀବ୍ରତର ହୋଇଥିବାବେଳେ ଆମେରିକା ଓ ଇରାନ ମଧ୍ୟରେ ପରସ୍ପର ବିରୋଧୀ ଚେତାବନୀ ଜାରି ରହିଛି।

**ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇରାନ ରାଷ୍ଟ୍ରପତିଙ୍କ ଭେଟ ପରେ ମାର୍କ ରୁବିଓଙ୍କ ଚେତାବନୀ**

# ମୃତ୍ୟୁକୁ ମାତ୍ ଦେଲେ ୯୧ ବର୍ଷୀୟା ଗୁନା: ବନ୍ୟା ପାଣି ଉପରେ ମୁଣ୍ଡ ରଖି ବଞ୍ଚିଗଲେ





କାଠମାଣ୍ଡୁ, ୩।୯(ଏଜେନ୍ସି): ନେପାଳରେ ଭୟଙ୍କର ଆକସ୍ମିକ ବନ୍ୟା ଶହ ଶହ ଜୀବନ ନେଇଥିବା ବେଳେ ୯୧ ବର୍ଷୀୟା ଗୁନା ମାୟା ବୋହାରାଙ୍କ ଅଦମ୍ୟ ବଞ୍ଚିବାର ଇଚ୍ଛା ଏବେ ସମଗ୍ର ଦେଶ ପାଇଁ ଆଶାର ପ୍ରତୀକ ପାଲଟିଛି। କାଦୁଅ ଓ ପଙ୍କରେ ପୋତି ହୋଇଯାଇଥିବା ଏକ ବୃଦ୍ଧାଶ୍ରମରୁ ତାଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ନୁୱାକୋଟ ଜିଲ୍ଲାର ଦେବୀଘାଟ ଅଞ୍ଚଳରେ ଥିବା ବରିଷ୍ଠ ନାଗରିକ କଲ୍ୟାଣ ପ୍ରତିଷ୍ଠାନରେ ଗୁନା ମାୟା ରହୁଥିଲେ। ଆକସ୍ମିକ ବନ୍ୟାରେ ସେଠାରେ ଥିବା ତାଙ୍କର ୭ ଜଣ ସହବାସୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୁନା ମାୟାଙ୍କ ସମେତ କିଛି ବୃଦ୍ଧଙ୍କୁ ଉଦ୍ଧାରକାରୀ ଦଳ ଜୀବିତ ଉଦ୍ଧାର କରିଥିଲା। ବନ୍ୟା ସମୟରେ ଗୁନା ମାୟା ତଳ ମହଲାର ଏକ କୋଠରୀରେ ଥିଲେ। ହଠାତ୍ ପାଣି କୋଠରୀ ଭିତରକୁ ପଶିବାରୁ ସେ ଝରକା ଖୋଲି ନିଜ ମୁଣ୍ଡକୁ ପାଣି ଉପରେ ରଖିଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କ ଶରୀରର ଅଧିକାଂଶ ଅଂଶ କାଦ ଓ ପଙ୍କ ମଧ୍ୟରେ ପୋତି ହୋଇଥିଲା, କେବଳ ମୁଣ୍ଡଟି ପାଣି ଉପରେ ଦେଖାଯାଉଥିଲା। ଗୁନା ମାୟାଙ୍କ ଗୋଡ଼ରେ ପୂର୍ବରୁ ଶାରୀରିକ ଅସୁବିଧା ଥିଲା। ବନ୍ୟା ପାଣିର ପ୍ରବଳ ସ୍ରୋତରେ ତାଙ୍କ ହାତରେ ମଧ୍ୟ ଆଘାତ ଲାଗିଛି। ତଥାପି ବଞ୍ଚିବାର ଦୃଢ଼ ଇଚ୍ଛା ତାଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଥିଲା। ଉଦ୍ଧାର ପରେ ବୃଦ୍ଧମାନଙ୍କୁ ପ୍ରଥମେ ସ୍ଥାନୀୟ ଆୟୁର୍ବେଦିକ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ପରେ ସେମାନଙ୍କୁ କାଠମାଣ୍ଡୁର ଏକ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଛି। ସେଠାରେ ଖାଦ୍ୟ, ପୋଷାକ, ଚିକିତ୍ସା, ନର୍ସିଂ ସେବା ଓ ଆବଶ୍ୟକ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଉଦ୍ଧାର ହୋଇଥିବା ସମସ୍ତ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡ଼ିଛି। ଏହି ଭୟାବହ ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୧, ୫୫୨ରେ ପହଞ୍ଚିଥିବା ବେଳେ ପ୍ରାୟ ୪, ୨୧୬ ଜଣ ଏବେ ବି ନିଖୋଜ ଅଛନ୍ତି। ତିବ୍ବତରେ ମଧ୍ୟ ୫୪୧ ଜଣ ନିଖୋଜ ଥିବା ଚୀନ୍‌ର ସରକାରୀ ଗଣମାଧ୍ୟମ ଜଣାଇଛି। ଏପଟେ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗରେ ଫସିଥିବା ଲୋକଙ୍କ ସନ୍ଧାନରେ ନେପାଳ ସେନା ଓ ଉଦ୍ଧାରକାରୀ ଦଳର ଅଭିଯାନ ଜାରି ରହିଛି।

# ଝିଅ ପାଇଁ ମନ୍ତ୍ରିପଦ ଗଲା



ହାଇଦ୍ରାବାଦ, ୩।୯(ଏଜେନ୍ସି): ତେଲଙ୍ଗାନାରେ କ୍ଷମତାସୀନ କଂଗ୍ରେସରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏବଂ ତାଙ୍କ ପରିବାର ବିରୋଧରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ଝିଅ ବିଷୋଦଗାର କରିବାରୁ ଉକ୍ତ ମନ୍ତ୍ରୀଙ୍କୁ ବିଦା ହେବାକୁ ପଡ଼ିଛି। ଏହି ମନ୍ତ୍ରୀ ଜଣକ ହେଲେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା। ମନ୍ତ୍ରୀ ପରିଷଦରୁ ବହିଷ୍କାର କରିବା ଲାଗି ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲାଙ୍କୁ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ ଯେ ସୁରେଖାଙ୍କ ଝିଅ କୋଣ୍ଡା ସୁସ୍ମିତା ପଟେଲ୍ ପାର୍କାଲ ବିଧାନସଭା ଆସନକୁ ନେଇ ରେଭନ୍ତ ରେଡ୍ଡୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ବର୍ତ୍ତମାନର କଂଗ୍ରେସ ବିଧାୟକ ରେଭୁରୀ ପ୍ରକାଶ ରେଡ୍ଡୀଙ୍କୁ ପୁଣିଥରେ ସମର୍ଥନ କରିବାକୁ ଆହ୍ୱାନ ଦେବା ପରେ ସୁସ୍ମିତା ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ ରେଭନ୍ତ ରେଡ୍ଡୀ ଓ ତାଙ୍କ ଭାଇମାନଙ୍କ ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ କରିଥିଲେ। ଏହାସହିତ ସେ ଚାଲେଞ୍ଜ କରିଥିଲେ ଯେ ଏହି ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚନ ଲଢ଼ିବେ ଏବଂ ଏହାକୁ କେହି ଅଟକାଇପାରିବେ ନାହିଁ। ଏହାପରେ ତେଲଙ୍ଗାନା କଂଗ୍ରେସରେ ଅସନ୍ତୋଷ ବଢ଼ିଥିଲା। ଦଳର ଶୃଙ୍ଖଳା କମିଟି ସୁରେଖାଙ୍କୁ ଝିଅଙ୍କ ମନ୍ତବ୍ୟ ସମ୍ପର୍କରେ ଜବାବ ମାଗିଥିଲା। ତେବେ ସୁରେଖା କହିଥିଲେ ଯେ ତାଙ୍କ ଝିଅ ଜଣେ ସ୍ୱାଧୀନ ବ୍ୟକ୍ତି ଏବଂ ତାଙ୍କ ମତାମତ ପାଇଁ ତାଙ୍କୁ ଦାୟୀ କରିବା ଅନୁଚିତ। ସେ କଂଗ୍ରେସ ଛାଡ଼ିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ରେଭନ୍ତ ରେଡ୍ଡୀ ତାଙ୍କୁ ବଳପୂର୍ବକ ମନ୍ତ୍ରୀ ପଦରୁ ହଟାଉଛନ୍ତି ବୋଲି ସୁରେଖା ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେ ଦିଲ୍ଲୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ମଧ୍ୟ ଭେଟି ସଫେଇ ଦେଇଥିଲେ। ସେ କହିଥିଲେ ଲେଝିଅର ମନ୍ତବ୍ୟ ପାଇଁ ତାଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ। ଏହି ବିବାଦ ମଧ୍ୟରେ ତେଲଙ୍ଗାନାର କେତେକ ପ୍ରମୁଖ ବୋର୍ଡ ଓ କମିଶନରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ପଦରୁ ଚିନ୍ନା ରେଡୀଙ୍କୁ ହଟାଇ ଦିଆଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଶୃଙ୍ଖଳା କମିଟି ସୁପାରିସ କରିଥିଲା। ଏହାପରେ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଗଡ଼ୱାଲ ବିଜୟଲକ୍ଷ୍ମୀଙ୍କୁ ନୂଆ ଉପାଧ୍ୟକ୍ଷା ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ମହିଳା କମିସନର ଅଧ୍ୟକ୍ଷ ଭାବେ ନେରେଲ୍ଲା ଶାରଦା ଏବଂ କାକତୀୟ ସହର ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ସୁଧା ରାଣୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଘଟଣା ରାଜ୍ୟ ରାଜନୀତିରେ ବଡ଼ଧରଣର ହଲଚଲ୍ ସୃଷ୍ଟି କରିଛି।

**ଯୋଜନା ବୋର୍ଡ ଅଧ୍ୟକ୍ଷ ବି ବହିଷ୍କୃତ**

# ଟିଏମ୍‌ସି ଅଫିସରେ ଆକ୍ରମଣ



କୋଲକାତା, ୩।୯(ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଭିନ୍ନ ସ୍ଥାନରେ ଆକ୍ରମଣର ଶିକାର ହେଉଛନ୍ତି ମମତାଙ୍କ ଟିଏମସି କର୍ମୀ ଓ ନେତା। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଥିବା ବେଳେ ଆଜି ଭୋର ୪ଟା ସମୟରେ

- **ବିଜେପିକୁ ଦାୟୀ କଲେ ମମତା**
- **ଦିଲ୍ଲୀରେ ଧାରଣା ପାଇଁ ଧମକ**

କୋଲକାତାର କ୍ୟାମାକ୍ ଷ୍ଟ୍ରିଟ୍‌ରେ ଥିବା ତୃଣମୂଳ କଂଗ୍ରେସର କାର୍ଯ୍ୟାଳୟରେ ଆକ୍ରମଣ ହୋଇଛି। କେତେକ ଦୁର୍ବୃତ୍ତ ଟିଏମସିରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହିତ ଲୁଟପାଟ୍ କରିଛନ୍ତି। ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ଏହି ଘଟଣା ପାଇଁ ବିଜେପି କର୍ମୀଙ୍କୁ ଦାୟୀ କରିଛନ୍ତି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଷେକଙ୍କ ଅଭିଯୋଗ ଅନୁସାରେ, ଅସ୍ତ୍ରଶସ୍ତ୍ର ସହ କିଛି ଲୋକ କାର୍ଯ୍ୟାଳୟରେ ପ୍ରବେଶ କରି କର୍ମଚାରୀଙ୍କୁ ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏହାସହ ଆସବାବପତ୍ର ଓ ବୈଦ୍ୟୁତିକ ଉପକରଣ ଭଙ୍ଗାରୁଜା କରାଯାଇଥିବା ସେ କହିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ ଟିଏମ୍‌ସି କର୍ମୀ ଓ ଆଇନଜୀବୀମାନେ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଉଚିତ ପଦକ୍ଷେପ ନିଆଯାଇନଥିଲା। ସେ ଘଟଣା ପଛରେ କିଏ ଥିଲା ଏବଂ କାହା ନିର୍ଦ୍ଦେଶରେ ଏହା ଘଟିଲା, ତାହାର ତଦନ୍ତ ଦାବି କରିଛନ୍ତି। କିନ୍ତୁ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଆକ୍ରମଣରେ ବିଜେପିର ହାତ ନାହିଁ ବୋଲି ଦଳୀୟ ନେତା କହିଛନ୍ତି।

ଅନ୍ୟପକ୍ଷରେ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସ୍ଥାନରେ ଟିଏମସି ନେତା, କର୍ମୀ ଓ କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଉଛି ବୋଲି ସେ କହଛନ୍ତି। ପୁଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କୋଲକାତା ଅଫିସରେ ଆକ୍ରମଣ ହେଉଛି ଏହାର ଏକ ଉଦାହରଣ। ଏଭଳି ଆକ୍ରମଣ ତୁରନ୍ତ ବନ୍ଦ ନହେଲେ ଦିଲ୍ଲୀରେ ବିଜେପି ଅଫିସ ସାମନାରେ ସେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମମତା ବାନାର୍ଜୀ ଚେତାବନୀ ଶୁଣାଇଛନ୍ତି।

# ୨୦ ବିଦ୍ରୋହୀ ସାଂସଦଙ୍କୁ ସମୟ ଦେଲେ ବାଚସ୍ପତି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଟିଏମସିର ପରାଜୟ ପରେ ତାଙ୍କ ବିରୋଧରେ ବିଦ୍ରୋହ କରିଥିବା ଦଳର ୨୦ ଜଣ ଲୋକସଭା ସାଂସଦଙ୍କୁ ନୋଟିସର ଉତ୍ତର ଦେବାଲାଗି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ଦଳ ବଦଳ ନିରୋଧ ଆଇନ ଅନୁସାରେ ସେମାନଙ୍କୁ




ଅଯୋଗ୍ୟ ଘୋଷଣା କରିବା ଲାଗି ଟିଏମସି ମହାସଚିବ ଅଭିଶେକ ବାନାର୍ଜୀ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। କିନ୍ତୁ ବାଚସ୍ପତି ବିର୍ଲା ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଗତମାସ ୨୫ ତାରିଖରେ ଏହି ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରିବା ସହିତ ଅଭିଷେକଙ୍କ ପିଟିସନ ଉପରେ ତୁରନ୍ତ ବିଚାର କରିବାକୁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ୨୬ ତାରିଖରେ ଏହି ସାଂସଦମାନଙ୍କୁ ନୋଟିସ ଦେବାସହିତ ୭ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ କହିଥିଲେ। ତେବେ ବିଦ୍ରୋହୀମାନେ ଉତ୍ତର ଦାଖଲ ପାଇଁ ଅଧିକ ସମୟ ମାଗିବାରୁ ବାଚସ୍ପତି ସେମାନଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।

## ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଦିଲ୍ଲୀ ଜଳ ବୋର୍ଡର ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଟେଣ୍ଡର ପ୍ରକ୍ରିୟାରେ କଥିତ ଅନିୟମିତତା ସମ୍ପର୍କିତ ଏସିବି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗୁରୁବାର ଜାମିନ ମିଳିଛି। ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଦିଗ୍ ବିନୟ ସିଂହ ଜୈନଙ୍କୁ ଜାମିନ ଦେଇଥିବାବେଳେ ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କ ନ୍ୟାୟିକ ହେପାଜତକୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଜୈନଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୨୦୨୨ ଅକ୍ଟୋବରରେ ଟେଣ୍ଡର ଜାରି ହୋଇଥିବା ସମୟରେ ସେ ଅନ୍ୟ ଏକ ମାମଲାରେ ପୂର୍ବରୁ ହେପାଜତରେ ଥିଲେ। ତେଣୁ ଟେଣ୍ଡର ପ୍ରକ୍ରିୟା ସହ ତାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ନାହିଁ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ, ଏସିବିର ଅଭିଯୋଗ ଅନୁଯାୟୀ ରୋହିଣୀ ଏସ୍‌ଟିପିର କ୍ଷମତା ୧୫ ଏମ୍‌ଜିଡିରୁ ୩୦ ଏମ୍‌ଜିଡିକୁ ବଢ଼ାଯାଇଥିଲା। ଏହା ଫଳରେ ପ୍ରାୟ ୧୨୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିବା ଏଜେନ୍ସି ଅଭିଯୋଗ କରିଛି।

## ପାଇଲଟ୍ ଅସୁସ୍ଥ, ଓହ୍ଲାଇଲା ବିମାନ

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଦୋହାରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋର ଏକ ବିମାନର ପାଇଲଟ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଏହାକୁ ମସ୍କଟକୁ ଅବତରଣ କରାଯାଇଛି। ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନଟି ମସ୍କଟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଅବତରଣ ପରେ ଏକ ଚିକିତ୍ସା ଦଳ ପାଇଲଟ୍‌ଙ୍କୁ ପରୀକ୍ଷା କରି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବର୍ତ୍ତମାନ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରୀମାନଙ୍କୁ ଆଗକୁ ନେବା ପାଇଁ ଏକ ବିକଳ୍ପ ବିମାନ ଏବଂ ନୂତନ କ୍ରୁ' ବ୍ୟବସ୍ଥା କରାଯାଇଛି। ମସ୍କଟରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଖାଦ୍ୟ ଓ ପାନୀୟ ଯାଇଥିବା ବେଳେ ଏଭଳି ଅସୁବିଧା ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି। ଦେଶରେ ଗତ କିଛିଦିନ ହେବ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଏବଂ ଜରୁରୀକାଳୀନ ଅବତରଣ ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

## ଦୁଷ୍କର୍ମ ମାମଲା ସମାଧାନ ପାଇଁ ସିଣ୍ଡିକେଟ୍‌ରେ ମାନ୍: ବିଜେପି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ରାଜ୍ୟରେ ଦୁଷ୍କର୍ମ ମାମଲାଗୁଡ଼ିକୁ ରଫାଦଫା କରିବା ପାଇଁ ୫ କୋଟି ପର୍ଯ୍ୟନ୍ତ ଲାଞ୍ଚ ନେଉଛନ୍ତି ଏବଂ ସେମାନେ 'ଲୁଟ୍ ମଡେଲ୍' ସିଣ୍ଡିକେଟ୍ ଚଳାଉଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ବିଜେପିର ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ ସାମ୍ବାଦିକ ସମ୍ମିଳନୀରେ କିଛି ଅଡିଓ ରେକର୍ଡିଂ ପ୍ରକାଶ କରି ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମାନ ଏବଂ ତାଙ୍କ ପତ୍ନୀ ଗୁରପ୍ରୀତ କୌର ମଧ୍ୟସ୍ଥିମାନଙ୍କ ଜରିଆରେ ଦୁଷ୍କର୍ମ ମାମଲାଗୁଡ଼ିକୁ ସମାଧାନ କରିବା ନାଁରେ କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ଏଚ୍‌ଆରସି ଗତ ଅଗଷ୍ଟ ୨୧ରେ ପଞ୍ଜାବ ମୁଖ୍ୟ ସଚିବ ଏବଂ ଡିଜିପିଙ୍କୁ ଏକ ପତ୍ର ଲେଖି ଅଭିଯୋଗର ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।


## ୨ ପୁଲିସ କର୍ମଚାରୀଙ୍କୁ ହତ୍ୟା

ଗୌହାଟୀ, ୩।୯(ଏଜେନ୍ସି): ଆସାମର କାମରୂପ ଜିଲ୍ଲାରେ ଆସାମ-ମେଘାଳୟ ସୀମାନ୍ତରେ ଥିବା ଏକ ପୁଲିସ ଫାଣ୍ଡିରେ ଗୁରୁବାର ଭୋର ସମୟରେ ଜଣେ ସହକର୍ମୀ ପୁଲିସ କର୍ମଚାରୀଙ୍କ ଗୁଳିମାଡ଼ରେ ଦୁଇଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବୋକୋ ଥାନା ଅଧୀନ ଗାମେରିମୁରା ପୁଲିସ ଫାଣ୍ଡିରେ ଭୋର ପ୍ରାୟ ୪ଟାରୁ ୫ଟା ମଧ୍ୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଏକେ ପ୍ରକାରର ସର୍ଭିସ ରାଇଫଲରୁ ଗୁଳି ଚାଳିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକମାନେ ଫଜରୁଲ ଅଲୀ ଓ ଇନ୍ଦ୍ରଜିତ ବୋରା ବୋଲି ଚିହ୍ନଟ କରାଯାଇଛି।

# ନ୍ୟୁୟର୍କ ସ୍କୁଲରେ ଏଆଇ ଉପରେ କଟକଣା

ନ୍ୟୁୟକ, ୩।୯(ଏଜେନ୍ସି): ଶିକ୍ଷା କ୍ଷେତ୍ରରେ ଏଆଇ'ର ବ୍ୟବହାରକୁ ନେଇ ବଡ଼ ପଦକ୍ଷେପ ନେଇଛି ନ୍ୟୁୟର୍କ ସହର। ସହରର ସରକାରୀ ପ୍ରାଥମିକ ଓ ମଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ଉପରେ ଏକ ବର୍ଷ ପାଇଁ କଟକଣା ଲଗାଯାଇଛି। ନ୍ୟୁୟର୍କ ସହରର ମେୟର ଜୋହରାନ ମମଦାନୀ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ବ୍ୟବହୃତ ପ୍ରାୟ ୪୦ଟି ଶିକ୍ଷାମୂଳକ କୃତ୍ରିମ ବୁଦ୍ଧିମତ୍ତା ଉପକରଣର ବ୍ୟବହାର ବନ୍ଦ କରାଯିବ। ମମଦାନୀ କହିଛନ୍ତି, 'ପିଲାମାନଙ୍କୁ ଶିଖିବା ଓ ବଢ଼ିବା ପାଇଁ ଶିକ୍ଷକ ଏବଂ ମାନବୀୟ ସମ୍ପର୍କ ଦରକାର।' ସହପାଠୀଙ୍କ ସହ ମିଶି ଦକ୍ଷତା ବିକଶିତ କରିବା, ଶିକ୍ଷକଙ୍କ ସହ ସମ୍ପର୍କ ଗଢ଼ିବା ଏବଂ ଜଟିଳ ସମସ୍ୟାର ସମାଧାନ ନିଜେ ଚିନ୍ତା କରି କରିବା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ କହିଛନ୍ତି। ଆମେରିକାର ସବୁଠାରୁ ବଡ଼ ସ୍କୁଲ ବ୍ୟବସ୍ଥା ନ୍ୟୁୟର୍କର ଏହି ନିଷ୍ପତ୍ତିକୁ ଏଆଇ ବ୍ୟବହାର ଉପରେ ଦେଶର ଅନ୍ୟ ସହର ତୁଳନାରେ ସବୁଠାରୁ କଠୋର ପଦକ୍ଷେପ ଭାବେ ଦେଖାଯାଉଛି। ଲସ୍ ଆଞ୍ଜେଲସ୍ ସମେତ ଅନ୍ୟ କେତେକ ସ୍କୁଲ ଜିଲ୍ଲା ମଧ୍ୟ ଏଆଇ ବ୍ୟବହାର ନେଇ ନିଜସ୍ୱ ନୀତି ଉପରେ ସମୀକ୍ଷା କରୁଛନ୍ତି। ଏହି ନିଷ୍ପତ୍ତି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ୁଥିବା ପ୍ରାୟ ୬ ଲକ୍ଷ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ ଲାଗୁ ହେବ। ତେବେ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀମାନେ କେତେକ ପରିସ୍ଥିତିରେ ଏଆଇ ବ୍ୟବହାର କରିପାରିବେ। ଶିକ୍ଷକମାନେ ପାଠ ଯୋଜନା ପ୍ରସ୍ତୁତି, ସମୟସୂଚୀ ଭଳି କାର୍ଯ୍ୟରେ ଏଆଇ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ, ୨୦୨୨ରେ ଚାଟ୍‌ଜିପିଟି ଲୋକପ୍ରିୟ ହେବା ପରେ ନ୍ୟୁୟର୍କର ସରକାରୀ ସ୍କୁଲଗୁଡ଼ିକ ଏହାର ବ୍ୟବହାର ଉପରେ ସାମୟିକ ନିଷେଧ ଲଗାଇଥିଲେ। ପରେ ଏହି କଟକଣା ହଟାଯାଇ ଶିକ୍ଷାଦାନରେ ସହାୟତା ପାଇଁ ଏଆଇ ଆଧାରିତ ବ୍ୟବସ୍ଥା ବ୍ୟବହାର କରାଯାଇଥିଲା।

## ବାୟୁସେନା ଛାଡ଼ି ଘରୋଇ ବିମାନ କମ୍ପାନୀରେ ଯୋଗଦେଲେ ଅଭିନନ୍ଦନ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୨୦୧୯ର ବାଲାକୋଟ୍ ପରବର୍ତ୍ତୀ ଆକାଶ ଯୁଦ୍ଧରେ ପାକିସ୍ତାନୀ ଏଫ୍-୧୬ ଯୁଦ୍ଧବିମାନକୁ ଖସାଇ ଚର୍ଚ୍ଚାକୁ ଆସିଥିବା ଭାରତୀୟ ବାୟୁସେନାର ପୂର୍ବତନ ଗ୍ରୁପ୍ କ୍ୟାପ୍‌ଟେନ୍ ତଥା ବୀର ଚକ୍ର ପୁରସ୍କାରପ୍ରାପ୍ତ ଅଭିନନ୍ଦନ ବର୍ତ୍ତମାନ ଏବେ ନୂଆ ଇନିଂସ ଆରମ୍ଭ କରି ଏକ ଘରୋଇ ବିମାନ ସେବାରେ ଯୋଗ ଦେଇଛନ୍ତି। ସୂଚନା ଅନୁସାରେ, ଗୋଆ ଭିତ୍ତିକ ଆଞ୍ଚଳିକ ବିମାନ କମ୍ପାନୀ ଫ୍ଲାଇ୯୧ରେ ସେ ପାଇଲଟ୍ ଭାବେ ଯୋଗ ଦେଇଛନ୍ତି। ୪୩ ବର୍ଷୀୟ ଅଭିନନ୍ଦନ ଚଳିତ ବର୍ଷ ମାର୍ଚ୍ଚରେ ଭାରତୀୟ ବାୟୁସେନାରୁ ଅବସର ନେଇଥିଲେ। ଅବସର ପରେ ଅଗଷ୍ଟ ମାସରେ ସେ ଫ୍ଲାଇ୯୧ରେ ଯୋଗ ଦେଇଥିବା ସୂଚନା ମିଳିଛି। ତେବେ କମ୍ପାନୀରେ ତାଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ କିମ୍ବା କେଉଁ ବିମାନ ଚଳାଇବେ, ସେନେଇ ତତ୍କାଳ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ୨୦୧୯ ଫେବ୍ରୁଆରୀ ୨୬ରେ ବାଲାକୋଟ୍‌ରେ ଜୈଶ-ଏ-ମହମ୍ମଦର ଶିବିର ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ଫେବ୍ରୁଆରୀ ୨୭ରେ ଭାରତ ଓ ପାକିସ୍ତାନର ଯୁଦ୍ଧବିମାନ ମଧ୍ୟରେ ଆକାଶଯୁଦ୍ଧ ହୋଇଥିଲା। ସେତେବେଳେ ୱିଙ୍ଗ୍ କମାଣ୍ଡର୍ ଥିବା ଅଭିନନ୍ଦନ ମିଗ୍-୨୧ ବାଇସନ୍ ବିମାନରେ ପାକିସ୍ତାନୀ ଏଫ୍-୧୬ ସହ ମୁକାବିଲା କରିଥିଲେ। ଭାରତୀୟ ବାୟୁସେନାର ଦାବି ଅନୁଯାୟୀ, ସେ ଏଫ୍-୧୬କୁ ଖସାଇବା ପରେ ତାଙ୍କ ମିଗ୍-୨୧ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲା।

# ତିବ୍ବତୀୟ ମାଳଭୂମିରେ ଅସ୍ଥିର ହେଉଛି ହିମବାହ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ତିବ୍ବତୀୟ ପ୍ଲାଟୋ ଅର୍ଥାତ ମାଳଭୂମୀରେ ହିମବାହଗୁଡ଼ିକ ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅସ୍ଥିର ହୋଇପାରେ। ଫଳରେ ହିମବାହ ଧସିବା, ଭୂସ୍ଖଳନ ଓ ହଠାତ୍ ବନ୍ୟା ଭଳି ବିପର୍ଯ୍ୟୟର ଆଶଙ୍କା ବଢ଼ିପାରେ ବୋଲି ଚୀନ୍‌ର ଜଣେ ବରିଷ୍ଠ ଜଳବାୟୁ ଅଧିକାରୀ ଚେତାବନୀ ଦେଇଛନ୍ତି। ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମା ନିକଟରେ ଘଟିଥିବା ବରଫ ଓ ପଥର ଧସିବା ଘଟଣା ପରେ ଏହି ଚେତାବନୀ ଆସିଛି। ଏହି ଘଟଣାରୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟା ନେପାଳର ଉତ୍ତର ଓ ମଧ୍ୟ ଅଞ୍ଚଳର ଅନେକ ସହର ଓ ଗାଁକୁ ପ୍ରଭାବିତ କରିଥିଲା। ଚୀନ୍‌ର ଜାତୀୟ ଜଳବାୟୁ କେନ୍ଦ୍ରର ଉପନିର୍ଦ୍ଦେଶକ ଗାଓ ରୋଙ୍ଗ କହିଛନ୍ତି ଯେ ଗତ ୬୦ ବର୍ଷରେ ତିବ୍ବତୀୟ ପ୍ଲାଟୋର ହିମବାହ ଅଞ୍ଚଳ ପ୍ରାୟ ୨୪ ପ୍ରତିଶତ କମିଛି। ଏହି ସମୟରେ ପ୍ରାୟ ୭, ୦୦୦ ଛୋଟ ହିମବାହ ସମ୍ପୂର୍ଣ୍ଣ ଭାବେ ଅଦୃଶ୍ୟ ହୋଇଯାଇଛି। ଆଗାମୀ ଦିନରେ ହିମବାହର ସ୍ଥିରତା ଆହୁରି ହ୍ରାସ ପାଇବା ସହ ବରଫଜନିତ ବିପର୍ଯ୍ୟୟ ବାରମ୍ବାର ଘଟିପାରେ ବୋଲି ସେ କହିଛନ୍ତି। ତିବ୍ବତର ଗ୍ୟିରୋଙ୍ଗ ବନ୍ଦର ଅଞ୍ଚଳରେ ଘଟିଥିବା ଏହି ବିପର୍ଯ୍ୟୟରେ ଚୀନ୍ ପକ୍ଷରୁ ୨୧ ଜଣଙ୍କ ମୃତ୍ୟୁ ଓ ୫୪୧ ଜଣ ନିଖୋଜ ଥିବା କୁହାଯାଇଛି। ନିଖୋଜଙ୍କ ମଧ୍ୟରେ ୨୬୧ ଜଣ ବିଦେଶୀ ନାଗରିକ ଥିବା ବେଳେ ସେମାନଙ୍କ ମଧ୍ୟରେ ୪୯ ଜଣ ଭାରତୀୟ ଥିବା ଜଣାପଡ଼ିଛି। ନେପାଳରେ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧, ୫୫୨ରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି। ଚୀନ୍‌ର ବୈଜ୍ଞାନିକ ଗବେଷଣା ଅନୁଯାୟୀ, ହିମବାହ ଧସିବା ପରେ ସୃଷ୍ଟି ହୋଇଥିବା କାଦୁଅ ଓ ପଥରର ପ୍ରବାହ ପ୍ରାୟ ୨୨ କିଲୋମିଟର ଉପତ୍ୟକା ଦେଇ ମାତ୍ର ୭ ମିନିଟ୍‌ରେ ଗ୍ୟିରୋଙ୍ଗ ବନ୍ଦରରେ ପହଞ୍ଚିଥିଲା। ତଳକୁ ଗତି କରିବା ସମୟରେ ଏହା ନଦୀଶଯ୍ୟା ଓ କୂଳରୁ ଅଧିକ ପଥର, ମାଟି ଓ ଅବଶିଷ୍ଟ ସାମଗ୍ରୀକୁ ନିଜ ସହ ମିଶାଇ ନେଇଥିଲା। ଫଳରେ ଆରମ୍ଭର ଧସିବା ତୁଳନାରେ ବିପର୍ଯ୍ୟୟର ପରିମାଣ ବହୁଗୁଣ ବଢ଼ିଯାଇଥିଲା। ବୈଜ୍ଞାନିକମାନେ କହିଛନ୍ତି, ଭବିଷ୍ୟତରେ ଏଭଳି ବିପଦ ଆକଳନ କରିବା ସମୟରେ କେବଳ ପାହାଡ଼ରୁ କେତେ ପରିମାଣର ବରଫ କିମ୍ବା ପଥର ଧସିଲା ତାହା ଦେଖିଲେ ହେବ ନାହିଁ। ତଳକୁ ଯିବା ସମୟରେ ଆଉ କେତେ ପରିମାଣର ମାଟି ଓ ଅବଶିଷ୍ଟ ଏଥିରେ ମିଶିପାରେ ଏବଂ ତଳ ଅଞ୍ଚଳର ଜନବସତି ଓ ଭିତ୍ତିଭୂମି କେତେ ପ୍ରଭାବିତ ହୋଇପାରେ, ତାହାକୁ ମଧ୍ୟ ବିଚାର କରିବା ଆବଶ୍ୟକ। ଗବେଷକମାନେ ଆହୁରି କହିଛନ୍ତି ଯେ ଉପଗ୍ରହ ତଥ୍ୟ, ଭୂମିସ୍ତରୀୟ ନିରୀକ୍ଷଣ ଓ ଆଧୁନିକ ପୂର୍ବାନୁମାନ ପ୍ରଣାଳୀକୁ ଏକାଠି କରିବା ଆବଶ୍ୟକ। ହିମବାହ ଓ ପଥର ଢାଲରେ ଦ୍ରୁତ ପରିବର୍ତ୍ତନ ଚିହ୍ନଟ କରି ତାହାର ସମ୍ଭାବ୍ୟ ପ୍ରଭାବ ତଳ ଅଞ୍ଚଳ ପର୍ଯ୍ୟନ୍ତ ଆକଳନ କରାଗଲେ ଭବିଷ୍ୟତରେ ଜୀବନ ଓ ସମ୍ପତ୍ତିର କ୍ଷତି କମାଇବା ସମ୍ଭବ ହୋଇପାରେ।

# ସବୁ ନଦୀରେ ଖସୁଛି ଜଳସ୍ତର

## ଏବେ ବି ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା

■ ବନ୍ୟାରେ ବାଲେଶ୍ୱର ସର୍ବାଧିକ ପ୍ରଭାବିତ
■ ଆଗକୁ କମିବ ବର୍ଷା, ବଢ଼ିବ ବିଜୁଳି ଘଡ଼ଘଡ଼ି

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ବର୍ଷାର ପ୍ରଭାବ କମିବା ଆରମ୍ଭ ହୋଇଛି। ଓଡ଼ିଶାଠାରୁ ଲଘୁଚାପ ଦୂରେଇବା ସହ ଏବେ ଏହା ମଧ୍ୟପ୍ରଦେଶ ଉପରେ ସକ୍ରିୟ ରହିଛି। ଫଳରେ ରାଜ୍ୟରେ ବର୍ଷାର ପରିମାଣ କମିଛି। ତେବେ ଏହି ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷା ଓ ଏଥିପାଇଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଜାରି ରହିଛି। ଏବେ ବି ସୁବର୍ଣ୍ଣରେଖା ନଦୀ ରାଜଘାଟ୍‌ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯଦିଓ ଅନ୍ୟ ନଦୀ ବୁଢ଼ାବଳଙ୍ଗ ଓ ବୈତରଣୀ ଆଦିରେ ସ୍ଥିତି ସୁଧାର ଆସିଛି, ମାତ୍ର ସୁବର୍ଣ୍ଣରେଖା ଓ ଜଳକା ନଦୀ ବିପଦସଂକେତ ଉପରେ ପ୍ରବାହିତ ହେଉଛି।

ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର ମୁଖ୍ୟତଃ ହ୍ରାସ ପାଉଛି, ଯାହା ସାମଗ୍ରିକ ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାରର ସଙ୍କେତ ଦେଉଛି। ବର୍ତ୍ତମାନ ସୁବର୍ଣ୍ଣରେଖା ନଦୀ ହିଁ ରାଜ୍ୟର ଏକମାତ୍ର ନଦୀ ଭାବେ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଏହା ନଦୀର ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସିବ ବୋଲି ସୂଚନା ରହିଛି। ଅନ୍ୟପଟେ ମହାନଦୀର ନରାଜଠାରେ ମହାନଦୀ, ସୁନ୍ଦରଗଡ଼ରେ ଇବ୍, ପାନପୋଷଠାରେ ବ୍ରାହ୍ମଣୀ, ଆନନ୍ଦପୁର ଓ ଅଖୁଆପଦାଠାରେ ବୈତରଣୀ, ଏନ୍‌ଏଚ୍-୫ ଠାରେ ବୁଢ଼ାବଳଙ୍ଗ, ଗୁଣ୍ପୁରଠାରେ ବଂଶଧାରା ଏବଂ ମଥାନୀଠାରେ ଜଳକା ନଦୀର ଜଳସ୍ତର



ମଧ୍ୟ ହ୍ରାସମୁଖୀ ରହିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୨୯ ଫୁଟ୍ ରହିଥିବା ବେଳେ ଜଳ ପ୍ରବେଶ ପରିମାଣ ୧,୪୧,୯୬୨ କ୍ୟୁସେକ୍ ଏବଂ ଜଳ ନିଷ୍କାସନ ପରିମାଣ ୭୮,୪୨୯ କ୍ୟୁସେକ୍ ରହିଛି। ବର୍ତ୍ତମାନ ୪ଟି ଗେଟ୍ ଖୋଲା ରହିଛି।

ଅନ୍ୟପଟେ ଆଇଏମ୍‌ଡିର ସୂଚନା ଅନୁଯାୟ, ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ଏବେ ଲଘୁଚାପଟି ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଉତ୍ତରପ୍ରଦେଶ ଏବଂ ସଂଲଗ୍ନ ଉତ୍ତର ମଧ୍ୟପ୍ରଦେଶ ଦେଇ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏଥିପାଇଁ ଆଗକୁ ରାଜ୍ୟରେ ବର୍ଷାର ପରିମାଣ କମିବ। ତେବେ ଦିନରେ ଖରା ଓ ଆର୍ଦ୍ରତା ହେତୁ ଅପରାହ୍ନ ପରେ ବିଜୁଳି ଘଡ଼ଘଡ଼ିର ଆଶଙ୍କା ବଢ଼ିଯାଇଛି। ଏଥିପାଇଁ ଲୋକମାନଙ୍କୁ ସତର୍କ ରହିବା ସହିତ ଘଡ଼ଘଡ଼ି ଓ ବଜ୍ରପାତ ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି।

ଚଳିତ ବନ୍ୟାରେ ଯାଜପୁର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ରହିଛି। ଯାଜପୁରର ଦଶରଥପୁର ବ୍ଲକ୍ ଏବେ ବି ପାଣି ଘେରରେ ରହିଛି। ଏଠାରେ ୧୯ଟି ଗ୍ରାମ ପଞ୍ଚାୟତ ଏବଂ ୬୨ଟି ଗାଁ ପ୍ରଭାବିତ ହୋଇଛି। ମୋଟ ୨୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି, ଯେଉଁଥିରେ ୭,୭୪୫ ଜଣ ଆଶ୍ରୟ ନେଇଛନ୍ତି। ସେହିପରି ମୟୂରଭଞ୍ଜରେ ୨୧ଟି ବ୍ଲକ୍, ୫୩ଟି ପଞ୍ଚାୟତ ଓ ୯୭ଟି ଗାଁ ପ୍ରଭାବିତ ହୋଇଛି। ଏହା ସହିତ ବାରିପଦା ପୌରପାଳିକାର ୨ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ବର୍ତ୍ତମାନ ୨୯ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି ଏବଂ ଏଥିରେ ୧୦,୫୦୧ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ଏବେ ସୁଦ୍ଧା ୧୦୪ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ବସ୍ତା, ରେମୁଣା ଓ ଜଳେଶ୍ୱର ଆଦି ୫ଟି ବ୍ଲକ୍ ପ୍ରଭାବିତ ହୋଇଛି। ମୋଟ ୪୧ଟି ପଞ୍ଚାୟତ ଓ ୨୧୪ଟି ଗାଁ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛି। ବର୍ତ୍ତମାନ ଜିଲ୍ଲାରେ ୭୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି ଏବଂ ସେଠାରେ ୩୫,୭୪୦ ଜଣ ଆଶ୍ରୟ ନେଇଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବନ୍ୟା ମୁକାବିଲା ପାଇଁ ମୋଟ ୪୭ଟି ଟିମ୍ ମୁତୟନ କରାଯାଇଛି।

---

**ବନ୍ୟା ସହାୟତା ପ୍ରଦାନରେ ସରକାରଙ୍କ ପାତରଅନ୍ତର**

# ବିରୋଧୀ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୩।୯ (ସମିସ): ଯାଜପୁର ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା ପ୍ରଦାନରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ସରକାରଙ୍କର ପାତରଅନ୍ତର ନୀତି ଲୋକଙ୍କୁ ହତାଶ କରିଛି। ସରକାରଙ୍କ ପକ୍ଷରୁ ଯତ୍‌କିଞ୍ଚିତ ରିଲିଫ ସାମଗ୍ରୀ ପଠାଯାଇଥିଲା। ମାତ୍ର ସେଗୁଡ଼ିକୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ବଣ୍ଟା ନ ହୋଇ ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ବଣ୍ଟା ଯାଇଥିଲା ବୋଲି ଗୁରୁତର ଅଭିଯୋଗ କରିଛି ବିଜେଡି। ଏହାଛଡ଼ା ବରୀ, ବିଞ୍ଝାରପୁର ଓ ଯାଜପୁର ବିଧାନସଭା କ୍ଷେତ୍ରରେ ବନ୍ୟା ଅଧିକ କ୍ଷତି କରିଥିବା ବେଳେ, ଏହି ସ୍ଥାନରେ ବିଜେଡି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଇବାରେ ଅଣଦେଖା କରାଯାଇଥିଲା ବୋଲି ବିଜେଡି କହିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଓ ଯାଜପୁର ବିଧାୟିକା ସୁଜାତା ସାହୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଫଳତା ଓ ପାତରଅନ୍ତର ନୀତି ପାଇଁ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ବନ୍ୟା ଆସିବାର ୨୬ ଦିନ ବିତିଯାଇଥିଲେ ସୁଦ୍ଧା ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଏବେବି ଜଳ ଘେରରେ ରହିଛି ଓ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କର କୌଣସି ପୂର୍ବ ପ୍ରସ୍ତୁତି ନ ଥିଲା। ସରକାରଙ୍କ ବିଭିନ୍ନ ବିଭାଗ ଗୁଡ଼ିକ ଭିତରେ ତାଳମେଳ ନ ଥିଲା। ସରକାରଙ୍କ ପୂର୍ବ ପ୍ରସ୍ତୁତି ଥିଲେ ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳରେ ଘାଇ ହୋଇ ନ ଥା'ନ୍ତା। ବନ୍ୟା ଜଳ ବିଭିନ୍ନ ଜନବସତି ଅଞ୍ଚଳକୁ ପ୍ରବେଶ କଲା ପରେ ସରକାରଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ଅନ୍ୟ ରିଲିଫ ସାମଗ୍ରୀ ପହଞ୍ଚିବାରେ ଅହେତୁକ ବିଳମ୍ବ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ଗସ୍ତ କଲେ, ଡଙ୍ଗାରେ ବୁଲିଲେ, ଫଟୋ ଉଠାଇଲେ କିନ୍ତୁ ଲୋକଙ୍କ ଅସୁବିଧା କଥା ବୁଝିଲେ ନାହିଁ। ଆମେ ଯାଇଥିଲୁ ମୁଖ୍ୟମନ୍ତ୍ରୀଙ୍କୁ ଲୋକଙ୍କ ଅସୁବିଧା ବିଷୟରେ ଜଣାଇବା ପାଇଁ, କିନ୍ତୁ ଆମକୁ ଅପମାନିତ କରାଗଲା। ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳଗୁଡ଼ିକ ବିଜେଡି ବିଧାୟକ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳଗୁଡ଼ିକୁ ବନ୍ୟା ସହାୟତା ପ୍ରଦାନରେ ଅଣଦେଖା କରାଗଲା।

ବିଶ୍ୱ ରଞ୍ଜନ ମଲ୍ଲିକ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ଯାଜପୁର ଜିଲ୍ଲା ଗସ୍ତ କରିଥିଲେ, କିନ୍ତୁ ସର୍ବାଧିକ ପ୍ରଭାବିତ ବରୀ ଅଞ୍ଚଳକୁ ଗସ୍ତ କରିବାକୁ ଗୁରୁତ୍ୱ ଦେଇ ନ ଥିଲେ। ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ରିଲିଫ ସାମଗ୍ରୀ ଟ୍ରକ୍‌ରେ ଆମ ଅଞ୍ଚଳରେ ପହଞ୍ଚିଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହା ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର ହେଲା ନାହିଁ। ଏହି ରିଲିଫ ସାମଗ୍ରୀ କେଉଁଆଡ଼େ ଗଲା, କେହି ତା'ର ଟେର୍ ପାଇଲେ ନାହିଁ। କିନ୍ତୁ କିଛି ସ୍ଥାନୀୟ ବିଜେପି ନେତା ଏହି ରିଲିଫ ସାମଗ୍ରୀ କିଛି ଅଞ୍ଚଳରେ ବାଣ୍ଟି ତା'ର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ବନ୍ୟା ଯୋଗୁଁ ଚାଷୀ ଭାଇମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଚାଷୀଙ୍କ କ୍ଷତିର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ ବୋଲି ଶ୍ରୀ ମଲ୍ଲିକ ଦର୍ଶାଇଥିଲେ।



■ ପ୍ରଶାସନ ନୁହେଁ; ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ରିଲିଫ ବଣ୍ଟନ ହେଉଛି
■ ଚାଷୀଙ୍କ କ୍ଷୟକ୍ଷତିର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ
■ ଦଶରଥପୁର ଅଞ୍ଚଳରେ ଏବେ ବି ୫୩,୦୦୦ ଲୋକ ପାଣି ଘେରରେ

ସୁଜାତା ସାହୁ କହିଥିଲେ ଯେ ଦଶରଥପୁର ଅଞ୍ଚଳରେ ଗତ ୩୬ ଦିନ ଭିତରେ ୬ ଥର ବନ୍ୟାଜଳ ପ୍ରବେଶ କରିଛି। ଏବେବି ପ୍ରାୟ ୫୩,୦୦୦ ଲୋକ ପାଣି ଘେରରେ ଅଛନ୍ତି। ଲୋକଙ୍କୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ କହିଥିଲେ।

---

# ଓଡ଼ିଶାର ୧୪ ବରିଷ୍ଠ ଅଧିକାରୀଙ୍କୁ ଆଇଏଏସ୍ ପଦୋନ୍ନତି

ଭୁବନେଶ୍ୱର,୩।୯ (ସମିସ): ଓଡ଼ିଶାର ରାଜ୍ୟ ସିଭିଲ୍ ସର୍ଭିସ (ଓସିଏସ୍)ର ୧୪ ଜଣ ଅଧିକାରୀଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)କୁ ପଦୋନ୍ନତି ମିଳିଛି। ଭାରତୀୟ ପ୍ରଶାସନିକ ସେବା (ନିଯୁକ୍ତି) ନିୟମ, ୧୯୫୪ର ନିୟମ ୮(୧) ଏବଂ ଆଇଏଏସ୍ (ନିଯୁକ୍ତି ଦ୍ୱାରା ପଦୋନ୍ନତି) ନିୟମାବଳୀ, ୧୯୫୫ର ନିୟମାନୁଯାୟୀ ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ଦିଆଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ ଅଧୀନ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୨୫ ଚୟନ ତାଲିକାରେ ଓଡ଼ିଶା କ୍ୟାଡର ପାଇଁ ଏହି ଅଧିକାରୀମାନଙ୍କୁ ଆଇଏଏସ୍‌ରେ ନିଯୁକ୍ତି ଦିଆଯାଇଛି। ୨୦୨୫ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ସୃଷ୍ଟି ହୋଇଥିବା ଖାଲି ପଦବି ଆଧାରରେ ଏହି ଚୟନ ତାଲିକା ପ୍ରସ୍ତୁତ ହୋଇଥିବା ଦର୍ଶାଯାଇଛି। ଆଇଏଏସ୍‌ରେ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ ସୂର୍ଯ୍ୟନାରାୟଣ ଦାଶ, ସୁମିତା ସରକାର, ବାଳମୁକୁନ୍ଦ ଭୂୟାଁ, ସୌଦାମିନୀ ସେଠୀ, ମଧୁମିତା ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ(୨), ବବିତା ମହାନ୍ତି, ଅନୁଜ କୁମାର ଦାସ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଶୁଭ୍ରା ମହାନ୍ତି, ସଂଘମିତ୍ରା ଶତପଥୀ ଏବଂ ହିମାଂଶୁ ଶେଖର ବେହେରା। ପ୍ରୋବେସନ୍‌ରେ ଥିବା ଏହି ବରିଷ୍ଠ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ଆଇଏଏସ୍‌କୁ ପଦୋନ୍ନତି ଦିଆଯାଇ ଓଡ଼ିଶା କ୍ୟାଡର ବଣ୍ଟନ କରାଯାଇଛି।

---

# ଜ୍ୱାଇଁଙ୍କୁ ଲୁହା ରଡ଼୍‌ରେ ପିଟିପିଟି ହତ୍ୟାକଲା ଶଶୁର

ଉଦଳା,୩।୯ (ସମିସ): ଜ୍ୱାଇଁଙ୍କୁ ଲୁହା ରଡ୍‌ରେ ପିଟିପିଟି ହତ୍ୟା କରିଛି ସାବତ ଶଶୁର। ଏଭଳି ଘଟଣା କପ୍ତିପଦା ଥାନା ମଝିଗଡ଼ିଆ ମଥୁରାସାହି ଗ୍ରାମରେ ଘଟିଛି। ରମେଶ ବିନ୍ଧାଣୀ ତାଙ୍କ ଶଶୁର ଘର ମଥୁରାସାହିରେ ସ୍ତ୍ରୀ ଭାରତୀ ହେମ୍ବ୍ରମଙ୍କ ସହିତ ରୁହନ୍ତି। ଯାହାକୁ ପୂର୍ବରୁ ରମେଶଙ୍କ ସାବତ ଶଶୁର ଦାମୋଦର ହୋ ବିରୋଧ କରିଆସୁଛନ୍ତି। ଗତକାଲି ରାତିରେ ଏହାକୁ ନେଇ ଉଭୟ ସାବତ ଶଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ବଚସା ହୋଇଥିଲା। ଉଭୟ ନିଶାସକ୍ତ ଅବସ୍ଥାରେ ଥିବାବେଳେ ବଚସା ଉଗ୍ରରୂପ ନେଇଥିଲା। ସାବତ ଶଶୁର ଏକ ଲୁହା ରଡରେ ଜ୍ୱାଇଁ ରମେଶଙ୍କୁ ଆକ୍ରମଣ କରିଥିଲେ। ରମେଶଙ୍କ ସ୍ତ୍ରୀ ଭାରତୀ ଓ ଶାଶୂ ସୁକୁରି ହୋ ଅଟକାଇଥିଲେ। ଏଥିରେ ଉଭୟ ଭାରତୀ ଓ ସୁକୁରି ଗୁରୁତର ଆହତ ହୋଇଥିଲେ। ପରେ ଦାମୋଦର ଲୁହା ରଡ଼ରେ ରମେଶଙ୍କ ମୁଣ୍ଡକୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରମେଶଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

---

# ଭିଜିଲାନ୍ସ ଜାଲରେ ସହକାରୀ ଭେଷଜ ନିରୀକ୍ଷକ

ଯାଜପୁର/ଜଗତସିଂହପୁର,୩।୯ (ସମିସ): ଜନୈକ ବ୍ୟବସାୟୀଙ୍କ ହୋଲସେଲ ମେଡିସିନ ଲାଇସେନ୍ସ ପ୍ରଦାନ କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଭେଷଜ ନିରୀକ୍ଷକ) ସଞ୍ଜୟ କୁମାର ହାଁସଦା। ଶ୍ରୀ ହାଁସଦା ଏବେ ଉଭୟ ଯାଜପୁର ଓ ଜଗତସିଂହପୁର ଜିଲ୍ଲା ଦାୟିତ୍ୱରେ ଅଛନ୍ତି। ଆଜି ସେ ପାରାଦୀପ-କଟକ ଏନ୍‌ଏଚ୍-୫୩ ପାର୍ଶ୍ୱସ୍ଥ ଜୟପୁର ଛକଠାରେ ଜଣେ ଆବେଦନକାରୀଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି।





ଅଭିଯୋଗକାରୀ ଜଣକ ନିଜର ହୋଲସେଲ ମେଡିସିନ ଦୋକାନ ପାଇଁ ଡ୍ରଗ୍ ଲାଇସେନ୍ସ ନିମନ୍ତେ ଗତ ୨୦୨୫ ମେ' ୧୧ ତାରିଖରେ ଆବେଦନ କରିଥିଲେ। ଏହି ସମ୍ପର୍କରେ ଅଭିଯୋଗକାରୀ ଜଗତସିଂହପୁରର ସହକାରୀ ଡ୍ରଗ କଣ୍ଟ୍ରୋଲର/ଡ୍ରଗ୍ ଇନ୍ସପେକ୍ଟର ସଞ୍ଜୟ କୁମାର ହାସଁଦାଙ୍କୁ ଅନେକ ଥର ଭେଟିଥିଲେ। ମାତ୍ର ସେ ଏଥିପ୍ରତି କୌଣସି ଗୁରୁତ୍ୱ ଦେଇନଥିଲେ ଏବଂ ଦାବି ମୁତାବକ ୬ ହଜାର ଟଙ୍କା ଲାଞ୍ଚ ଆଣିବାକୁ କହିଥିଲେ। ହଇରାଣ ହେବା ପରେ, ଅଭିଯୋଗକାରୀ ଏହି ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଜି ଯେତେବେଳେ ଅଭିଯୋଗକାରୀ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଶ୍ରୀ ହାଁସଦା ସେଠାରେ ଉପସ୍ଥିତ ନଥିଲେ। ଅଭିଯୋଗକାରୀ ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ, ଅଭିଯୁକ୍ତ ଶ୍ରୀ ହାଁସଦା ତାଙ୍କୁ ଜୟପୁର ଛକରେ ପହଞ୍ଚିବାକୁ କହିଥିଲେ। ଅଭିଯୋଗକାରୀ ସେହି ସ୍ଥାନରେ ପହଞ୍ଚିବା ପରେ, ଅଭିଯୁକ୍ତ ଶ୍ରୀ ହାଁସଦା ତାଙ୍କୁ ଓଡି ୨ଏଲ୍-୩୩୨୫) ନମ୍ବର ବିଶିଷ୍ଟ ନିଜ ୱାଗନ୍‌ଆର୍ କାର୍ ଭିତରେ ବସିବାକୁ କହିଥିଲେ ଏବଂ ସେଠାରେ ଦାବି କରିଥିବା ଲାଞ୍ଚ ଟଙ୍କା ନେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଦଳ ତାଙ୍କୁ କାବୁ କରିନେଇଥିଲେ ଏବଂ ତାଙ୍କ ଠାରୁ ସମ୍ପୂର୍ଣ୍ଣ ୬ ହଜାର ଟଙ୍କା ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହି ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ଦିଗରୁ ସଞ୍ଜୟଙ୍କ ଜୟପୁର ସ୍ଥିତ ଭଡ଼ାଘର, ଜଗତସିଂହପୁର ଅଫିସ ଏବଂ ଭବାନୀପାଟଣା ସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ଅଫିସରୁ ୧ ଲକ୍ଷ ୨୫ ହଜାର ୨୦୦ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କ ନିକଟରୁ ୫୩ ହଜାର ୫୦୦ ଟଙ୍କା ଭିଜିଲାନ୍ସ ଟିମ ଜବତ କରିଛି। ଏହିପରି ମୋଟ ୧ ଲକ୍ଷ ୭୮ ହଜାର ୭୦୦ ଟଙ୍କା ଭିଜିଲାନ୍ସ ଜବତ କରିବା ସହିତ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଭିଜିଲାନ୍ସ ପକ୍ଷରୁ ଛାନଭିନ ଜାରି ରହିଛି ବୋଲି ଜଗତସିଂହପୁର ଭିଜିଲାନ୍ସ ଡିଏସପି ଅନୁପମା ସାହୁ ସୂଚନା ଦେଇଛନ୍ତି। ଏହି ସମ୍ପର୍କରେ ଭ୍ରଷ୍ଟାଚାର ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା-୭ ଅନୁଯାୟୀ କଟକ ଭିଜିଲାନ୍ସ ଥାନା କେସ୍ ନଂ-୩୪ ତା. ୦୨-୦୯-୨୦୨୬ ରେଜିଷ୍ଟର କରାଯାଇଛି।

---

**୯.୫୯ ଲକ୍ଷ ଟଙ୍କା ହେରଫେର୍**

# ଭିଜିଲାନ୍ସ ଜାଲରେ ପୂର୍ବତନ ପିଇଓ ଓ ସରପଞ୍ଚ

ବାଲେଶ୍ୱର, ୩।୯ (ସମିସ) : ସରକାରୀ ଅର୍ଥ ହେରଫେର ଓ ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଜାଲିଆତି ଅଭିଯୋଗରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଞ୍ଚୁପଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଏବଂ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ ବାଲେଶ୍ୱର ସଦର ବ୍ଲକରେ କାର୍ଯ୍ୟରତ ସଞ୍ଜୟ





କୁମାର ପଣ୍ଡିତଙ୍କୁ ଗିରଫ କରିଛି ବାଲେଶ୍ୱର ଭିଜିଲାନ୍ସ ଟିମ୍। ୨୦୨୧-୨୦୨୨ ମସିହାରେ କେନ୍ଦ୍ରୀୟ ଅର୍ଥ କମିଶନ (ସିଏଫସି) ଓ ରାଜ୍ୟ ଅର୍ଥ କମିଶନ (ଏସଏଫସି) ଆକାଉଣ୍ଟରୁ ବିନା ଅନୁମୋଦନରେ ଟଙ୍କା ପଞ୍ଚାୟତ ପାଣ୍ଠି (ଜିପି ଫଣ୍ଡ)କୁ ଟ୍ରାନ୍ସଫର କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଅଭିଯୁକ୍ତ ସେହି ଆକାଉଣ୍ଟରୁ ଆଡ଼ଭାନ୍ସ ଆକାରରେ ଟଙ୍କା ଉଠାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଖର୍ଚ୍ଚ ଦର୍ଶାଇଥିଲେ ସୁଦ୍ଧା ଏହାର କୌଣସି ଆବଶ୍ୟକ ଫାଇଲ କିମ୍ବା ହିସାବ ରେକର୍ଡ ରଖିନଥିଲେ। ଏହାସହ ପଞ୍ଚାୟତ ପକ୍ଷରୁ ଆଦାୟ ହୋଇଥିବା କିଛି ରାଜସ୍ୱର ରସିଦ ଜାଣିଶୁଣି କ୍ୟାସ୍‌ବୁକ୍‌ରେ ନ ଲେଖିବା ଏବଂ ପୂର୍ବରୁ ଇସ୍ତଫା ଦେଇସାରିଥିବା ନାଏବ ସରପଞ୍ଚଙ୍କ ନାଁରେ ମିଥ୍ୟା ମାସିକ ଦରମା ଦର୍ଶାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ପ୍ରମାଣ ମିଳିଛି। ଏହି ବ୍ୟାପକ ଅନିୟମିତତା ନେଇ ବାଲେଶ୍ୱର ଲୋକାଲ ଫଣ୍ଡ ଅଡିଟ୍ ସମୟରେ ସମୁଦାୟ ୯ ଲକ୍ଷ ୫୯ ହଜାର ୮୭୫ ଟଙ୍କା ସରକାରୀ ଅର୍ଥ ହଡ଼ପ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବାଲେଶ୍ୱର ସଦର ବିଡ଼ିଓ ବାରମ୍ବାର ଚିଠି ଲେଖି ବେଆଇନ ଭାବେ ହଡ଼ପ କରାଯାଇଥିବା ଟଙ୍କାକୁ ସରକାରୀ ବ୍ୟାଙ୍କ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଉଭୟ ତାହାକୁ କାର୍ଯ୍ୟକାରୀ କରିନଥିଲେ। ଶେଷରେ ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପଞ୍ଚାୟତର ଜିପି ଫଣ୍ଡ ଓ ସିଏଫ୍‌ସି ଏବଂ ଏସଏଫସି କ୍ୟାସ ବୁକ୍ ଯାଞ୍ଚ କରି ଅଭିଯୋଗର ସତ୍ୟତା ଥିବାର ଜାଣିବାକୁ ପାଇଥିଲା। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଉଭୟ ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଓ ପିଇଓ ସଞ୍ଜୟ କୁମାର ପଣ୍ଡିତଙ୍କୁ ଗିରଫ କରାଯିବା ସହ ବାଲେଶ୍ୱରର ସ୍ପେଶାଲ୍ ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଘଟଣାରେ ସଂପୃକ୍ତ ଅନ୍ୟ ଦିଗ ପ୍ରତି ଅଧିକ ତଦନ୍ତ ଜାରି ରହିଥିବା ନେଇ ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି।

---

# ଗୁରୁ ଦିବସରେ ସମ୍ବର୍ଦ୍ଧିତ ହେବେ ଅବସରପ୍ରାପ୍ତ ଶିକ୍ଷକ

ଭୁବନେଶ୍ୱର, ୩।୯ (ସମିସ): ଆସନ୍ତା ଗୁରୁଦିବସ ଅବସରରେ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯିବ। ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଓ ଉତ୍ସର୍ଗୀକୃତ ଶିକ୍ଷାଦାନକୁ ସମ୍ମାନ ଦିଆଯିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଳା ନାୟକ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧନା ପ୍ରଦାନ କରିବେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଦ୍ୟାଳୟ ସ୍ତରରେ ଏକ ସ୍ୱତନ୍ତ୍ର କାର୍ଯ୍ୟାବଳୀ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାସହ ଜିଲ୍ଲାୱାରୀ ରିପୋର୍ଟ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

---

# ବିଲରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ବଅଁରପାଳ,୩।୯ (ସମିସ): ବଅଁରପାଳ ଥାନା ଲଙ୍ଗୁଳିଆବେଡ଼ା ଗ୍ରାମର ଜଣେ ଚାଷୀ ଚାଷକାର୍ଯ୍ୟ ପାଇଁ ବିଲକୁ ଯାଇଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗ୍ରାମର ଆଦିକନ୍ଦ ସାହୁ (୬୨) ସକାଳେ ନିକଟସ୍ଥ ବିଲକୁ ଘାସ ବାଛିବା ପାଇଁ ଯାଇଥିଲେ। ଘାସ ବାଛିବା ସମୟରେ ବିଲରେ ଥିବା ଏକ ଖାଲରେ ଅସାବଧାନତା ବଶତଃ ପଡିଯାଇ ଉଠି ପାରିନଥିଲେ। ଫଳରେ ପାଣିରେ ବୁଡିଯାଇ ଶ୍ୱାସରୁଦ୍ଧ ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। କିଛି ସମୟ ପରେ ତାଙ୍କର ପତ୍ନୀ ବିଲକୁ ଯାଇ ଘଟଣା ସମ୍ପର୍କରେ ଜାଣିପାରି ସମସ୍ତଙ୍କୁ ଡାକିଥିଲେ। ସାହିଭାଇ ମାନେ ପ୍ରଥମେ ତାଙ୍କୁ ବଅଁରପାଳ ସରକାରୀ ଡାକ୍ତରଖାନା କୁ ନେଇଥିଲେ ଓ ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠା ଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକ ଆଦିକନ୍ଦ ଜଣେ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

---

**ନଦୀକୁ ଔଷଧ ଫିଙ୍ଗା ଘଟଣା**

# ଷ୍ଟୋର୍‌କିପର ରୂପେନ୍ଦ୍ର ନାଥ ସିଂ ନିଲମ୍ବିତ

ବାରିପଦା, ୩।୯ (ସମିସ): ନଦୀକୁ ସରକାରୀ ଔଷଧ ଓ ଚିକିତ୍ସା ସାମଗ୍ରୀ ଫିଙ୍ଗାଯିବା ଘଟଣାର ତଦନ୍ତ ପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ। ମିଆଦ ଶେଷ ହୋଇଥିବା ଔଷଧ ଓ ଚିକିତ୍ସା ସାମଗ୍ରୀକୁ ନିୟମ ଅନୁସାରେ ନଷ୍ଟ କରିବା ପରିବର୍ତ୍ତେ ନଦୀରେ ଫିଙ୍ଗାଯାଇଥିବା ଘଟଣା 'ସକାଳ'ରେ ବିସ୍ତୃତ ଖବର ପ୍ରକାଶ ପରେ ଏ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ କାହାର ଦାୟିତ୍ୱହୀନତା ରହିଛି ଓ ନିୟମ ଉଲ୍ଲଂଘନ କରି ଔଷଧ ଓ ସାମଗ୍ରୀ କାହିଁକି ଫିଙ୍ଗାଗଲା, ସେନେଇ ତଦନ୍ତ କରାଯାଇଥିଲା। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି ହୋଇଛି। ଗଣମାଧ୍ୟମଙ୍କୁ ସୂଚନା ଦେଇ ଡା ଦାସ କହିଛନ୍ତି, ଔଷଧ ଫିଙ୍ଗା ଘଟଣାର



**'ସକାଳ' ପ୍ରଭାବ**

ତଦନ୍ତ ପରେ ରୂପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବନ କରାଯାଇଛି ଓ ନିୟମ ଅନୁସାରେ ବିଭାଗୀୟ ତଦନ୍ତ ଜାରି ରହିଛି। ନିୟମ ଅନୁଯାୟୀ ମିଆଦ ପୂରିଯାଇଥିବା ଔଷଧକୁ ବାୟୋମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ ଅନୁସାରେ ନଷ୍ଟ ନ କରି ନଦୀରେ ଫିଙ୍ଗି ନିୟମ ଉଲ୍ଲଂଘନ କରାଯାଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ ବିସ୍ତୃତ ତଥ୍ୟ ସ୍ପଷ୍ଟ କରାଯିବ। ଏହି ଘଟଣାକୁ ନେଇ ଏବେ ମଧ୍ୟ ଅନେକ ପ୍ରଶ୍ନ ରହିଛି। କେତେ ପରିମାଣର ଔଷଧ ଓ ଚିକିତ୍ସା ସାମଗ୍ରୀ ନଷ୍ଟ ହୋଇଥିଲା? ଏହାର ମୂଲ୍ୟ କେତେ? ନିୟମ ଅନୁସାରେ ବର୍ଜ୍ୟବସ୍ତୁ ନଷ୍ଟ ନ କରି ନଦୀକୁ କାହିଁକି ଫିଙ୍ଗାଗଲା? କେବଳ ଷ୍ଟୋର କିପର ନା ଆଉ କିଏ ଜଡ଼ିତ ଏସବୁ ନେଇ ତଦନ୍ତରେ ଗୁରୁତ୍ୱ ଦିଆଯିବା ଜରୁରୀ। ସରକାରୀ ଔଷଧର ସୁରକ୍ଷା, ଷ୍ଟୋର ପରିଚାଳନା ଓ ବର୍ଜ୍ୟବସ୍ତୁ ନିଷ୍ପତ୍ତି ପ୍ରକ୍ରିୟା କେତେ ନିୟମସମ୍ମତ ଭାବେ ଚାଲୁଛି, ଏହି ଘଟଣା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।

---

**ଆନ୍ତଃଜିଲ୍ଲା ବିଦ୍ୟୁତ୍ ସାମଗ୍ରୀ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍**

# ୧୬ ଗିରଫ, ୨ କାର ସହ ବିପୁଳ ଟ୍ରାନ୍ସଫର୍ମର କଏଲ୍ ଜବତ

କେନ୍ଦୁଝର, ୩।୯ (ସମିସ): କେନ୍ଦୁଝର ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏକ ବଡ଼ଧରଣର ବିଦ୍ୟୁତ୍ ସାମଗ୍ରୀ ଚୋରି ରାକେଟ୍‌କୁ କେନ୍ଦୁଝର ସମେତ ମୟୂରଭଞ୍ଜ, ଯାଜପୁର, ଅନୁଗୁଳ, ଢେଙ୍କାନାଳ ଏବଂ କଟକ ଜିଲ୍ଲାରୁ ପୁଲିସ ଗିରଫ କରିଛି। ଏହି ରାକେଟ କେନ୍ଦୁଝର ଜିଲ୍ଲାର ୨୦ଟି ସ୍ଥାନରେ ଏଭଳି ଘଟଣା ଘଟାଇଛନ୍ତି। ପୁଲିସର ଏକ ସ୍ୱତନ୍ତ୍ର ଟିମ ଏନେଇ ଗଠନ କରାଯାଇଥିଲା। ଡୁବୁରୀ, ଯାଜପୁର, ଚଣ୍ଡିଖୋଲ, ବଡ଼ଚଣା ଏବଂ ଭୁବନ ଅଞ୍ଚଳରେ ଉକ୍ତ ଟିମ୍ ଚଢ଼ଉ କରିଥିଲା। ଉପରୋକ୍ତ ୬ ଜିଲ୍ଲାରେ ଘଟିଥିବା ଏଭଳି ଚୋରି ଘଟଣାରେ ରାକେଟ ସମ୍ପୃକ୍ତି ଥିବା ଜଣାପଡିଥିଲା। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ସମେତ କେନ୍ଦୁଝର ଟାଉନ, ଦୈତାରୀ ଥାନା, ପାଟଣା ଥାନା, ତୁରୁମୁଙ୍ଗା ଥାନା, ତେଲକୋଇ ଥାନା, କାଞ୍ଜିପାଣି ଥାନା, ନୟାକୋଟ ଥାନା, ସଦର ଥାନା, ସୋସ ଥାନାରେ ରୁଜୁ ହୋଇଥିବା ମାମଲାରେ ସମ୍ପୃକ୍ତ ୧୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଭୁବନ ଥାନା ବଣ୍ଡଳ ଗାଁର ଭ୍ରମରବର ବେହେରା (୪୪), ଭୁବନ ଥାନା କଞ୍ଚନବାହାଲି ଗାଁର ରାହୁଲ ମୁଣ୍ଡା (୨୧), କଟକ ଟାଙ୍ଗି ଥାନା ଭାଟିଆମୁଣ୍ଡା ଗ୍ରାମର ଦିପୁ ଓରଫ ଗୌରାଙ୍ଗ ସାହୁ (୪୦), ମୁର୍ଶିଦାବାଦ ପଶ୍ଚିମବଙ୍ଗ ମିର୍ଜାପୁର ଗ୍ରାମର ମୂଳ ବାସିନ୍ଦା ତଥା ଟାଙ୍ଗି ଥାନା ନିର୍ଗୁଣ୍ଡିରେ ରହୁଥିବା ଜାହିରୁଲ ଶେଖ (୧୯), ଢେଙ୍କାନାଳ ଭୁବନ ଥାନା କାଞ୍ଚନବାହାଲିର ଗୁଡ୍ଡୁ ଓରଫ ଲକ୍ଷ୍ମୀଧର ମୁଣ୍ଡା (୨୬), ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ସିଆରିଆ ଗ୍ରାମର ଦିପୁ ବେହେରା (୨୩), କଳିଙ୍ଗନଗର ଥାନା ଦେଶବନ୍ଧ ଗ୍ରାମର ପବନ ବଦ୍ର (୨୨), ଭୁବନ ଥାନା ନୂଆବଜାରର ବାବୁ ଓରଫ ପ୍ରକାଶଚନ୍ଦ୍ର ସାହୁ (୨୯), ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ସିଆରିଆ ଗ୍ରାମର କମଲଲୋଚନ ନାଏକ (୨୧), କଳିଙ୍ଗନଗର ଥାନା ସିଆରିଆ ଗ୍ରାମର ପ୍ରକାଶ ବେହେରା (୨୧), ଢେଙ୍କାନାଳ ଭୁବନ ଥାନା କାଞ୍ଚନବାହାଲୀର ଅଜୟ ମୁଣ୍ଡା (୧୯), ଯାଜପୁର ରୋଡ଼ ଥାନା ମାନଗୋବିନ୍ଦପୁର ଗ୍ରାମର ଶଙ୍କର ଓରଫ ଟେରା ଦଳେଇ (୧୯), ଯାଜପୁର କଳିଙ୍ଗନଗର ଥାନା ଡୁବୁରୀ ଖଣ୍ଡିଆସାହିର ରଞ୍ଜନ ବେହେରା(୨୮), କଳିଙ୍ଗନଗର ଥାନା ସାରଙ୍ଗପୁରର ରାଜୁ ଦେହୁରୀ (୩୭) ଏବଂ ଯାଜପୁର ବଡ଼ଚଣା ଥାନା ପୁରୁଣାସୁଙ୍ଗୁଡା ଗ୍ରାମର ମହମ୍ମଦ ମାହିର (୨୩)। ଏ ସମସ୍ତ ଅଭିଯୁକ୍ତଙ୍କ ନାମରେ ଓଡ଼ିଶାର ବିଭିନ୍ନ ଥାନାରେ ଶତାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଏନେଇ ତଦନ୍ତ ଚାଲିଥିବା ବେଳେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଓଡି-୦୨-ଡିଜି ୯୮୬୭ ଏବଂ ଓଡି -୦୨-ସିପି -୮୭୭୩ କାର, ୨ କ୍ୟୁଣ୍ଟାଲ ଆଲୁମିନିୟମ ତାର, ୫୦ କେଜି ତମ୍ବା ତାର, ୬୦ କେଜି ତରଳା ଯାଇଥିବା ତମ୍ବା ତାର, ୧୫ କେଜି ଟ୍ରାନ୍ସଫରମର ତାର, ୧୨ ଆଧୁନିକ ମୋବାଇଲ, ୧ ଲକ୍ଷ ୪୫ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଏ ସଂପର୍କରେ ଗୁରୁବାର ସନ୍ଧ୍ୟାରେ ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସବିଶେଷ ସୂଚନା ଦେଇଛି।





# ରାସ୍ତାକଡ଼ରେ ବେଆଇନ ବାଲି ଓ ଚିପ୍ସ ଠୁଳ ନେଲା ଛାତ୍ରଙ୍କ ଜୀବନ





କେନ୍ଦୁଝର,୩।୯(ସମିସ): କେନ୍ଦୁଝର ସହରର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବେଆଇନ ଭାବେ ବାଲି ଏବଂ ଚିପ୍ସ ଠୁଳ କରି ରାସ୍ତା ଅବରୋଧ କରିବା ଜଣଙ୍କ ଜୀବନ ହାନିର କାରଣ ସାଜିଛି। କେନ୍ଦୁଝର ସହର ଲାବଣ୍ୟ ଛକ-ସାହାରପଡା ପୂର୍ତ୍ତ ବିଭାଗ ରାସ୍ତାର କୃଷକ ବଜାର ନିକଟରେ ବୁଧବାର ରାତି ସମୟରେ ରାସ୍ତାରେ ବାଲିଚିପ୍ସ ଠୁଳ କରାଯାଇଥିଲା। ଏହି ରାସ୍ତା କଡ଼ରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଥିବାବେଳେ ବେଆଇନ ଭାବେ ରାସ୍ତା ଉପରେ ବାଲି ଓ ଚିପ୍ସ ଗଦା ହୋଇ ରହିଥିଲା। ବୁଧବାର ରାତିରେ ଶୁଭ୍ରାଂଶୁ ବେହେରା (୨୨) ନାମକ ଜଣେ ଯୁବକ ଏକ ମୋଟର ସାଇକଲରେ ମାଇନିଂ ପଟୁ ଲାବଣ୍ୟ ଛକ ଆଡକୁ ଆସୁଥିବାବେଳେ ବାଇକ୍‌ଟି ଚିପ୍ସ ଗଦା ଉପରେ ଚଢି ଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡିଥିଲେ। ବାଇକଟି ଗଡିଯାଇ ଅନ୍ୟ ଏକ ସ୍କୁଟି ଚାଳକକୁ ଧକ୍କା ହୋଇଥିଲା। ଶୁଭ୍ରାଂଶୁଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଘର କେନ୍ଦୁଝର ସହରର ବଡହଳରେ। ସେ ଶୁଆକାଟୀ ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପାଠ ପଢୁଥିଲେ।

କେନ୍ଦୁଝର ସହରର ଜଣେ ବ୍ୟବସାୟୀ ରାଜରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଦା କରି ଦୀର୍ଘ ୩ ମାସ ହେବ ଏକ ମଲ ନିର୍ମାଣ କରୁଥିଲେ ହେଁ ପୌରପାଳିକା ଏବଂ ଟାଉନ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକ

## ବିପଦ ବଢ଼ାଉଛି ମନମର୍ଜି ରାସ୍ତା ଅବରୋଧ

ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ପୂର୍ତ୍ତ ବିଭାଗର ଏକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ଉକ୍ତ ସ୍ଥାନରୁ ନିର୍ମାଣ ସାମଗ୍ରୀ ହଟାଇବା ପାଇଁ ସମ୍ପୃକ୍ତ ମଲ୍ ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ସାମଗ୍ରୀ ରାସ୍ତା ଉପରୁ ହଟାଇବା ପାଇଁ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ଚିଠି କରିଛନ୍ତି। ବ୍ୟବସାୟିକ ଘର ଏବଂ ଘର ନିର୍ମାଣ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ବାଲି, ଚିପ୍ସ ରାସ୍ତା ଉପରେ ପକାଇ ଅନେକ ଦିନ କାମ ହେଉଥିବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି ଏବଂ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଦା ହୋଇଥିଲେ ଘର ମାଲିକଙ୍କ ନାମରେ ଏତଲା ଦେବା ସହ ଜରିମାନା ଆଦାୟ କରାଯିବା ଏବଂ ପୌରପାଳିକା ପକ୍ଷରୁ ବାଲି, ଚିପ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ରାସ୍ତା ଉପରେ ପକାଇବା ଉପରେ ବାରଣ କରାଯାଇ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଉଛି ବୋଲି ନିର୍ବାହୀ ଅଧିକାରୀ ଲଳିତ ନାୟକ କହିଛନ୍ତି।

# ପ୍ରଣବ ହେଲେ ଘସିପୁରା ଆମ୍ବା ସଭାପତି



ଆନନ୍ଦପୁର, ୩।୯ (ସମିସ): ଘସିପୁରା ବ୍ଲକ ଆମ୍ବାର ସଭାପତି ନିର୍ବାଚନରେ ବିଜେପିର ବରିଷ୍ଠ ନେତା ପ୍ରଣବ ପୁହାଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଶ୍ରୀ ପୁହାଣଙ୍କୁ ବହୁମତ ମିଳିଥିଲା। ଏପରି ଘୋଷଣା ପରେ ବିଜେପି ନେତା ଭଗବାନ ସାହୁ, ଡ଼ ଶମ୍ଭୁନାଥ ରାଉତ, ଗୋଲକ ଜେନା, ଲୁଲୁ ଆଚାର୍ଯ୍ୟ, ରାଧାଶ୍ୟାମ ରଣା, କୃଷ୍ଣ ପରିଡା, ଜିମୂତ ରାଉତ, ବାବନ ଭୂୟାଁ, ଅନାଦି ସାହୁ, ସରୋଜ ସାହୁ, ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଗୋଧୂଳି ଗାଁରେ ହାତୀ ଉଜାଡ଼ିଲେ ଚାଷଜମି

ଚମ୍ପୁଆ, ୩।୯(ସମିସ): ହାତୀ ପଲଙ୍କ ପାଦତଳେ ଉଜୁଡି ଯାଉଛି ଏକର ଏକର ଫସଲ। ଚାଷୀଙ୍କ ଫସଲ ଚିନ୍ତା ବଢୁଥିବା ବେଳେ ଅନ୍ୟପଟେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ। ବନ ବିଭାଗ ଧନ ଜୀବନର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ହାତୀପଲଙ୍କ ଉପରେ ନଜର ରଖିଥିଲେ ହେଁ ହାତୀ ପଲରେ ଶାବକ ରହିଥିବାରୁ ଘଉଡାଇବା ସଫଳ ହୋଇପାରୁ ନାହିଁ। ଶାବକଙ୍କୁ ଧରି ବଢିଲା ବୈତରଣୀ ନଦୀ ପାରି ହେବାକୁ ଅମଙ୍ଗ ହାତୀପଲ। ଫଳରେ ସଞ୍ଜ ନଇଁଲେ ହାତୀଙ୍କ ଉପଦ୍ରବ ବଢିବାରେ ଲାଗିଛି। ଏହି ୧୫ ଟିକିଆ ହାତୀପଲ ଗତ ରାତି ଚମ୍ପୁଆ ଏନଏସିର ଗୋଧୂଳି ଗ୍ରାମରେ ପଶି ପରି ନାଏକ, ଗାନ୍ଧାରୀ ନାଏକ, ଶ୍ରୀଧର ନାଏକଙ୍କ ଧାନ, ମକା ଓ କନ୍ଦମୂଳ ଚାଷ ଉଜାଡି ଦେଇଛନ୍ତି। ଏନେଇ ରେଂଜର ସାଗର ରାଜ ନାୟକ କହିଛନ୍ତି ଯେ ହାତୀ ପଲରେ ଛୋଟ ହାତୀ ଛୁଆ ରହିଥିବା ବେଳେ ବଢିଲା ନଦୀ ପାରି ହେଉନାହାନ୍ତି। ଗ୍ରାମବାସୀଙ୍କୁ ସତର୍କ କରାଯାଉଛି। ଯେଉଁ ଚାଷୀଙ୍କ ଫସଲ ନଷ୍ଟ ହେଉଛି ତାଙ୍କୁ ତୁରନ୍ତ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ। ହାତୀ ପଲଙ୍କୁ ବିରକ୍ତ ନ କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି।

# କନକମଞ୍ଜରୀ ମହିଳା କଲେଜରେ ଚକ୍ଷୁଦାନ ପକ୍ଷ



ଆନନ୍ଦପୁର, ୩।୯(ସମିସ): ଶାଳପଡ଼ା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କରାଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ଜାତୀୟ ସେବାସଂସ୍ଥା ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସୌଭାଗ୍ୟମୟୀ ନାୟକ ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଉଦୟଭାସ୍କର ପଣ୍ଡା ଅଧ୍ୟାପକଅଧ୍ୟାପିକା ଓ ଛାତ୍ରୀମାନଙ୍କ ମାର୍ଗଦର୍ଶନ କରି ଚକ୍ଷୁଦାନ କରିବାକୁ ପରାମର୍ଶ ଦେଇଥିଲେ। ଚକ୍ଷୁ ସହାୟକ କାମଦେବ ପରିଡ଼ା, କର୍ମଚାରୀ ସୁକାନ୍ତ କୁମାର ଜେନା, ଯୁବ ରେଡ୍‌କ୍ରସ ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଚିନ୍ତାମଣି ବେହେରା, ଜାତୀୟ ସେବାସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଛନ୍ଦ୍ରାଣୀ ନାୟକ, ସ୍ୱୟଂସ୍ନିଗ୍ଧା ସ୍ୱାଇଁ ସଭା ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପକଅଧ୍ୟାପିକା, ଛାତ୍ରୀ ଯୋଗ ଦେଇଥିଲେ।

# ମହିଳା ମହାବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ମକ୍‌ଡ୍ରିଲ୍



ଯୋଡ଼ା, ୩।୯(ସମିସ): ଯୋଡ଼ା ସରକାରୀ ମହିଳା ମହାବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଶତାଧିକ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମ୍ମୁଖରେ ଏନ୍‌ଡିଆର୍‌ଏଫ୍ ମୁଣ୍ଡୁଳିର ଅଭିଜ୍ଞ ଦଳ ବିପର୍ଯ୍ୟୟ ସମୟରେ ଉଦ୍ଧାର, ଜରୁରୀ ପ୍ରତିକାର ଓ ଧନଜୀବନ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେହେରା ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡ୍‌କ୍ରସ୍ କାଉନସିଲର ପବିତ୍ର ମୋହନ କର ଓ ଐଶ୍ୱର୍ଯ୍ୟାମୟୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ପଣ୍ଡା, ସୁମନପ୍ରଭା ତୀରକି, ଲିତା ପାତ୍ର, ବବିତାରାଣୀ ସିଂ, ଜଗମୋହନ ଝଙ୍କାର, ଭାରତୀ ଭଗବତୀ, ସ୍ୱାଗତିକା ସାହୁ, ସୁହାସିନୀ ରଥ, ରୁଧେନ୍ଦ୍ର ସାହୁ, ରୁକ୍ମିଣୀ ବେହେରା, ପଙ୍କଜ ଦାସ, ବିଷ୍ଣୁପ୍ରିୟା ପତି ଓ ହେମନ୍ତ ପାତ୍ର ସହଯୋଗ କରିଥିଲେ। ଜିଲ୍ଲା ରେଡ୍‌କ୍ରସ୍ ଯୁଗ୍ମ ସମ୍ପାଦକ ଏଆର୍ ଖାନ ଓ ଆଜୀବନ ସଦସ୍ୟ ସଞ୍ଜୀବ ଓତା ତାଲିମଦାତା ଓ ଶିବିରାର୍ଥୀଙ୍କ ଉତ୍ସାହ ବୃଦ୍ଧି କରିଥିଲେ।

# ଗଞ୍ଜେଇ ଜବତ; ବ୍ୟବସାୟୀ ଗିରଫ

ଆନନ୍ଦପୁର, ୩।୯ (ସମିସ): ଆନନ୍ଦପୁର ଅବକାରୀ ବିଭାଗ କର୍ମଚାରୀମାନେ ଜଣେ ଚୋରା ବ୍ୟବସାୟୀକୁ ଗଞ୍ଜେଇ ସହ ଗିରଫ କରିଛନ୍ତି। ଆନନ୍ଦପୁର ଅବକାରୀ ଥାନାଧିକାରୀ ଅଭିଳାଷ ପାଲ୍ ଅବକାରୀ କର୍ମଚାରୀଙ୍କ ସହ ବିଭିନ୍ନ ସ୍ଥାନରେ ଯାଞ୍ଚ କରିବା ପରେ ଭଗାନଇ ଛକରୁ ପ୍ରାୟ ୧୦ କିଲୋଗ୍ରାମ ଗଞ୍ଜେଇ ସହିତ ଉକ୍ତ ଗ୍ରାମର ଗଣେଶ୍ୱର ସାହୁକୁ ଗିରଫ କରିଥିଲେ। ଏକ ମାମଲା ରୁଜୁ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଛି। ଅବକାରୀ ଥାନା ଏଏସଆଇ ଶୁଭସ୍ମିତା ପ୍ରଧାନ ସନ୍ତୋଷ ବେହେରା ସଂଜୀବ ସେଠୀ ଚଢ଼ଉ ଦଳରେ ସାମିଲ ଥିଲେ।

# ୨ ଫେରାର ଅଭିଯୁକ୍ତ ଗିରଫ

ହାଟଡ଼ିହୀ,୩।୯(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ପୁଲିସ୍ ଗୁରୁବାର ଦୁଇ ଜଣ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କ ବିରୋଧରେ ବିଭିନ୍ନ ମାମଲାରେ ରହିଥିବା ବେଳେ କୋର୍ଟ ପକ୍ଷରୁ ଜାମିନ୍ ବିହୀନ ୱାରେଣ୍ଟ ଜାରି କରାଯାଇଛି। ଧନୁର୍ଜୟପୁର ଗ୍ରାମର ନିରଞ୍ଜନ ଗିରି(୫୫) ଏବଂ ବାଙ୍ଗୋର ଗ୍ରାମ ରଗୁଡ଼ିସାହିର କ୍ଷୀରୋଦ ନାଏକ(୩୬)ଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଆଇନଗତ ପ୍ରକ୍ରିୟା ପରେ କୋର୍ଟରେ ହାଜର କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ଶିଶୁ ମୃତ

ଯୋଡ଼ା, ୩।୯(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଉଡ୍ଡୁଆଁ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଗ୍ରାମର ଗୁରୁଚରଣ ମୁଣ୍ଡାଙ୍କ ମଝିଆଁ ପୁଅ କ୍ରିସନ ମୁଣ୍ଡା, ବୟସ ୮ ବର୍ଷ। ସୂଚନା ଅନୁଯାୟୀ, କ୍ରିସନ ତାଙ୍କ ଭାଇ ରୋହିତ ମୁଣ୍ଡାଙ୍କ ସହ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ହାତକୁ କାମୁଡ଼ିଥିଲା।ପରେ ଶିଶୁଟି ଏ ସମ୍ପର୍କରେ ବାପାମାଆଙ୍କୁ ଜଣାଇଥିଲା। ପରିବାର ଲୋକେ ଘର ଭିତରେ ଏକ ସାପକୁ ମଧ୍ୟ ଦେଖିଥିଲେ। ଶିଶୁଟିକୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର କ୍ରିସନଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଉଡ୍ଡୁଆଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

▶▶ ଯାତ୍ରା ମଞ୍ଚରେ ଅଶ୍ଳୀଳତାର ସୀମା ଟପିଲା

# ଚୌକି ଛାଡ଼ି ପଳାଇଲେ ଦର୍ଶକ

ତୁରୁମୁଙ୍ଗା, ୩।୯(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ରେଙ୍ଗାଳବେଡ଼ାରେ ୩ ଦିନ ଧରି ବନଦୁର୍ଗା ଗଣନାଟ୍ୟ ତରଫରୁ ଯାତ୍ରା ପରିବେଷଣ ହେଉଥିଲା। ବୁଧବାର ରାତିରେ ମଞ୍ଚକୁ ଜଣେ ଆଇଟମ ଗାର୍ଲ ଆସିଥିଲେ। ପରେ ସିଧା ପିନ୍ଧିଥିବା କପଡା ଖୋଲି ଅର୍ଦ୍ଧ ଉଲଗ୍ନ ହୋଇ ନିଜର ନୃତ୍ୟ ପରିବେଷଣ କରିଥିବା ଅଭିଯୋଗ ହୋଇଛି। ସେଠାରେ ଥିବା କିଛି ମହିଳା ଓ ଯୁବତୀ ଚେୟାର ଛାଡି ଉଠି ପଳାଇଥିବା ଜଣାପଡିଛି। ଅଶ୍ଳୀଳ ନୃତ୍ୟର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଯାତ୍ରା ମଞ୍ଚରେ ଏଭଳି ପ୍ରଦର୍ଶନ ଯୁବପିଢ଼ି ଓ ଶିଶୁଙ୍କ ଉପରେ କେତେଦୂର ପ୍ରଭାବ ପକାଇବ ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏନେଇ ତୁରୁମୁଙ୍ଗା ଥାନାଧିକାରୀ କହିଛନ୍ତି, ଯାତ୍ରା ପାଇଁ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କଠାରୁ ଅନୁମତି ଅଣାଯାଇଥାଏ। ତେବେ, କମିଟି ସଦସ୍ୟଙ୍କୁ ଡକାଯାଇଛି। ଅନ୍ୟପକ୍ଷରେ, ଯାତ୍ରାରେ ଏଭଳି ଅଶ୍ଳୀଳ ନୃତ୍ୟ ଉପରେ ପ୍ରଶାଶନ ରୋକ ଲଗାଇବା ସହ ସରକାର ନୂତନ ଆଇନ ଆଣିବାକୁ ଯାତ୍ରାପ୍ରେମୀ ଦାବି କରିଛନ୍ତି। ଯାତ୍ରା ନାମରେ ଏଭଳି ଅଶ୍ଳୀଳ ପ୍ରଦର୍ଶନକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ନେଉଛି ତାହା ଉପରେ ସମସ୍ତଙ୍କ ନଜର।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ୨ ସ୍କୁଲ

ତୁରୁମୁଙ୍ଗା, ୩।୯ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକର ଦୁଇ ସ୍କୁଲ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଛନ୍ତି। ୨୦୨୪ ବର୍ଷ ପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲୁଙ୍ଗା ଏବଂ ୨୦୨୫ ବର୍ଷ ପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଦୟପୁର ବିବେଚିତ ହୋଇଛନ୍ତି। ଏନେଇ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚଳନା କମିଟି ଓ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ବିଦ୍ୟାଳୟର ମୂଲ୍ୟାୟନ ପାଇଁ ୪ଟି ବିଭାଗରେ ମୋଟ ୧୦୦ ମାର୍କର ବିଭିନ୍ନ ମାନଦଣ୍ଡ ରହିଥିଲା। ବିଦ୍ୟାଳୟରେ ସୁନ୍ଦର ଶୈକ୍ଷିକ ବାତାବରଣ ସହ ସବୁଜ ସୁସଜ୍ଜିତ ପରିବେଶ, ଉତ୍ତମ ଶ୍ରେଣୀଗୃହ ଏବଂ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ପ୍ରାଥମିକ ସ୍ତରର ପିଲାଙ୍କ ପାଇଁ ସ୍ୱତନ୍ତ୍ର ମୌଳିକ ସାକ୍ଷରତା ସଙ୍ଖ୍ୟାଜ୍ଞାନ ଶ୍ରେଣୀଗୃହ ସହ ପ୍ରତ୍ୟେକ ଶ୍ରେଣୀରେ ଶିକ୍ଷଣୀୟ ଉପକରଣ ବ୍ୟବହାର କରି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯାଉଛି। ପରିଚ୍ଛନ୍ନତାକୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଶ୍ରେଣୀରେ ଡଷ୍ଟବିନ୍, ଛାତ୍ରଛାତ୍ରୀଙ୍କ ପାଇଁ ଫିଲ୍ଟର ପାନୀୟ ଜଳ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ରହିଛି। ବିଦ୍ୟାଳୟ ପରିସରରେ ସୁନ୍ଦର ବଗିଚା ସହ ୟୁଥ୍ ଆଣ୍ଡ ଇକୋ କ୍ଲବ୍ ଏବଂ ନ୍ୟୁଟ୍ରିସନ୍ ଗାର୍ଡେନ୍ ରହିଛି। ନିଜସ୍ୱ ଖେଳ ପଡ଼ିଆ ଓ ବିଭିନ୍ନ ଖେଳ ସାମଗ୍ରୀ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉପଲବ୍ଧ କରାଯାଇଛି। ସେହିପରି ଜିଲ୍ଲା ଓ ବ୍ଲକସ୍ତରୀୟ କ୍ରୀଡ଼ା, ଶିଶୁ ସୁରଭି, ବାଲ୍ ବୈଜ୍ଞାନିକ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି ଛାତ୍ରଛାତ୍ରୀ। ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ନଥିବା ସହ ପିଲାଙ୍କ ଶିକ୍ଷାଗତ ଦୁର୍ବଳତା ଦୂର ପାଇଁ ରିମେଡିଆଲ୍ କ୍ଲାସ୍ ବ୍ୟବସ୍ଥା କରାଯାଇଛି। 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ଦୁଇ ମହାପୁରୁଷଙ୍କ ପାଠପଢ଼ା ମୂର୍ତ୍ତି ସ୍ଥାପନ କରାଯାଇଛି।

ଆସନ୍ତା ୫ ତାରିଖ ଶନିବାର ଭୁବନେଶ୍ୱର ଲୋକସେବା ଭବନଠାରେ ଦୁଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଲୁଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ଆରୁକ୍, ସହକାରୀ ଶିକ୍ଷକ ଲଳିତ ସାହୁଙ୍କ ସମେତ ଅନ୍ୟ ଦୁଇ ସହକାରୀ ଶିକ୍ଷକଙ୍କ ନେତୃତ୍ୱ ଓ ଉଦ୍ୟମ ସହ ଉଦୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ମହାପାତ୍ର, ସହକାରୀ ଶିକ୍ଷକ ଦେବଜ୍ୟୋତି ସିଂ, ଅରୁଣା ଦେଓ ଜୋତ୍ସ୍ନାମୟୀ ସେଠୀ ଶୈଳେଶ ନାଏକ ତାପସୀ ତପସ୍ୱିନୀ ସ୍ୱାଇଁଙ୍କ ନେତୃତ୍ୱ ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

# ପାନୀୟଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପଞ୍ଚାୟତବାସୀ

ଯୋଡ଼ା, ୩।୯(ସମିସ): ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟାକୁ ଜୁଝୁଥିବା ଯୋଡ଼ା ବ୍ଲକ ବଡ଼କାଳିମାଟି ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳଙ୍କୁ ପତ୍ର ଦିଆଯାଇ ଅଞ୍ଚଳର ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରାଯାଇଛି। ଦର୍ଶାଯାଇଛି ଯେ ଉକ୍ତ ପଞ୍ଚାୟତରେ ମେଗା ପ୍ରକଳ୍ପ ଦ୍ୱାରା ଲୋକଙ୍କ ପାନୀୟ ଜଳ ସମସ୍ୟା ସୁଧୁରି ଠିକଠାକ ଭାବେ ଚାଲିଥିବା ବେଳେ କିଛି କମ୍ପାନୀ ଲୁହା ପରିବହନ ନିମନ୍ତେ ନିଜର ସ୍ଲରି ପାଇପ ବିଛାଇବା ବେଳେ ପାନୀୟଜଳ ଯୋଗାଣର ପାଣି ପାଇପ ଗୁଡିକ ନଷ୍ଟ କରି ପକାଇଛନ୍ତି। ଫଳରେ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଲୋକମାନେ ଦୀର୍ଘ ସମୟ ଧରି ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ବିଶେଷକରି ବର୍ଷା ଋତୁ ଥିବାରୁ ନଦୀ କିମ୍ବା ଚୁଆଗୁଡିକରୁ ପାନୀୟ ଜଳ ସଂଗ୍ରହ ହୋଇପାରୁନାହିଁ। ସମସ୍ୟା ଆହୁରି ଗମ୍ଭୀର ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତବାସୀଙ୍କ ଦାବି ଅନୁଯାୟୀ, ସମସ୍ୟାର ତୁରନ୍ତ ସମାଧାନ ସହ ପାନୀୟ ଜଳ ପ୍ରକଳ୍ପକୁ ସୁଚାରୁ ଭାବେ କାର୍ଯ୍ୟକ୍ଷମ କରାଯାଇ ଲୋକଙ୍କୁ ନିୟମିତ ଜଳ ଯୋଗାଣ କରାଯାଉ। ଏନେଇ ପଞ୍ଚାୟତ ପକ୍ଷରୁ ସରପଞ୍ଚ ପାନପତି ମୁଣ୍ଡା ଓ ସମିତିସଭ୍ୟ ଅଷ୍ଟମୀ ମୁଣ୍ଡା ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

# ଆଦ୍ୱିକ୍ ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ




ଆନନ୍ଦପୁର, ୩।୯(ସମିସ): ଘସିପୁରା ବ୍ଲକ କେଶଦୁରାପାଳସ୍ଥିତ ଆଦ୍ୱିକ ପ୍ଲେ ସ୍କୁଲରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ମହାରଣା ଏବଂ ଅଧ୍ୟକ୍ଷା ଶୁଭସ୍ମିତା ଓଝାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ରାଧା ଓ ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ଆକର୍ଷଣୀୟ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଆଚାର୍ଯ୍ୟା ଅନୀତା ବେହେରା, ପ୍ରିୟଙ୍କା ଓଝା, ଶୁଭସ୍ମିତା ପରିଡ଼ା, ବର୍ଷାରାଣୀ ସାହୁ, ସୁମିତ୍ରା ଓଝା ଓ ରଜନୀ ଟୁଡୁ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଅଭିଭାବକ ଓ ଅଭିଭାବିକାମାନେ କୁନି କୁନି ଶିଶୁଙ୍କ ଚମତ୍କାର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ




ଆନନ୍ଦପୁର, ୩।୯(ସମିସ): ଆନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ ଓ ସମ୍ପୃକ୍ତ କର୍ମଚାରୀ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ପ୍ରଗତି, ନିୟମିତ ଉପସ୍ଥାନ ଓ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି ମଧ୍ୟାହ୍ନ ଭୋଜନର ସୁପରିଚାଳନା ନିମିତ୍ତ ପାଚିକା ନିଯୁକ୍ତି, ପାଠାଗାର ଉନ୍ନତିକରଣ ଏବଂ କ୍ରୀଡାର ଉନ୍ନତି କରିବା ସହ ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ପରିମଳ, ପାନୀୟଜଳ ଓ ଶୌଚାଳୟର ସୁବ୍ୟବସ୍ଥା, ଶିକ୍ଷାଦାନ ସାମଗ୍ରୀ ଓ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସେପ୍ଟେମ୍ବର ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦୁଝର, ୩।୯(ସମିସ): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ସେପ୍ଟେମ୍ବର ମାସ ପାଇଁ 'ଯୁଗ୍ମ ଅଭିଯୋଗ ଶୁଣାଣି' କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଏହି ଶୁଣାଣି ସୋମବାରଗୁଡ଼ିକରେ ସକାଳ ୧୦ଟାରୁ ଅପରାହ୍ନ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୭ ସେପ୍ଟେମ୍ବର ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲ୍, ୨୧ ସେପ୍ଟେମ୍ବର ପଞ୍ଚାୟତସମିତି କାର୍ଯ୍ୟାଳୟ, ଯୋଡ଼ା, ୨୮ ସେପ୍ଟେମ୍ବର ପଞ୍ଚାୟତସମିତି କାର୍ଯ୍ୟାଳୟ, ସାହାରପଡ଼ାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଧାର୍ଯ୍ୟ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ "ଜନଶୁଣାଣି ପୋର୍ଟାଲ"ରେ ପଞ୍ଜିକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

# ଦୁର୍ଘଟଣା ଜୋନ୍ ପାଲଟିଛି ଗୋଡ଼ଭଙ୍ଗା ଘାଟି

■ ବର୍ଷକରେ ଶହେରୁ ଅଧିକ ଦୁର୍ଘଟଣା

■ ଲାଗୁନି ସ୍ପିଡ୍‌ବ୍ରେକର କି ସତର୍କ ସୂଚନା

ଆନନ୍ଦପୁର, ୩।୯ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ସୀମା ତଥା ମୟୂରଭଞ୍ଜ ଜିଲ୍ଲାରେ ରହିଥିବା ଗୋଡଭଙ୍ଗା ଘାଟିରେ ସବୁ ସମୟରେ ଦୁର୍ଘଟଣା। ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବା ଗାଡିଗୁଡିକ ଭାରସାମ୍ୟ ହରାଇ ଏହି ସ୍ଥାନରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ ଏକବର୍ଷ ମଧ୍ୟରେ ଏହି ସ୍ଥାନରେ ୧୦୦ରୁ ଅଧିକ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ଅନେକ ଧନଜୀବନ ହାନି ଘଟିଲାଣି। ୫୩ ନମ୍ବର ରାଜ୍ୟ ରାଜପଥ ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ଏହି ଘାଟି ସମ୍ପର୍କରେ କୌଣସି ସତର୍କ ସୂଚନା ଜାରି କରାଯାଇ ନଥିବାରୁ ଦିନକୁ ଦିନ ଦୁର୍ଘଟଣା ବଢି ଚାଲିଥିବା ନେଇ ସ୍ଥାନୀୟ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି।

ଆନନ୍ଦପୁର ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ଗୋଡଭଙ୍ଗା ଘାଟିର ଲମ୍ବ ସାତକୋଶିଆ ପର୍ଯ୍ୟନ୍ତ ୫ କିମିରୁ ଅଧିକ ହେବ। ତେବେ ଘାଟିଟି ଅତ୍ୟନ୍ତ ତୀକ୍ଷ୍ଣ ଓ ଅନେକ ସ୍ଥାନରେ ବାଙ୍କ ଥିବାରୁ ସବୁ ସମୟରେ ଦୁର୍ଘଟଣା ଘଟୁଛି। ଘାଟିରେ ଆନନ୍ଦପୁର ଆଡକୁ ଏକ ତୀକ୍ଷ୍ଣ ବାଙ୍କ ରହିଥିବାବେଳେ ରାସ୍ତାକୁ ଲାଗି ରହିଛି ମା'ଭଣ୍ଡାରଶୁଣି ବନଦୁର୍ଗାଙ୍କ ମନ୍ଦିର। ପ୍ରାଚୀନ କିମ୍ବଦନ୍ତୀରେ ଭରା ଏହି ଠାକୁରାଣୀଙ୍କ ନିକଟରେ ପ୍ରତିଦିନ



ଫାଇଲ୍ ଫଟୋ

ମାନସିକଧାରୀଙ୍କ ସମାଗମ ହୋଇଥାଏ। ଘାଟି ମଝିରେ ଅନେକ ସମୟରେ ଛୋଟ ଗାଡିଗୁଡିକ ଅଟକି ରହୁଥିବାରୁ ଅନେକ ସମୟରେ ହଠାତ୍ ଉପରୁ ଆସୁଥିବା ଟ୍ରକ ଗୁଡିକ ଦୁର୍ଘଟଣାର ଶିକାର ମଧ୍ୟ ହୋଇଥାଏ। ଏହି ସ୍ଥାନରେ ବାଙ୍କ ରହିଥିବାରୁ ଘାଟିରୁ ଖସୁଥିବା ମାଲବାହି ଗାଡିଗୁଡିକର ବ୍ରେକ ଉପରୁ ନିୟନ୍ତ୍ରଣ ଚାଲିଯାଇ ଦୁର୍ଘଟଣା ମଧ୍ୟ ଘଟୁଥିବାର ସ୍ଥାନୀୟ ଲୋକମାନେ କହିଛନ୍ତି। ରାତି ସମୟରେ ଅନେକ ଦୁର୍ଘଟଣାଗ୍ରସ୍ତ ଗାଡିର ଡ୍ରାଇଭର ହେଲପର ଉପଯୁକ୍ତ ସମୟରେ ଡାକ୍ତରଖାନା ପହଞ୍ଚି ନପାରି ମୃତ୍ୟୁମୁଖରେ ପଡୁଥିବା ଜଣାପଡିଛି। ମୟୂରଭଞ୍ଜ ଜିଲ୍ଲା ତଥା ଆନନ୍ଦପୁର ବ୍ଲକର ୩ଟି ପଞ୍ଚାୟତ ମନୋହରପୁର, ଗୟଳମୁଣ୍ଡା, ପଣଷଡିହାକୁ ଯିବା ପାଇଁ ଏହି ଘାଟି ରାସ୍ତା ହିଁ ଏକମାତ୍ର ମାଧ୍ୟମ ଅଟେ। ସବୁ ସମୟରେ ଏହି ଘାଟିରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ରହିଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ରାସ୍ତା ଘଣ୍ଟାଘଣ୍ଟା ଧରି ବନ୍ଦ ହୋଇ ଯାଉଥିବାରୁ ଯାତାୟତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ କ୍ରେନ୍ ସହାୟତାରେ ଉଠାଇବା ପାଇଁ ମଧ୍ୟ ଅନେକ ସମୟ ଉଭୟ ପାର୍ଶ୍ୱ ରାସ୍ତା ବନ୍ଦ କରାଯାଉଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଘାଟିରେ ବ୍ରେକଫେଲ ହୋଇ ସବୁ ସମୟରେ ଦୁର୍ଘଟଣା ଘଟୁଥିବାନେଇ ଗୋଡଭଙ୍ଗାର ରବୀନ୍ଦ୍ର ହୋ କହନ୍ତି। ରାଇରଙ୍ଗପୁର ରାସ୍ତା ଓ ଗୃହ ବିଭାଗ ଅଧୀନରେ ରହିଥିବା ଏହି ଗୋଡଭଙ୍ଗା ଘାଟି ଅତ୍ୟନ୍ତ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଘାଟି ସମ୍ପର୍କରେ କୌଣସି ଆଖିଦୃଶିଆ ସୂଚନା ଦିଆଯାଇ ନଥିବାରୁ ରାଜ୍ୟ ବାହାରୁ ଆସୁଥିବା ଅଧିକାଂଶ ଗାଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ବିଭାଗ ପକ୍ଷରୁ ଏହି ରାସ୍ତାକୁ ଚାରିଥାକିଆ କରିବା ସହିତ ଏଠାରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସ୍ୱାୟତ୍ତ ଶାସନ ଦିବସ ସମାରୋହ ଉଦ୍‌ଯାପିତ

# ୪ ଜଣ ସମ୍ବର୍ଦ୍ଧିତ, ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟିତ

ବାରିପଦା, ୩।୯ (ସମିସ):

ବାରିପଦା ପୌରପାଳିକା ପକ୍ଷରୁ ଆୟୋଜିତ ତିନିଦିନିଆ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଉଦଯାପିତ ହୋଇଯାଇଛି। ଛଉପଡ଼ିଆନିକଟରେନଗରପାଳକୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ସାଂସଦ ନବଚରଣ ମାଝୀ ଓ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ସହିତ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଛନ୍ତି। ୨୮ଟି ୱାର୍ଡ଼ର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଥିବା ୨୬ଟି ହାଇମାଷ୍ଟ ଷ୍ଟ୍ରିଟ୍ ଲାଇଟ୍, ଗୋଟିଏ ଭ୍ରାମ୍ୟମାଣ ପ୍ରାଣୀ ଉଦ୍ଧାର ଯାନ ଓ ପୌରାଞ୍ଚଳର ସଫେଇ ନିମନ୍ତେ ଦ୍ୱିତୀୟ ସଙ୍ଗଚାଳିତ ସଫେଇ ଗାଡିକୁ ଲୋକାର୍ପିତ କରିଛନ୍ତି।

ପରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉଦଯାପନୀ ସମାରୋହରେ ଅତିଥିମାନେ ଯୋଗଦେଇ ବାରିପଦା ପୌରପାଳିକାର ସଫଳ କାର୍ଯ୍ୟଧାରାର ପ୍ରଶଂସା କରିଥିଲେ। ପୌରାଞ୍ଚଳର ଉନ୍ନତି ନେଇ ଆଗକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ଏ ଅବସରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧର୍ମ ପ୍ରଚାରକ ଭାଗବତ ପଣ୍ଡା, ୧୩୯ ଥର ରକ୍ତଦାନ କରିଥିବା ବିଶିଷ୍ଟ ରକ୍ତଦାତା ନିରୋଜ ପୋଥାଳ, ବିଶିଷ୍ଟ ଫଟୋଗ୍ରାଫର ସୁବ୍ରତ ସାହୁ ଓ ସମାଜସେବା ପାଇଁ ସତ୍ୟସାଇ ସେବା ସଙ୍ଗଠନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି। ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବ୍ୟାବହିତ ପୂର୍ବରୁ ବିଭିନ୍ନ ବର୍ଗରେ ଆୟୋଜିତ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା



### ୨ଟି ଯାନ ଲୋକାର୍ପିତ

ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ସଙ୍ଘସହାୟିକା ଗୋଷ୍ଠୀଙ୍କୁ ନେଇ ଆୟୋଜିତ ଶଙ୍ଖ ଫୁଙ୍କା, ହୁଳୁହୁଳି, ହାଣ୍ଡି ଫଟା ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାର କୃତୀ ମହିଳା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଓ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍.ଜେ. ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ



ବଡ଼ସାହି, ୩।୯ (ସମିସ): ଯୋଗିନୂଆଗାଁସ୍ଥ ସୁବାସିନୀ ଜେମାମଣି ସରକାରୀ ଉଚ୍ଚବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ଆୟୋଜିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ପ୍ରବୀଣା ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସଂସ୍କୃତ ଶିକ୍ଷକ ରଞ୍ଜନ ପଣ୍ଡା ବେଦପାଠ ସହିତ ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ସଂସ୍କୃତର ଆବଶ୍ୟକତା ଦର୍ଶାଇବା ସହିତ ନୈତିକ ଶିକ୍ଷାଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୟ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନୀରଦ ସୁନ୍ଦର ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ନରହରି ମହାନ୍ତ, ଶିକ୍ଷୟିତ୍ରୀ ଶୋଭା ମହାପାତ୍ର, ସିନଗୋ ହାଁସଦା, ଶିବାନୀ ମହାପାତ୍ର, ଶିକ୍ଷକ ତିମାଂଶୁ ମହାନ୍ତ, ତ୍ରୈଲୋଚନ ମହାନ୍ତ ଯୋଗ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲୁକ ଆଇନ୍ ସହାୟତା କମିଟି ପକ୍ଷରୁ ସଚେତନତା

ଉଦଳା, ୩।୯ (ସମିସ): ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଶିଶୁ ନିର୍ଯାତନା ଓ ପୀଡ଼ିତାଙ୍କୁ ଆଇନଗତ କ୍ଷତିପୂରଣ ପ୍ରଦାନ, ପକ୍‌ସୋ ଆଇନ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଉଦଳା ସରକାରୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଉଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ତାଲୁକ୍ ଆଇନ ସହାୟତା କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରି ପକ୍‌ସୋ ଆଇନର ବିଭିନ୍ନ ଦିଗ ଓ ଶିଶୁ, କିଶୋରୀ ନାବାଳିକାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ପୀଡ଼ିତାଙ୍କୁ ଦିଆଯାଉଥିବା କ୍ଷତିପୂରଣ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରୀଙ୍କୁ ଏଥିରେ ସଚେତନ ହେବାକୁ କହିଥିଲେ। ଉଦଳା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁରାଗ ଦେହୁରୀ ପକ୍‌ସୋ ଆଇନ, ତାହାର କାର୍ଯ୍ୟକାରିତା ଓ ପୀଡ଼ିତାଙ୍କୁ ଦିଆଯାଉଥିବା ଆଇନଗତ ସାହାଯ୍ୟ, ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ଓ କ୍ଷତିପୂରଣ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡା, ବରିଷ୍ଠ ଆଇନଜୀବୀ ମକରନ୍ଦ ପଲେଇ, ରିଟେନର ଆଇନଜୀବୀ କମଳାକାନ୍ତ ମହାନ୍ତି, ଆଇନଜୀବୀ ଶାଶ୍ୱତ ତ୍ରିପାଠୀ, ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ବାସନ୍ତୀ ସାହୁ, ମହିଳା ଆଇନଜୀବୀ ହରପ୍ରିୟା ହାଁସଦା ପ୍ରମୁଖ ପକ୍‌ସୋ ଆଇନ ଓ ନ୍ୟାୟ ପ୍ରଦାନ ସମ୍ପର୍କରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିବା ସହିତ ଏ ଦିଗରେ ସଚେତନ ହେବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ କର୍ମଚାରୀ ତଥା ତାଲୁକ୍ ଆଇନ୍ ସେବା କମିଟି ଦାୟିତ୍ୱରେ ଥିବା ସନତ କୁମାର ସେଠୀ ସହଯୋଗ କରିଥିଲେ।



## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଏମ୍‌ସିଏ ଓ ଏମବିଏ ପାଇଁ ସ୍ପଟ୍ ଆଡମିଶନ

ବାରିପଦା, ୩।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାବର୍ଷ-୨୦୨୬ ପାଇଁ ଏମସିଏ ଓ ଏମବିଏ ପାଠ୍ୟକ୍ରମରେ ସ୍ପଟ୍ ନାମଲେଖା ନିମନ୍ତେ ବିଜ୍ଞପ୍ତି ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ରାଇରଙ୍ଗପୁରସ୍ଥ 'ସ୍କୁଲ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି'ରେ ଏମସିଏ (ସେଲ୍ଫ ଫାଇନାନ୍ସ) ଓ ବାରିପଦା କ୍ୟାମ୍ପସରେ ଏମବିଏ ପାଠ୍ୟକ୍ରମରେ ଖାଲିଥିବା ଆସନ ପାଇଁ ଏହି ସ୍ପଟ୍ ଆଡମିଶନ ଅନୁଷ୍ଠିତ ହେବ। ଏମସିଏ ପାଇଁ ଓଜେଇଇ-୨୦୨୬ କିମ୍ବା ଏନଆଇଏମସିଇଟି ସ୍କୋରକାଡର୍ ଧାରୀ ପ୍ରାର୍ଥୀ, ଏମବିଏ ପାଇଁ ଓଜେଇଇ-୨୦୨୬ କିମ୍ବା ସିଏଟି/ଏମଏଟି/ଏକ୍ସଏଟି/ଏଟିଏମଏ/ସିଏମଏଟି ଭଳି ଜାତୀୟ ସ୍ତରୀୟ ପରୀକ୍ଷାରେ ବୈଧ ସ୍କୋର ଥିବା ପ୍ରାର୍ଥୀଙ୍କ ଯୋଗ୍ୟତା ଆବଶ୍ୟକ ଓଜେଇଇ-୨୦୨୬ ସାଧାରଣ ର୍‌ୟାଙ୍କ୍ ଆଧାରରେ ଚୟନ ପ୍ରକ୍ରିୟା ହେବ। ୯ ତାରିଖ (ସକାଳ ୧୦:୩୦ରୁ ଅପରାହ୍ନ ୦୩:୦୦) ରିପୋର୍ଟିଂ ସମୟ ଥିବାବେଳେ ସେହିଦିନ ସନ୍ଧ୍ୟା ୫ଟାରେ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୧୦ ତାରିଖ (ସକାଳ ୧୦:୩୦ ରୁ ଅପରାହ୍ନ ୦୫:୦୦ ମଧ୍ୟରେ) ନାମଲେଖା ସମୟ ରହିଛି। ଏମସିଏ ପ୍ରାର୍ଥୀଙ୍କ ପାଇଁ ଆଡମିଶନ୍ ଇନ୍‌ଚାର୍ଜ, ସ୍କୁଲ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି, ରାଇରଙ୍ଗପୁର ବ୍ଲକ୍ ପଡ଼ିଆ (ମହିଳା କଲେଜ ସାମ୍ନା), ରାଇରଙ୍ଗପୁର ରିପୋର୍ଟିଂ ସ୍ଥାନ ଥିବାବେଳେ ୭୯୭୮୫ ୬୮୦୧୭ରେ ଯୋଗାଯୋଗ କରିପାରିବେ। ସେହିପରି ଏମବିଏ ପ୍ରାର୍ଥୀଙ୍କ ପାଇଁ ଆଡମିଶନ୍ ଇନ୍‌ଚାର୍ଜ, ବିଭାଗୀୟ କାର୍ଯ୍ୟାଳୟ ଏମଏସସିବି ବିଶ୍ୱବିଦ୍ୟାଳୟ, ବାରିପଦା ରିପୋର୍ଟିଂ ସ୍ଥାନ ଥିବାବେଳେ ୯୪୩୭୩ ୭୬୨୪୩ ଯୋଗାଯୋଗ ନମ୍ବର ରହିଛି। ଆଗ୍ରହୀ ଛାତ୍ରଛାତ୍ରୀ ନିର୍ଦ୍ଧାରିତ ତାରିଖରେ ନିଜର ଓଜେଇଇ ର୍‌ୟାଙ୍କ୍ କାଡର୍, ସମସ୍ତ ମୂଳ ପ୍ରମାଣପତ୍ର, ମାର୍କସିଟ୍ ଓ ଗୋଟିଏ ସେଟ୍ ଫଟୋକପି ସହିତ ନିଜେ ଉପସ୍ଥିତ ରହି ରିପୋର୍ଟ କରିବାକୁ କୁହାଯାଇଛି। ଅଧିକ ବିବରଣୀ ପାଇଁ ପ୍ରାର୍ଥୀ ବିଶ୍ୱବିଦ୍ୟାଳୟର ସରକାରୀ ୱେବସାଇଟ୍ ପରିଦର୍ଶନ କରିପାରିବେ ବୋଲି ପିଜି କାଉନସିଲ ଅଧ୍ୟକ୍ଷ କମଳଲୋଚନ ବାରିକ ଜଣାଇଛନ୍ତି।

## ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

# ବଡ଼ସାହି ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି ବୈଠକ

ବଡ଼ସାହି, ୩।୯ (ସମିସ): ମୁଣ୍ଡାରୀ ଭାଷା ସମନ୍ୱୟ କେନ୍ଦ୍ରୀୟ କମିଟି ନିଷ୍ପତ୍ତିକ୍ରମେ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବି ନେଇ ପ୍ରତ୍ୟେକ ବ୍ଲକ୍‌ସ୍ତରୀୟ ସମାବେଶ ଆୟୋଜନ କରି ଦାବିପତ୍ର ପ୍ରଦାନ କରାଯିବ। ଏହି କ୍ରମରେ ଗୁରୁବାର ବଡ଼ସାହି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବଡ଼ସାହି ବ୍ଲକ୍‌ସ୍ତରୀୟ ସମାବେଶର ସଫଳତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ ସଭାପତିତ୍ୱ କରିଥିଲେ। ଉକ୍ତ ପ୍ରସ୍ତୁତି ବୈଠକରେ ଆସନ୍ତା ୨୮ ତାରିଖ ବଡ଼ସାହି ବ୍ଲକ୍‌ସ୍ତରୀୟ ସମାବେଶ ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମାବେଶରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବଡ଼ସାହି ବ୍ଲକ ଅଧ୍ୟକ୍ଷା ମିନତି ସିଂ, ସାନକେରକୋ ପଞ୍ଚାୟତ ସରପଞ୍ଚ ସହଦରି ସିଂ, ଛେଳିଆ ପଞ୍ଚାୟତ ସରପଞ୍ଚ ପ୍ରିୟଲତା ସିଂ, ଦେଉଳିଆ ସରପଞ୍ଚ ତୁଳସୀ ସିଂ, ବଡ଼ସାହି ସରପଞ୍ଚ ବୁଧୁରାମ ସିଂ, କୋଚିଲାଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂ, ଖାନୁଆ ପଞ୍ଚାୟତର ସମିତି ସଭ୍ୟ ପଦ୍ମଲୋଚନ ସିଂ, ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପର୍ଯ୍ୟବେକ୍ଷକ ଶଶିଧର ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ପାହାନ ବସନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ବଡ଼ସାହି ବ୍ଲକ ସମ୍ପାଦିକା ଶାନ୍ତିଲତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



## ଏନ୍‌ସିସି ଶିବିରରେ ଅସନଯୋଡ଼ା ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟର କୃତିତ୍ୱ

ବାରିପଦା, ୩।୯ (ସମିସ): ଭୁବନେଶ୍ୱରସ୍ଥ ସୋଆ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଏନସିସି ତାଲିମ ଶିବିରରେ ମୟୂରଭଞ୍ଜ ଜିଲ୍ଲାର ଅସନଯୋଡା ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ କୃତିତ୍ୱ ହାସଲ କରିଛି। ୨୦୨୬-୨୭ ଶିକ୍ଷାବର୍ଷର ଏ ସାର୍ଟିଫିକେଟ ପରୀକ୍ଷାରେ ସାମିଲ ହେବା ପାଇଁ ୱାନ (ଓଡ଼ିଶା) ଗାର୍ଲ୍ସ ବାଟାଲିୟନ (ଏନସିସି) ଅଧୀନରେ ଥିବା ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୩୭ ଜଣ କ୍ୟାଡେଟ୍ କାପୁରାମଣି ମାରାଣ୍ଡିଙ୍କ ନେତୃତ୍ୱରେ ଶିବିରରେ ସଫଳତାର ସହ ଅଂଶଗ୍ରହଣ କରିଥିଲେ। ଶିବିରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅସନଯୋଡା ବିଦ୍ୟାଳୟର କ୍ୟାଡେଟ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରି ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ସହ ବିଜେତା ଟ୍ରଫି ହାସଲ କରିଛନ୍ତି। କେବଳ ସେତିକି ନୁହେଁ, ଜର୍ମାନ ଡ୍ରିଲରେ ନିଜର ଶୃଙ୍ଖଳା ଦେଖାଇ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛନ୍ତି। ଏହି ଶିବିରରେ ସବୁଠୁ ଗୌରବର ବିଷୟ ଥିଲା ଶ୍ରେଷ୍ଠ ନେତୃତ୍ୱ ପୁରସ୍କାର। ବ୍ରହ୍ମପୁର, ସମ୍ବଲପୁର ଓ କଟକ ଗ୍ରୁପର ପ୍ରାୟ ୨୨ଟି ଦଳ ମଧ୍ୟରୁ ଏହି ଅନୁଷ୍ଠାନର ନବମ ଶ୍ରେଣୀର ଛାତ୍ରୀ ରଶ୍ମିତା ହାଁସଦାଙ୍କୁ ତାଙ୍କର ଉତ୍କୃଷ୍ଟ ନେତୃତ୍ୱ ପାଇଁ ବେଷ୍ଟ ଲିଡରସିପ ସମ୍ମାନରେ ସମ୍ମାନିତ କରାଯାଇଛି। କ୍ୟାଡେଟଙ୍କ ଏହି ଅଭୂତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଷଡଙ୍ଗୀ, ସମସ୍ତ ଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ● ମୋବାଇଲ ଫୋନ ଫେରସ୍ତ ମେଳା

## ୪୭ ମାଲିକଙ୍କୁ ହଜିଥିବା ମୋବାଇଲ ହସ୍ତାନ୍ତର

ବାରିପଦା, ୩।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ଆୟୋଜିତ ମୋବାଇଲ ଫୋନ ଫେରସ୍ତ ମେଳା ମାଧ୍ୟମରେ ୪୭ ଜଣ ମାଲିକଙ୍କୁ ସେମାନଙ୍କ ହଜିଯାଇଥିବା ମୋବାଇଲ ଫୋନ ଫେରସ୍ତ ଦିଆଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ହଜିଯାଇଥିବା ତଥା ଚୋରି ହୋଇଥିବା ମୋବାଇଲ ଫୋନ ଜିଲ୍ଲା ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ଉଦ୍ଧାର କରାଯାଇଥିବାବେଳେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋବାଇଲ ଫେରସ୍ତ କରାଯାଇଛି। ସାଇବର ଥାନା ଡିଏସପି ଅଜୟ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ହଜିଥିବା ମୋବାଇଲ ଫେରିପାଇ ମାଲିକମାନେ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।



## ପ୍ରଧାନମନ୍ତ୍ରୀଙ୍କ ଏଆଇ ନିର୍ମିତ ଅପମାନଜନକ ଛବି ସୋସିଆଲ ମିଡ଼ିଆରେ ପ୍ରଚାର ଅଭିଯୋଗ

### ଜଣେ ଗିରଫ

ବାରିପଦା, ୩।୯ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏଆଇ ମାଧ୍ୟମରେ ପ୍ରସ୍ତୁତ ଏକ ଅପମାନଜନକ ଓ ବିକୃତ ଛବି ସୋସିଆଲ ମିଡ଼ିଆରେ ପ୍ରଚାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ମନୀଷ ବେହେରାଙ୍କ ନାମରେ ବିଜେପି ଯୁବ ମୋର୍ଚ୍ଚା, ମୟୂରଭଞ୍ଜ (ପୂର୍ବ) ପକ୍ଷରୁ ମୟୂରଭଞ୍ଜ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏଥିସହିତ ଅଭିଯୋଗପତ୍ରର ଏକ ନକଲ ବାରିପଦା ଟାଉନ ଥାନାରେ ମଧ୍ୟ ଦାଖଲ କରାଯାଇଛି। ଏହି ଅଭିଯୋଗ ସମୟରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୂରଜ ଲାହୋର, ଜିଲ୍ଲା ସାଧାରଣ ସମ୍ପାଦକ ସାଇରଞ୍ଜନ ଲେଙ୍କା, ଜିଲ୍ଲା ଉପସଭାପତି ରତିକାନ୍ତ ଦାସଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଏଥିସହିତ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ କରାଯାଉଛି। ଅଭିଯୋଗକାରୀଙ୍କ ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସୋସିଆଲ ମିଡ଼ିଆରେ ଉକ୍ତ ଛବି ପ୍ରସାରଣରେ ପ୍ରକୃତରେ କିଏ ଜଡ଼ିତ ଅଛନ୍ତି, ତାହା ତଦନ୍ତ ମାଧ୍ୟମରେ ସ୍ପଷ୍ଟ କରିବା ସହିତ ଆଇନ ଉଲ୍ଲଂଘନ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଯଥାଯଥ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଆଇ ପ୍ରଯୁକ୍ତିର ଦୁରୁପଯୋଗ କରି କୌଣସି ବ୍ୟକ୍ତିଙ୍କ ଛବିକୁ ବିକୃତ କିମ୍ବା ଅପମାନଜନକ ଭାବେ ପ୍ରଚାର କରାଯିବା ଉଚିତ ନୁହେଁ ବୋଲି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

## ● କରଞ୍ଜିଆ ସହରରେ ଖାଦ୍ୟ ଯାଞ୍ଚ

# ୨୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ

କରଞ୍ଜିଆ, ୩।୯ (ସମିସ): କରଞ୍ଜିଆ ସହରରେ ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଓ ନିରାପତ୍ତା ଯାଞ୍ଚ ନିମନ୍ତେ ବୁଧବାର ଏକ ମିଳିତ ଫୁଡ୍ ସେଫ୍ଟି ଦଳ ପକ୍ଷରୁ ବିଭିନ୍ନ ଖାଦ୍ୟ ଦୋକାନ ଓ ମେଳା ପରିସରରେ ଚଢ଼ଉ କରାଯାଇଛି। ଖାଦ୍ୟର ମାନ, ପ୍ରସ୍ତୁତି ପ୍ରଣାଳୀ, ସଂରକ୍ଷଣ ବ୍ୟବସ୍ଥା, ପରିଚ୍ଛନ୍ନତା ଓ ପ୍ୟାକେଟରେ ଉଲ୍ଲେଖିତ ବ୍ୟବହାର ଅବଧି ଆଦି ଯାଞ୍ଚ କରାଯାଇଥିଲା। ଏହି ମିଳିତ ଚଢ଼ଉରେ ରାଇରଙ୍ଗପୁର ଫୁଡ୍ ସେଫ୍ଟି ଅଧିକାରୀ ସୌମ୍ୟକାନ୍ତ ନାୟକ, କନିଷ୍ଠ ଅଧିକାରୀ ରାଜକିଶୋର ମହାନ୍ତ, କରଞ୍ଜିଆ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁଙ୍କ ସମେତ ଏନ୍‌ଏସି କର୍ମଚାରୀ ଓ କରଞ୍ଜିଆ ଥାନା କର୍ମଚାରୀ ସାମିଲ ଥିଲେ। ଟିମ୍ ପକ୍ଷରୁ ସହରର ବିଭିନ୍ନ ଖାଦ୍ୟ ଦୋକାନରେ ଯାଞ୍ଚ କରାଯିବା ସହ ମିଳନ ପଡିଆ ପରିସରରେ ଚାଲିଥିବା ମେଳାର ବିଭିନ୍ନ ଖାଦ୍ୟ ଷ୍ଟଲ୍ ମଧ୍ୟ ଯାଞ୍ଚ କରାଯାଇଥିଲା। ଖାଦ୍ୟ ପ୍ରସ୍ତୁତି ସ୍ଥାନର ପରିଚ୍ଛନ୍ନତା, ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଓ ପ୍ୟାକେଟ୍‌ରେ ଥିବା ଅବଧି ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଯାଞ୍ଚ ସମୟରେ କେତେକ ଦୋକାନରୁ ଅବଧି ସରିଯାଇଥିବା ଖାଦ୍ୟ ସାମଗ୍ରୀ ମିଳିଥିଲା। ଏପରି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀଙ୍କ ବିରୋଧରେ ନିୟମାନୁସାରେ ଜରିମାନା ଆଦାୟ କରାଯାଇଛି। ୨୫ଟି ଦୋକାନରେ ଚଢ଼ଉ କରାଯାଇ ୨୬,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଖାଦ୍ୟ ବ୍ୟବସାୟୀ ଖାଦ୍ୟ ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା, ଗ୍ରାହକଙ୍କୁ ମାନସମ୍ମତ ଓ ନିରାପଦ ଖାଦ୍ୟ ଯୋଗାଇବା, ଅବଧି ସରିଥିବା ଖାଦ୍ୟ ସାମଗ୍ରୀ ବିକ୍ରି ନ କରିବା ପାଇଁ ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ ସଚେତନ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଡ଼ସାହି, ୩।୯ (ସମିସ): ଚାକିରି ପାଇବା ସମୟର ଖୁସି ଓ ଅବସର ସମୟର ଦୁଃଖ ପ୍ରାୟ ସମସ୍ତ କର୍ମଚାରୀଙ୍କ ଜୀବନରେ ଆସିଥାଏ। ଚାକିରିରେ ନିଯୁକ୍ତି ଓ ଅବସର ମଧ୍ୟରେ କର୍ମମୟ ଜୀବନର ଯେଉଁ ବ୍ୟବଧାନ ରହିଲା ତାହା ହେଉଛି ସ୍ମୃତି। ତେଣୁ ସମସ୍ତେ ଏପରି କର୍ମ କରିବା ଦରକାର ଯେପରି ତାଙ୍କ କର୍ମ ଭବିଷ୍ୟତ ପାଇଁ ତାଙ୍କ ସ୍ମୃତି ହୋଇରହିବ ଓ ସମାଜ ତାଙ୍କୁ ସବୁଦିନ ପାଇଁ ମନେ ରଖିବ ବୋଲି ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବଡସାହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିରାମ ନାଏକ, ବରିଷ୍ଠ କିରାଣି ମଦନମୋହନ ଦାସ, କନିଷ୍ଠ କିରାଣି ବାସୁଦେବ ଗିରି, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସଂଜୟ ଜେନା ପ୍ରମୁଖ ଯୋଗଦେଇ କେନ୍ଦୁଆସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରେବତୀ ପଣ୍ଡାଙ୍କ କର୍ମମୟ ଜୀବନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ଭାଇଚାରା ମନୋଭାବ, ବିଦ୍ୟାଳୟ ପ୍ରତି ରହିଥିବା ତ୍ୟାଗ ଓ ତାଙ୍କର ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ହେମ୍ବ୍ରମ ତାଙ୍କୁ ସମସ୍ତ ପେନସନ କାଗଜପତ୍ର ପ୍ରଦାନ କରିଥିଲେ।

## ● ପୁଣି ଚୋର ଗ୍ୟାଙ୍ଗ ସକ୍ରିୟ

## ମଙ୍ଗଳା ମନ୍ଦିରରୁ ସୁନା ଅଳଙ୍କାର ଚୋରି

ମୋରଡ଼ା, ୩।୯ (ସମିସ): ମୋରଡା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବାରମ୍ବାର ଚୋରି ଡକାୟତି ବଢ଼ିଚାଲିଛି। ଦୁଇ ମାସ ମଧ୍ୟରେ ଜଣଙ୍କ ଘରୁ ସୁନା ଗହଣା, ଅନ୍ୟ ଜଣଙ୍କ ଘରୁ ବାଇକ, ପିକଅପ ଭ୍ୟାନ ଭଳି ଅନେକ ଚୋରି ହୋଇଥିବା ନେଇ ମୋରଡା ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ହାତ ଖାଲିପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ମୋରଡା ଥାନା ଅନ୍ତର୍ଗତ ପଟାକୁଣ୍ଡିଆ ଆଦର୍ଶ ଗାଁରେ ଥିବା ବାଟ ମଙ୍ଗଳା ମନ୍ଦିରରୁ ସୁନା ଅଳଙ୍କାର ଚୋରି ହୋଇଛି। କିଛିଦିନ ପୂର୍ବରୁ ମଧ୍ୟ ଉକ୍ତ ମନ୍ଦିରରୁ ଚୋରି ହୋଇଥିଲା। ସବୁଠୁ ବଡ କଥା ହେଲା ମୋରଡା ଥାନାଠାରୁ ଉକ୍ତ ମନ୍ଦିରର ଦୂରତା ମାତ୍ର ଦୁଇରୁ ତିନି କିମି ଦୂର। ସେହିପରି ବୁଧବାର ବିଳମ୍ବିତ ରାତିରେ ଉକ୍ତ ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ହଳଦୀପାଳ ଗ୍ରାମର ଗଗନବିହାରୀ ଦଳେଇଙ୍କ ଦୁଇଟି ଛେଳି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ବାରମ୍ବାର ଚୋରି ଡକାୟତି ଯୋଗୁଁ ପୁଲିସ ଉପରେ ସାଧାରଣ ଲୋକଙ୍କ ଭରସା କମିବାରେ ଲାଗିଛି। ଅପରପକ୍ଷରେ ପୁଲିସର ପାଟ୍ରୋଲିଂ ନ ଥିବା ଯୋଗୁଁ ଏଭଳି ବାରମ୍ବାର ଚୋରି ହେଉଛି।

## ଲଗାଣ ବର୍ଷାରେ ଧୋଇଯାଇଛି ମାଜଣାଡିହ ରାସ୍ତା

# ଯାତାୟାତରେ ଘୋର ସମସ୍ୟା, ମରାମତି ଦାବି

ରାସଗୋବିନ୍ଦପୁର, ୩।୯ (ସମିସ):


ଲଗାଣ ବର୍ଷା ଯୋଗୁଁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କମାରଡିହା ପଞ୍ଚାୟତର ମାଜଣାଡିହ ରାସ୍ତା ଧୋଇଯାଇ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷାଜଳର ପ୍ରବଳ ସ୍ରୋତରେ ରାସ୍ତାର ବିଭିନ୍ନ ସ୍ଥାନ ଧୋଇଯାଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଧସିଯାଇଛି। ଏଥିସହ ରାସ୍ତାସାରା ଛୋଟବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଉକ୍ତ ରାସ୍ତାର ମରାମତି କରାଯିବାକୁ ଦାବି ହେଉଛି।

ନାକିଚୁଆ ଓ କମାରଡିହା ପଞ୍ଚାୟତର ବହୁ ଲୋକ ଦୈନନ୍ଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ। ବିଶେଷକରି ବସ୍ତା ଡାକ୍ତରଖାନା, ରେଳଷ୍ଟେସନ ଓ ବଜାରକୁ ଯିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ମାର୍ଗ। ଉକ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ରୋଗୀ, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀଙ୍କ ସମେତ ଦୈନନ୍ଦିନ ଯାତାୟାତକାରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷା ହେଲେ ରାସ୍ତାର ଖାଲଖମାରେ ପାଣି ଜମି ରହୁଥିବାରୁ ଯାତ୍ରୀଙ୍କ ପାଇଁ ଖାଲ ଚିହ୍ନଟ କରିବା କଷ୍ଟକର ହେଉଛି। ଫଳରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟାନ୍ୟ ଜରୁରିକାଳୀନ ଯାନବାହନ ଚଳାଚଳରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାର ଏଭଳି ଦୁରବସ୍ଥା ପ୍ରତି ଦୀର୍ଘଦିନ ଧରି ସମ୍ପୃକ୍ତ ବିଭାଗର ଦୃଷ୍ଟି ପଡୁ ନ ଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷାଋତୁରେ ଯଦି ରାସ୍ତାର ତୁରନ୍ତ ମରାମତି କରାନଯାଏ, ତେବେ ଆଗାମୀ ଦିନରେ ସମସ୍ୟା ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ଏହି ରାସ୍ତାର ଗୁରୁତ୍ୱ ଓ ଦୁଇ ପଞ୍ଚାୟତର ହଜାର ହଜାର ଲୋକଙ୍କ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ତୁରନ୍ତ ରାସ୍ତା ମରାମତି କରି ଏହାକୁ ଯାତାୟାତ ଉପଯୋଗୀ କରିବାକୁ ନାକିଚୁଆ ଓ କମାରଡିହା ପଞ୍ଚାୟତବାସୀ ଦାବି କରିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।
-ବିବେକାନନ୍ଦ

## ପରିସଂଖ୍ୟାନର 'ଭଙ୍ଗାଗ୍ଲାସ ତତ୍ତ୍ୱ'

ଧାରାଯାଉ ଗୋଟିଏ ଟେବୁଲ୍ ଉପରେ ଥିବା ଦୁଇଟି କାଚଗ୍ଲାସ୍ ଭିତରୁ ଗୋଟିକର ମନରେ ହଠାତ୍ ହୀନମନ୍ୟତା ଜନ୍ମ ନେଲା। ସେ ଭାବିଲା ମୁଁ ତା'ଠାରୁ ବଡ଼ କାହିଁକି ନୁହେଁ? କିନ୍ତୁ ଆକୃତିକୁ ବଡ଼ କରିବା ତା' ସାଧ ବାହାରେ। ଏଣୁ ସେ ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦେଲା। ଏଥର ତୁଳନାତ୍ମକ ଭାବେ ସେ ଅନ୍ୟ ଠାରୁ ବଡ଼ ହୋଇଗଲା। ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜୁନ୍(ପ୍ରଥମ ତ୍ରୈମାସ)ର ଅର୍ଥନୈତିକ ଅଭିବୃଦ୍ଧି ହାରକୁ ନେଇ ସେପରି କିଛି ବିତର୍କ ଓ ବିବାଦ ସୃଷ୍ଟି ହୋଇଛି।

ସରକାରଙ୍କ ଦାବି ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ ସମଗ୍ର ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଥିବା ବେଳେ ଭାରତ ଏକ ବ୍ୟତିକ୍ରମ। ତେଣୁ ଅର୍ଥନୈତିକ ଅଭିବୃଦ୍ଧି ହାର ସମସ୍ତ ସମ୍ଭାବନା ଓ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ୭.୮%ରେ ପହଞ୍ଚି ଉଦାହରଣ ସୃଷ୍ଟି କରିଛି। ଭାରତ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ଏବଂ ଭାରତୀୟ ଅର୍ଥନୀତି ପ୍ରତି ଆସ୍ଥା ଅତୁଟ ରହିଛି। ଅପରପକ୍ଷରେ ବିରୋଧୀ ଦଳର ଅଭିଯୋଗ ହେଉଛି ତଥ୍ୟକୁ ବିଭ୍ରାନ୍ତ କରି ଲୋକଙ୍କ ଆଗରେ ଏହି ଅତିରଞ୍ଜିତ ପରିସଂଖ୍ୟାନ ପ୍ରକାଶ କରାଯାଇଛି ଏବଂ ବାସ୍ତବତାଠାରୁ ବହୁ ଦୂରରେ ଭାରତୀୟ ଅର୍ଥନୀତି ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ରଘୁରାମ୍ ରାଜନଙ୍କ ସମେତ ଅର୍ଥନୀତି ବିଶାରଦମାନଙ୍କର ଗୋଟିଏ ମହଲ ଅଭିବୃଦ୍ଧି ପରିସଂଖ୍ୟାନକୁ ଅତିରଞ୍ଜିତ କରି ପ୍ରକାଶ କରାଯାଇଥିବା ମତ ଦେଇଛନ୍ତି। ସ୍ୱେଚ୍ଛାକୃତ ଅବସର ନେଇଥିବା କେନ୍ଦ୍ର ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଗର୍ଗଙ୍କ ଆକଳନ ଅନୁଯାୟୀ ଯଦି ଗତବର୍ଷର ଏହି ସମୟର ଅଭିବୃଦ୍ଧି ହାରକୁ ସଂଶୋଧନ କରି କମ୍ କରାଯାଇ ନ ଥା'ନ୍ତା(ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦିଆଯାଇ ନଥା'ନ୍ତା) ତେବେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ଅର୍ଥନୈତିକ ଅଭିବୃଦ୍ଧି ହାର ମାତ୍ର ୨.୬%ରେ ସୀମିତ ରହିଥା'ନ୍ତା। ତେଣୁ ଏହା ଆଶାତୀତ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ନୈରାଶ୍ୟଜନକ।

ବଜାର ଅର୍ଥନୀତି, ବ୍ୟାଙ୍କିଙ୍ଗ ଋଣ ବଜାର, ସରକାରଙ୍କ ଚାଲୁ ଖାତା ନିଅଣ୍ଟ ଆଦିକୁ ତର୍ଜମା କଲେ ଗର୍ଗ ମହୋଦୟଙ୍କ ଆକଳନକୁ ଭୁଲ୍ ବୋଲି କହିହେବ ନାହିଁ। ଆରବିଆଇର ତଥ୍ୟାନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍(ସିଏଡି) ୪୨୦ କୋଟି ଡଲାର(ଜିଡିପିର ୦.୫%)କୁ ବୃଦ୍ଧି ପାଇଛି। ଗତବର୍ଷ ସମାନ ସମୟରେ ସିଏଡି ଥିଲା ୩୪୦ କୋଟି ଡଲାର। ବାଣିଜ୍ୟ ନିଅଣ୍ଟ ପରିମାଣ ୮୬୨୦ କୋଟି ଡଲାରକୁ ବୃଦ୍ଧି ପାଇଛି। ସେବା କ୍ଷେତ୍ରର ଏବଂ ପ୍ରବାସୀ ଭାରତୀୟଙ୍କ ଅର୍ଥ ପ୍ରେରଣରୁ ଗତ ବର୍ଷ ତୁଳନାରେ ଯାହା ଅଧିକ ଆୟ ହୋଇଛି ତାହା ଉପରୋକ୍ତ କ୍ଷତିକୁ କିଛି ପରିମାଣରେ ଭରଣା କରିପାରିଛି। ପୁଞ୍ଜି ଆୟ ପୂର୍ବବର୍ଷର ୧୩୩୦ କୋଟି ଡଲାରରୁ ୧୦୫୦ କୋଟି ଡଲାରକୁ ହ୍ରାସ ପାଇଛି। ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ ଗତବର୍ଷ ତୁଳନାରେ ୯୦ କୋଟି ଡଲାର ବୃଦ୍ଧି ପାଇଥିଲେ ମଧ୍ୟ ୯୬୦ କୋଟି ଡଲାର ମୂଲ୍ୟର ବୈଦେଶିକ ପରୋକ୍ଷ ପୁଞ୍ଜି ପ୍ରତ୍ୟାହାର ହୋଇଛି। ଗତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଏହି ପରିମାଣ ଥିଲା ମାତ୍ର ୧୬୦ କୋଟି ଡଲାର। ବୈଦେଶିକ ମୁଦ୍ରା ପାଣ୍ଠିରେ ବର୍ଷକ ଭିତରେ ୮୧୦ କୋଟି ଡଲାରର ହ୍ରାସ ଘଟିଛି। ଅପରପକ୍ଷରେ ବ୍ୟାଙ୍କରୁ ଶିଳ୍ପ ଋଣ ପରିମାଣ ବିଗତ ଦଶନ୍ଧିର ସର୍ବୋଚ୍ଚ ସ୍ତର ୧୯.୨%, ସେବା କ୍ଷେତ୍ରରେ ୨୧.୪% ଏବଂ ବ୍ୟକ୍ତିଗତ ଋଣ ୧୫.୮%କୁ ବୃଦ୍ଧି ପାଇଛି। ଏହା କମ୍ପାନୀମାନଙ୍କର ଉତ୍ପାଦନ ବୃଦ୍ଧି, କାର୍ଯ୍ୟକାରୀ ଖର୍ଚ୍ଚ ହ୍ରାସ ଏବଂ ବିକ୍ରି ବୃଦ୍ଧିରେ ସହାୟକ ହୋଇଥିବାରୁ ଅର୍ଥନୀତିକ ଅଭିବୃଦ୍ଧି ହାରରେ ପ୍ରତିଫଳିତ ହୋଇଛି।

ସରକାରୀ ତଥ୍ୟ ଓ ପରିସଂଖ୍ୟାନକୁ ଯେତେ ମାଡ଼ିମକଚି ସାର୍ବଜନିନ କଲେ ମଧ୍ୟ ଅନ୍ୟ ବାଟ ଦେଇ ନକାରାତ୍ମକ ସ୍ଥିତିର ସୂଚନା ଆତ୍ମପ୍ରକାଶ କରୁଛି। ବିଳାସଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ପର୍ଯ୍ୟନ୍ତ ଏଭଳି କୌଣସି ଖାଉଟି ସାମଗ୍ରୀ ନାହିଁ, ଯାହାର ଦର ନିୟନ୍ତ୍ରଣରେ ରହିଛି। ନିତିଦିନିଆ ବଜାର ସହିତ ପ୍ରତ୍ୟକ୍ଷ ସମ୍ପୃକ୍ତ ଯେକୌଣସି ବର୍ଗର ନାଗରିକ ଏହା ସ୍ୱୀକାର କରିବାକୁ ବାଧ୍ୟ। ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ତେଣୁ ଅତି ଆବଶ୍ୟକ ନଥିଲେ ସୁନା ନ କିଣିବା ଏବଂ ବିଦେଶ ଭ୍ରମଣ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ପୁଣି ଥରେ ଦେଶବାସୀଙ୍କ ଆହ୍ୱାନ ଦେଇଛନ୍ତି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢ଼ୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ଏକପ୍ରକାର ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି।

ଏହାସତ୍ତ୍ୱେ ସରକାରଙ୍କ ତଥ୍ୟ କହୁଛି ଯେ ଭାରତୀୟ ଅର୍ଥନୀତି ଠିକ୍ ବାଟରେ ଯାଉଛି। ଏହାକୁ କେବଳ ଏକ ବିଡ଼ମ୍ବନା ଓ ଆତ୍ମପ୍ରବଞ୍ଚନା ବୋଲି କୁହାଯାଇପାରେ। ଅଭିବୃଦ୍ଧି ହାରକୁ ଉଚ୍ଚା କରି ଦର୍ଶାଇବା ସରକାରଙ୍କୁ ଆତ୍ମସନ୍ତୋଷ ଦେଇଥାଇପାରେ, କିନ୍ତୁ ବାସ୍ତବତାକୁ ଅଧିକ ଦିନ ଧରି ପ୍ରହେଳିକାର କଳାବାଦଲ ତଳେ ଲୁଚାଇ ରଖାଯାଇପାରିବ ନାହିଁ। ଅନ୍ୟଟିକୁ ଭାଙ୍ଗି ନିଜକୁ ବଡ଼ ଘୋଷଣା କରିବାର ମାନସିକତାକୁ ପରିତ୍ୟାଗ କରିପାରିଲେ ଅଭିବୃଦ୍ଧିର ସୁଫଳ ଜନସାଧାରଣଙ୍କ ପାଖରେ ପହଞ୍ଚିବ। ●

## 'ନିଶାମୁକ୍ତ ଭାରତ': କଥାରେ ନିବାରଣ, କାମରେ ପ୍ରସାରଣ

ପ୍ରହଲାଦ କୁମାର ସିଂହ

'ମଦ ପାଇଁ 'ସୁଭଦ୍ରା' ଟଙ୍କା ଦେଲାନି ବୋଲି ସ୍ତ୍ରୀକୁ ମାରି ପୋତିଦେଲା- ବାଡ଼ିରୁ ମାଟିଖୋଳି ଶବ ଉଦ୍ଧାର କଲା ପୁଲିସ: ସ୍ୱାମୀ ଗିରଫ।' ଏହି ମାମଲାରେ ଢେଙ୍କାନାଳ ପୁଲିସ ବାଡ଼ିରୁ ମାଟି ଖୋଳି କୌଶଲ୍ୟା ପ୍ରଧାନଙ୍କ ଶବ ଉଦ୍ଧାର କରିବା ସହ ତାଙ୍କ ସ୍ୱାମୀ ଗିରିଶକୁ ଗିରଫ କରିଛି। କୌଶଲ୍ୟାଙ୍କୁ ହତ୍ୟା ଓ ଗିରିଶର ଗିରଫ ପରେ ତାଙ୍କର ଛୋଟଛୋଟ ଚାରି ପିଲା ଏକ ପ୍ରକାର ଅନାଥ ହୋଇଯାଇଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେପି ପକ୍ଷରୁ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା କରି ଅର୍ଥ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଏହିକ୍ରମରେ ୫ ହଜାର ଟଙ୍କିଆ କିସ୍ତିରେ ୫ବର୍ଷରେ ୫୦ ହଜାର ଟଙ୍କା ଦେବା ପାଇଁ ଘୋଷଣା କରାଯାଇଛି। ଏବେ ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଯୋଜନାରେ କିସ୍ତି ପିଛା ୫ ହଜାର ଟଙ୍କା କରି ମିଳୁଛି। ଏହି ଅର୍ଥ ପାଉଥିବା ମହିଳାଙ୍କ ଭିତରୁ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ହୋଇସାରିଲେଣି ବୋଲି ପ୍ରଚାର ଚାଲିଛି। ତେବେ 'ସୁଭଦ୍ରା' କିସ୍ତି ମିଳିବା ପରେ ନିଶା ପାଣି ପାଇଁ ଏହି ଅର୍ଥ କେମିତି ଛଡ଼ାଇ ନିଆଯାଉଛି ଏବଂ ସେଥିଲାଗି ହିତାଧିକାରୀଙ୍କ ଜୀବନ ଯାଉଛି ତା'ର ବହୁ ଘଟଣା ଭିତରୁ କୌଶଲ୍ୟା ପ୍ରଧାନଙ୍କ ହତ୍ୟା ହେଉଛି ଗୋଟିଏ।

ଆମ ପବିତ୍ର ସମ୍ବିଧାନର ୪୭ ଧାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିଶା ନିବାରଣର ଆବଶ୍ୟକତା କଥା ବଖାଣିଥାଏ। ବର୍ତ୍ତମାନର ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ର ୯୩ ଧାରାରେ ବି ନିଶା ନିବାରଣ କଥା ଉଲ୍ଲେଖ ରହିଛି। ପୂର୍ବରୁ ଥିବା ବିହାର-ଓଡ଼ିଶା ଅବକାରୀ ଆଇନ୍‌ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବି ନିଶା ନିବାରଣ ଆଡ଼କୁ ସୂଚାଉଥିଲା। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପ୍ରଣୀତ 'ଓଡ଼ିଶା ନିଶା ନିବାରଣ ଆଇନ୍-୧୯୫୬'କୁ ଇତିମଧ୍ୟରେ ୭୦ ବର୍ଷ ପୂରିଥିଲେ ମଧ୍ୟ ଓଡ଼ିଶାରେ ନିଶା ନିବାରିତ ହେବା ପରିବର୍ତ୍ତେ ପ୍ରସାରିତ ହୋଇ ଚାଲିଛି।

୨୦୨୪ ନିର୍ବାଚନବେଳେ ବିଜେପି ପକ୍ଷରୁ ସଂକଳ୍ପପତ୍ର ମାଧ୍ୟମରେ ଦିଆଯାଇଥିବା 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି'ରେ ଉତ୍କୃଷ୍ଟ ଜୀବନ ପାଇଁ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ଘୋଷଣା କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବା ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ପାଇଁ ଘୋଷଣା କରାଯାଇଥିଲା। ସରକାରଙ୍କ ପକ୍ଷରୁ ବି କରାଯାଉଥିବା ବ୍ୟୟବହୁଳ ପ୍ରଚାରରେ 'କଥା ଦେଇ କଥା ରଖିଲେ ମୋହନ ସରକାର' ଓ 'ନିଶା ନୁହଁ ଜୀବନ ଚାହୁଁ' ଭଳି ଅନେକ ବାର୍ତ୍ତା ଫ୍ଲେକ୍ସ, ହୋର୍ଡିଂ ଓ ବିଜ୍ଞାପନ ମାଧ୍ୟମରେ ଦିଆଯାଇଛି। କେନ୍ଦ୍ର ସରକାର ପ୍ରାୟ ୭ବର୍ଷ ଧରି ଚଳାଇଥିବା 'ନିଶାମୁକ୍ତ ଭାରତ' ଅଭିଯାନରେ ଓଡ଼ିଶାର ୩୦ଟି ଜିଲ୍ଲାକୁ ସାମିଲ କରି କୋଟିକୋଟି ଟଙ୍କା ବ୍ୟୟ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର 'ନିଶାମୁକ୍ତ ଭାରତ' ପ୍ରସଂଗ ଦୋହରାଇଛନ୍ତି। ତେବେ ଏଥିଯୋଗୁଁ ନିଶା କେତେ କମିଛି କି ବଢ଼ିଛି ତା'ର ହିସାବ କିନ୍ତୁ କେହି ଦେଉ ନାହାନ୍ତି।

ଓଡ଼ିଶା ସରକାର ଇତିମଧ୍ୟରେ ଅବକାରୀ ନୀତି-୨୦୨୬-୨୯ ଜାରି କରିଛନ୍ତି। ଏଥିରେ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି କୌଣସି ଘୋଷଣା ନାହିଁ। ତେବେ ଏହି ନୀତିରେ ମଦ ଉପରେ ବିଭିନ୍ନ କିସମର ଶୁଳ୍କ ବୃଦ୍ଧି ସହିତ ନିଶାଡ଼ିଙ୍କ ଲାଗି ନିଶା ନିବାରଣ କେନ୍ଦ୍ର ସ୍ଥାପନ ପାଇଁ ଉଲ୍ଲେଖ ରହିଛି। ପୂର୍ବ ବ୍ୟବସ୍ଥାରେ ମଦ ଉଠାଣ ପାଇଁ ଥିବା ସର୍ବନିମ୍ନ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ)ର ପରିବର୍ତ୍ତନ କରାଯାଇ ସର୍ବନିମ୍ନ ଗ୍ୟାରେଣ୍ଟେଡ୍ ଏକ୍ସାଇଜ୍ ରେଭେନ୍ୟୁ (ଏମ୍‌ଜିଇଆର୍) ବ୍ୟବସ୍ଥା ଲାଗୁ କରାଯାଇଛି। ବନ୍ଦ ଥିବା ଅନେକ ମଦ ଦୋକାନ ଖୋଲାଯିବା ସଂଗେସଂଗେ ରାସ୍ତାଘାଟ, ହାଟବଜାର, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଧର୍ମାନୁଷ୍ଠାନ ଆଦି ନିକଟରେ ବି ନିଶା ବେପାର ପାଇଁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍‌ରେ ମଦ ଯୋଗାଣ ଓ କେତେକ ସ୍ଥାନରେ ମଦ କାରଖାନା ଖୋଲିବା ସହିତ ସମୁଦ୍ର, ନଦୀ, ଝରଣା ସମେତ ଜଳ ଉତ୍ସଗୁଡ଼ିକ ନିକଟରେ ମଦ କୁଡ଼ିଆ ସ୍ଥାପନ ଲାଗି ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ହିସାବ ମୁତାବକ ୨୦୨୦-୨୧ ବର୍ଷରେ ସରକାର ପ୍ରାୟ ୨୦ କୋଟି ଲିଟର ମଦ ଯୋଗାଇଥିବା ବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦କୋଟି ୧୭ଲକ୍ଷ ଲିଟରକୁ ଟପିଯାଇଛି। ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ଯେତେ ମଦ କାରବାର ହେଉଛି ତା'ର ଢେର ଅଧିକ ଗୁଣ ଚୋରାରେ ମିଳୁଛି। ଏମିତିକି କିଛି ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ବିଭାଗୀୟ କର୍ତ୍ତୃପକ୍ଷ ଖୋଦ୍ ରାଜଧାନୀରେ ନକଲି ମଦ ଧରି ନଷ୍ଟ କରିବା ସମ୍ବାଦ ମଧ୍ୟ ପ୍ରକାଶ ପାଇଛି। କେବଳ ମଦ ନୁହେଁ; ଓଡ଼ିଶାରେ ଚରସ, ହେରୋଇନ୍, ବ୍ରାଉନସୁଗାର, ଗଞ୍ଜେଇ, ଅଫିମ, କଫ ସିରପ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଲଗାମଛଡ଼ା ବେପାର ଚାଲିଛି।

ସରକାରୀ ତଥ୍ୟ ଅନୁଯାୟୀ ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ଲକ୍ଷ ଟଙ୍କା ଥିବା ବେଳେ ଏହା ବଢ଼ିବଢ଼ି ୨୦୨୬-୨୭ ବର୍ଷରେ ୧୦ ହଜାର ୯୦୦ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ନିଶା କାରବାର ବୃଦ୍ଧି ପାଉଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରୁ ଜଳଜଳ ବାରି ହୋଇଯାଉଛି। ଓଡ଼ିଶା ସରକାରଙ୍କ ପ୍ରଣୀତ ଯୁବନୀତିର ୯ମ ଅନୁଚ୍ଛେଦରେ ଯୁବ ସମାଜ ଭିତରେ ନିଶାର ପ୍ରାବଲ୍ୟ ଘେନି ଉଦ୍‌ବେଗ ପ୍ରକାଶ ପାଇବା ସଂଗେସଂଗେ 'ଆଲ୍‌କହଲ୍ ମୁକ୍ତ ଗ୍ରାମ' ପ୍ରତିଷ୍ଠା ପାଇଁ କୁହାଯାଇଥିଲା। କିନ୍ତୁ ବାସ୍ତବରେ ଅଧିକରୁ ଅଧିକ ଲୋକଙ୍କୁ ଆମ ରାଜ୍ୟରେ ନିଶାଯୁକ୍ତ କରାଯାଉଛି।

ଗୋଟିଏ ବାକ୍ୟରେ କହିଲେ ନିଶା ପ୍ରସାର ଯୋଗୁଁ ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟ ଓ ଦେଶ ଉଜୁଡ଼ିବାରେ ଲାଗିଛି। କୌଣସି ଧର୍ମ ନିଶା ସେବନର ସପକ୍ଷରେ ନ ଥିବା ବେଳେ ଅନେକ ଧର୍ମାନୁଷ୍ଠାନରେ ବି ନିଶାଡ଼ିଙ୍କ ପ୍ରାବଲ୍ୟ ବଢ଼ୁଛି। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧିରେ ନିଶାଡ଼ି କର୍ମଚାରୀଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ଥିବା ବେଳେ ବହୁ ସ୍ଥଳେରେ ସରକାରୀ ଦପ୍ତର, ଅତିଥିଶାଳା, ଡାକବଙ୍ଗଳା ଆଦିରେ ନିଶାଡ଼ିଙ୍କ ଭିଡ଼ ବଢ଼ୁଛି। ସରକାରୀ ପରିସଂଖ୍ୟାନ ମୁତାବକ ଗୋଟିଏ ଗୋଟିଏ ବର୍ଷରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ ବି କମ୍। ଏମିତିକି ୫ବର୍ଷରେ ବି ଅନେକ ଜିଲ୍ଲାରେ ଅବକାରୀ ମାମଲାରେ ଜଣେ ହେଲେ ଦଣ୍ଡିତ ହୋଇନଥିବା କଥା ଖୋଦ୍ ସରକାର ବିଧାନସଭାରେ ସ୍ୱୀକାର କରୁଛନ୍ତି। ଅତୀତରେ ଭାରତ ସରକାରଙ୍କ ମହାଲେଖାକାର (ସିଏଜି) ତାଙ୍କ ରିପୋର୍ଟରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଓଡ଼ିଶାରେ ଯଥେଷ୍ଟ କମ୍ ରହୁଥିବା ଘେନି ଉଦ୍‌ବେଗ ପ୍ରକାଶ କରିବା ଏବଂ ଏହି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବାର ନଜିର ରହିଛି। ନିର୍ବାଚନ ବେଳେ ଭୋଟରଙ୍କୁ ଆକର୍ଷିତ କରିବାର ବିଭିନ୍ନ ସାମଗ୍ରୀ ସହିତ ଅର୍ଥ ଓ ମଦ ବଣ୍ଟନ ଏକ ଖରାପ ପରମ୍ପରାରେ ପଡ଼ିଛି। ଏହି ସମୟରେ ବି ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ ହୋଇଥାଏ। ଏଭଳି ସ୍ଥିତିରେ ମଦ ସମେତ ଅନ୍ୟାନ୍ୟ ନିଶା ଆମ ଗଣତନ୍ତ୍ର ପାଇଁ ଯେ ବିପଜ୍ଜନକ ତାହା କହିବା ନିଷ୍ପ୍ରୟୋଜନ। ନିଶା ବେପାରକୁ ଦଳମତ ନିର୍ବିଶେଷରେ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ପୃଷ୍ଠପୋଷକତା ଦେବାରୁ ନିଶା ରାକ୍ଷସର ଦୌରାତ୍ମ୍ୟ ବଢ଼ିବଢ଼ି ଚାଲିଛି।

ସ୍ୱାଧୀନତା ସଂଗ୍ରାମ ବେଳେ ନିଶା ନିବାରଣ ଏକ ଘୋଷିତ ପ୍ରତିଶ୍ରୁତି ଥିଲା। ମଦ ଦୋକାନ ଆଗରେ ପିକେଟିଂ କରି ଅନେକ ସଂଗ୍ରାମୀ ଜେଲ୍ ଯାଉଥିଲେ। ଅନ୍ୟପକ୍ଷରେ ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ୨୦୪୭ରେ ପାଳିତ ହେବାକୁ ଯାଉଥିବା ବେଳେ ଆମ ରାଜ୍ୟରେ ନିଶାର ସ୍ଥିତି ଚିନ୍ତାଜନକ ରହିଛି। କୁହାଯାଏ- ଗୋଟିଏ ଟଙ୍କାର ଅବକାରୀ ରାଜସ୍ୱ ପାଇଁ କ୍ଷତିର ପରିମାଣ ୧୦୦ ଟଙ୍କା। ଏଭଳି ସ୍ଥିତିରେ ଅବକାରୀ ରାଜସ୍ୱ ବଢ଼ିବା ଯୋଗୁଁ ବର୍ଷକୁ ବର୍ଷ କ୍ଷତି ବଢ଼ିବଢ଼ି ଅମୃତ କାଳକୁ ବିଷ ବଳୟ ମଧ୍ୟକୁ ଠେଲି ଦେଉଛି।

ଗୁଜରାଟ ଓ ବିହାର ଭଳି ରାଜ୍ୟ ଯଦି ଅବକାରୀ ରାଜସ୍ୱକୁ ଉପେକ୍ଷା କରି ନିଶା ନିବାରଣକୁ ଆପଣାଇ ପାରିଛନ୍ତି ତେବେ ଏ କ୍ଷେତ୍ରରେ ଓଡ଼ିଶା କାହିଁକି ପଛରେ ପଡ଼ିଛି? ନିଶା ନିବାରଣ ହେଲେ ଚୋରା ନିଶା କାରବାର ବଢ଼ିଯିବ ବୋଲି ବିତଣ୍ଡା ଯୁକ୍ତି ଉଠାଯାଏ। ନିଶା ବେପାରୀଙ୍କ ନିକଟରେ ଏହା ବ୍ୟବସ୍ଥାର ଆତ୍ମସମର୍ପଣ ସଦୃଶ। ବଳାତ୍କାର, ଚୋରି ଆଦି ବୃଦ୍ଧି ପାଇଲେ ସରକାର କ'ଣ ଅପରାଧୀମାନଙ୍କୁ ଅପରାଧ ଘଟାଇବା ଲାଗି ଲାଇସେନ୍ସ ଦେବେ? ନିଶା ସେବନ ଓ ନିଶା ଯୋଗାଣକୁ ଅପରାଧ ପର୍ଯ୍ୟାୟଭୁକ୍ତ କରି କଠୋର ଦଣ୍ଡ ଦିଆଗଲେ ଚୋରା ନିଶା ବେପାର ହୁଅନ୍ତା ନାହିଁ।

ଯେଉଁମାନେ ଶାସନ ଚଳାଉଛନ୍ତି ସେମାନେ ଯଦି ନିଶା ବ୍ୟାପାରରେ ସାମାନ୍ୟ ସଚେତନ ହୋଇଯାଆନ୍ତେ ତେବେ ବହୁ ସମସ୍ୟାର ସରଳ ଓ ସହଜ ସମାଧାନ ହୋଇପାରନ୍ତା। କିନ୍ତୁ କଥାରେ ନିଶା ନିବାରଣ ଥିବା ବେଳେ କାମରେ କିନ୍ତୁ ଘଟୁଛି ନିଶା ପ୍ରସାରଣ। ବାସ୍ତବରେ ନିଶାମୁକ୍ତ ଭାରତ ଅଭିଯାନ ଓଡ଼ିଶାରେ 'ଯାଦୁଆ ବିକୁଛି ଯାଦୁର ମଲମ- ମଦୁଆ ଉଡ଼ାଏ ନିଶା ନିବାରଣ ବାନା' ପରି ଜଣାପଡୁଛି। ●

ଭୁବନେଶ୍ୱର, ମୋ: ୯୪୩୭୦୭୩୯୫

## ବେସରକାରୀ ସ୍କୁଲରୁ ସରକାରୀ ଚାକିରି ସ୍ୱପ୍ନ

ଦେବଦତ୍ତ ଦାଶ



ଆମ ସମାଜରେ ଗୋଟିଏ ଅଦ୍ଭୁତ ବିରୋଧାଭାସ ଦେଖିବାକୁ ମିଳୁଛି। ସରକାରୀ ଚାକିରି ପାଇଁ ଯୁବପିଢ଼ି ବର୍ଷ ବର୍ଷ ଧରି ପରିଶ୍ରମ କରୁଛି। ସରକାରୀ ଚାକିରି ମିଳିଲେ ତାହାକୁ ସଫଳତାର ପ୍ରତୀକ ବୋଲି ଧରାଯାଉଛି। କିନ୍ତୁ ସେହି ସରକାରୀ ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ସରକାରୀ ବିଦ୍ୟାଳୟ ନିଜ ପିଲାଙ୍କ ପାଇଁ ଅନେକଙ୍କ ପ୍ରଥମ ପସନ୍ଦ ହୋଇପାରୁନାହିଁ। ଏହା କେବଳ ପସନ୍ଦର ପ୍ରଶ୍ନ ନୁହେଁ। ଏହା ଆମ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସର ପ୍ରଶ୍ନ। ଜଣେ ଶିକ୍ଷକ ହେବାକୁ ହେଲେ କେତେ ପରିଶ୍ରମ କରିବାକୁ ପଡ଼େ! ଶିକ୍ଷାଗତ ଯୋଗ୍ୟତା, ଶିକ୍ଷକ ପ୍ରଶିକ୍ଷଣ, ଯୋଗ୍ୟତା ପରୀକ୍ଷା, ନିଯୁକ୍ତି ପରୀକ୍ଷା ଏବଂ ଚୟନ ପ୍ରକ୍ରିୟାର ଅନେକ ପାହାଚ ଚଢ଼ିବା ପରେ ଜଣେ ସରକାରୀ ଶିକ୍ଷକ ହେବାର ସୁଯୋଗ ପାଆନ୍ତି। ତେବେ ପ୍ରଶ୍ନ ହେଉଛି ଏତେ ଜଟିଳ ପ୍ରକ୍ରିୟା ଦେଇ ଚୟନ ହୋଇଥିବା ଶିକ୍ଷକଙ୍କ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଢ଼ାଇବା ପାଇଁ ଅଭିଭାବକ କାହିଁକି ଦ୍ୱିଧା କରୁଛନ୍ତି? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆବଶ୍ୟକ।

ବେସରକାରୀ ବିଦ୍ୟାଳୟ ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ରଖିଛି। ଅନେକ ଭଲ ବେସରକାରୀ ବିଦ୍ୟାଳୟ ଉଚ୍ଚମାନର ଶିକ୍ଷା, ଶୃଙ୍ଖଳା ଓ ଭଲ ପରିବେଶ ଦେଉଛନ୍ତି। ସେମାନଙ୍କର ଭଲ କାମକୁ ଅସ୍ୱୀକାର କରିବାର କୌଣସି କାରଣ ନାହିଁ। କିନ୍ତୁ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ଶିକ୍ଷା ସେବାରୁ ବ୍ୟବସାୟରେ ପରିଣତ ହେବାକୁ ଲାଗେ। କେତେକ ବେସରକାରୀ ବିଦ୍ୟାଳୟରେ ଅତ୍ୟନ୍ତ କମ୍ ପାରିଶ୍ରମିକରେ ଶିକ୍ଷକଙ୍କୁ କାମ କରାଯାଉଥିବା ଅଭିଯୋଗ ରହିଛି। ଅନ୍ୟପଟେ ଅଭିଭାବକଙ୍କଠାରୁ ଆଡମିଶନ୍ ଫିସ୍, ମାସିକ ଫିସ୍, ପୁସ୍ତକ, ୟୁନିଫର୍ମ, ପରିବହନ ଓ ବିଭିନ୍ନ ଦେୟ ନାମରେ ଅଧିକ ଅର୍ଥ ନିଆଯାଉଥିବା ନେଇ ଅଭିଯୋଗ ହୁଏ।

ଯଦି ଜଣେ ଶିକ୍ଷକଙ୍କ ଶ୍ରମର ମୂଲ୍ୟ ଏତେ କମ୍, ତେବେ ସେହି ଶିକ୍ଷକଙ୍କଠାରୁ ଉଚ୍ଚମାନର ଶିକ୍ଷାଦାନର ଆଶା କରିବା କେତେ ଯୁକ୍ତିଯୁକ୍ତ? ଏଠି ଆଉ ଏକ ପ୍ରଶ୍ନ। ଅଭିଭାବକଙ୍କଠାରୁ ଆଦାୟ ହେଉଥିବା ଫିସ୍ ଓ ଶିକ୍ଷକଙ୍କୁ ଦିଆଯାଉଥିବା ଦରମା ମଧ୍ୟରେ ଏତେ ବଡ଼ ତଫାତ୍ କାହିଁକି? ଶିକ୍ଷା କେବଳ ଭବନ, ରଙ୍ଗୀନ ପୋଷାକ କିମ୍ବା ଇଂରାଜୀ ମାଧ୍ୟମର ନାମ ନୁହେଁ। ଶିକ୍ଷା ହେଉଛି ଜଣେ ପିଲାର ଚିନ୍ତାଧାରା, ଚରିତ୍ର, ଜ୍ଞାନ ଓ ଭବିଷ୍ୟତ ଗଢ଼ିବାର ପ୍ରକ୍ରିୟା। ତେଣୁ ଶିକ୍ଷକଙ୍କ ଯୋଗ୍ୟତା, ଶିକ୍ଷାଦାନର ମାନ ଓ ପିଲାଙ୍କ ପ୍ରତି ବ୍ୟବହାର - ଏସବୁ ଉପରେ ସମାନ ଗୁରୁତ୍ୱ ଦିଆଯିବା ଦରକାର। ଆଉ ଏକ ଗୁରୁତର ପ୍ରସଙ୍ଗ ହେଉଛି - ଗରିବ ଓ ମଧ୍ୟବିତ୍ତ ପରିବାର। ଯେଉଁ ପରିବାରର ମାସିକ ଆୟ ସୀମିତ, ସେମାନେ ପିଲାଙ୍କ ଭଲ ଶିକ୍ଷା ପାଇଁ ନିଜର ଆବଶ୍ୟକତାକୁ କାଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ସମାଜରେ ନିଜ ପିଲା ପଛରେ ପଡ଼ି ନ ଯାଉ - ଏହି ଭୟରେ ଅନେକ ଅଭିଭାବକ ବେସରକାରୀ ସ୍କୁଲକୁ ବାଛୁଛନ୍ତି। ଏହା ଏକ ମାନସିକତାର ପ୍ରଶ୍ନ।

ସରକାରୀ ସ୍କୁଲଗୁଡ଼ିକ ଗରିବଙ୍କ ସ୍କୁଲ - ଏହି ଧାରଣା କିଏ ସୃଷ୍ଟି କଲା? ଯଦି ସରକାରୀ ବିଦ୍ୟାଳୟ ସତରେ ଦୁର୍ବଳ, ତେବେ ତାହାକୁ ଦୁର୍ବଳ ରଖିବା ନୁହେଁ; ଶକ୍ତିଶାଳୀ କରିବା ଦରକାର। ଯଦି ଶିକ୍ଷାଦାନରେ ସମସ୍ୟା ଅଛି, ତେବେ ଦାୟିତ୍ୱ ନିର୍ଦ୍ଧାରଣ କରିବା ଦରକାର। ଯଦି ଭିତ୍ତିଭୂମିର ଅଭାବ ଅଛି, ତେବେ ତାହା ପୂରଣ କରିବା ଦରକାର। କେବଳ ସରକାରୀ ସ୍କୁଲକୁ ନିନ୍ଦା କଲେ ସମସ୍ୟାର ସମାଧାନ ହେବ ନାହିଁ। ଆମେ ଏମିତି ଏକ ସରକାରୀ ଶିକ୍ଷା ବ୍ୟବସ୍ଥା ଚାହୁଁ, ଯେଉଁଠି ଜଣେ ଶ୍ରମିକଙ୍କ ପିଲା ଏବଂ ଜଣେ ଅଧିକାରୀଙ୍କ ପିଲା ଦୁହେଁ ସମାନ ଗର୍ବରେ ପଢ଼ିପାରିବେ। ଏହି ପରିବର୍ତ୍ତନର ଆରମ୍ଭ ହେବା ଦରକାର ଆମ ଘରୁ।

ସରକାରୀ ଚାକିରି ପାଇବା ପାଇଁ ଯେଉଁ ବ୍ୟବସ୍ଥା ଉପରେ ଆମର ଭରସା ରହିଛି, ସେହି ବ୍ୟବସ୍ଥାର ସ୍କୁଲ ଉପରେ ଭରସା କାହିଁକି ନାହିଁ? ଏହି ପ୍ରଶ୍ନର ଉତ୍ତର କେବଳ ସରକାର ଦେବେ ନାହିଁ; ଶିକ୍ଷକ, ଅଭିଭାବକ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ସମଗ୍ର ସମାଜକୁ ମିଶି ଦେବାକୁ ପଡ଼ିବ। କାରଣ ଶିକ୍ଷା ବଜାରରେ ବିକ୍ରି ହେଉଥିବା କୌଣସି ସାମଗ୍ରୀ ନୁହେଁ। ଶିକ୍ଷା ହେଉଛି ଆଗାମୀ ପିଢ଼ିର ଭବିଷ୍ୟତ। ଏହାକୁ ବ୍ୟବସାୟର ହିସାବ ନୁହେଁ, ଦାୟିତ୍ୱର ମାପକାଠିରେ ମାପିବାର ସମୟ ଆସିଛି। ●

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

## କୋଇଲି ପୂଜନ

### ଈଶ୍ୱରୀୟ ଦୂତ, ବସନ୍ତର ବାର୍ତ୍ତାବହ

ଓଜସ୍ୱିନୀ

ବିଦେଶୀୟ ଧର୍ମ ଓ ସଂସ୍କୃତିରେ ମଧ୍ୟ କୋଇଲିକୁ ଈଶ୍ୱରୀୟ ଦୂତ ଭାବେ ବିବେଚନା କରାଯାଉଛି। ଜାପାନରେ କୋଇଲିକୁ ବସନ୍ତ ଋତୁର ଆଗମନର ଦିବ୍ୟ ବାର୍ତ୍ତାବହ ଏବଂ ତା'ର କୁହୁତାନକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଏ। କାରଣ ଏହି ଶବ୍ଦ ନକାରାତ୍ମକ ଶକ୍ତି ଦୂର କରିଥାଏ ବୋଲି ବିଶ୍ୱାସ କରାଯାଏ। ପ୍ରକୃତି ପୂଜନର ଶକ୍ତିସ୍ଥଳ 'ସିନ୍ତୋ ମନ୍ଦିର'ରେ ମଧ୍ୟ କୋଇଲି ସହିତ ବିଭିନ୍ନ ପକ୍ଷୀଙ୍କୁ ସ୍ମରଣ କରାଯାଏ। ପ୍ରାଚୀନ ଗ୍ରୀକ୍ ସଭ୍ୟତା ଅନୁଯାୟୀ ୟୁନାନ୍‌ରେ କୋଇଲିକୁ ବିବାହ ଏବଂ ପରିବାରର ଦେବୀ 'ହେରା'ଙ୍କ ପବିତ୍ର ପକ୍ଷୀ ବୋଲି ବିବେଚନା କରାଯାଉଥିଲା। ୟୁନାନ୍‌ର ପୌରାଣିକ କଥା ଅନୁସାରେ ଦେବତାଙ୍କ ରାଜା 'ଜ୍ୟୁସ୍' ଦେବୀ ହେରାଙ୍କୁ ଆକର୍ଷିତ କରିବା ପାଇଁ ନିଜକୁ ଗୋଟିଏ କ୍ଷତାକ୍ତ କୋଇଲିର ରୂପ ଧାରଣ କରିଥିଲେ। ତେଣୁ ଗ୍ରୀସ୍‌ର ଅନେକ ମନ୍ଦିର ଏବଂ ମୂର୍ତ୍ତିଗୁଡ଼ିକରେ ହେରା ଦେବୀଙ୍କ ହାତରେ ଗୋଟିଏ ରାଜଦଣ୍ଡ ଥାଏ, ଯାହାର ଉପର ଭାଗରେ ଗୋଟିଏ କୋଇଲିର ମୂର୍ତ୍ତି ଦେଖିବାକୁ ମିଳେ।

#### ବିଚିତ୍ର ବିଶ୍ୱାସ



ୟୁରୋପୀୟ ଦେଶଗୁଡ଼ିକରେ କୋଇଲିକୁ ସ୍ୱର୍ଗୀୟ ଦୂତ ବୋଲି କୁହାଯାଏ, ଯାହାର ସ୍ୱର ପ୍ରକୃତି ପାଇଁ ସୁନ୍ଦରତା ଆଣିଥାଏ। ୟୁରୋପ୍‌ର ପ୍ରାଚୀନ ସେଲ୍‌ଟିକ୍ ଓ ନାର୍ଡିକ୍ ଜନଜାତିରେ କୋଇଲିକୁ ବସନ୍ତର ଦେବୀ 'ଫ୍ରେୟା' ଭାବେ ପୂଜା କରୁଥିଲେ। ଆୟର୍‌ଲ୍ୟାଣ୍ଡ ଓ ସ୍କଟ୍‌ଲ୍ୟାଣ୍ଡର ପୁରାତନ ପରମ୍ପରାରେ କୋଇଲିର ପ୍ରଥମ ତାନ ଶୁଣିବା ସମୟରେ ଧନସମୃଦ୍ଧି ଓ ସୌଭାଗ୍ୟର କାମନା କରାଯାଇ ବିଶେଷମନ୍ତ୍ର ଉଚ୍ଚାରଣ କରାଯାଉଥିଲା। ଏଭଳି କରିବା ଦ୍ୱାରା ବର୍ଷ ସାରା ପରିବାରରେ ଧନସମୃଦ୍ଧି ଓ ସୌଭାଗ୍ୟ ଆସିଥାଏ ବୋଲି ବିଶ୍ୱାସ କରାଯାଉଥିଲା। ସେହିଭଳି ଆଫ୍ରିକାର ଅନେକ ଜନଜାତି କୋଇଲିକୁ ବର୍ଷା, ପ୍ରଚୁରତା ଓ ଉତ୍ପାଦନର ଦେବତା ଭାବେ ପୂଜା କରୁଥିଲେ। କୋଇଲିର ତାନ ଶୁଣିବା ପରେ ଭଲ ଫସଲ ଅମଳ ହେବା ଆଶାରେ କୋଇଲି ଦେବତାଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ କରାଯାଉଥିଲା।

ସାଇବେରିଆର ୟାକୁତିୟା ଅଞ୍ଚଳର 'ଶାଖା' ଜନଜାତି କୋଇଲିକୁ ଋତୁର ଦେବୀ ଏବଂ ପ୍ରକୃତିର ଆତ୍ମା ସ୍ୱରୂପ ମାନ୍ୟତା ପ୍ରଦାନ କରାଯାଉଥିଲା। ତେଣୁ କୋଇଲିର ସ୍ୱର ଶୁଣିବା ପରେ ପ୍ରକୃତିର ଆତ୍ମା ପୁଣିଥରେ ଫେରିଆସୁଥିଲା ଏବଂ ପ୍ରକୃତି ପୁର୍ନଜନ୍ମ ପାଉଥିଲା ବୋଲି ବିଶ୍ୱାସ ରହିଥିଲା। ଏହାର ଖୁସି ପାଳନ ଉପଲକ୍ଷେ ଉତ୍ସବର ଆୟୋଜନ କରାଯାଉଥିଲା। ରୁଷ୍‌ର ପ୍ରାଚୀନ 'ମାରି' ଜନଜାତି ପ୍ରକୃତି ପୂଜକ ଭାବେ କୋଇଲିକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ, କୋଇଲିର ସ୍ୱର ଅତ୍ୟନ୍ତ ପବିତ୍ର ଏବଂ ତାହା ପରଲୋକ ସହିତ ଜଡ଼ିତ। ଏହି ସ୍ୱର ମାଧ୍ୟମରେ ସେମାନେ ନିଜର ପୂର୍ବଜମାନଙ୍କର ଆଶୀର୍ବାଦ ପ୍ରାପ୍ତ କରୁଛନ୍ତି ଏବଂ ଭବିଷ୍ୟତ ସମ୍ପର୍କିତ କାର୍ଯ୍ୟକଳାପର ଅନୁମାନ କରିପାରିବେ ବୋଲି ବିଶ୍ୱାସ କରୁଥିଲେ।

ତେବେ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ, ବରଂ କଳା, ସଂସ୍କୃତି, ସାହିତ୍ୟ ଓ ସାମାଜିକ ଚଳଣିରେ ମଧ୍ୟ କୋଇଲିର ମହତ୍ତ୍ୱ ପ୍ରତିପାଦିତ ହୋଇଛି। ଭାରତ ଭଳି ବିଦେଶୀୟ ସାହିତ୍ୟରେ କୋଇଲିକୁ ପ୍ରେମ ଓ ସମର୍ପଣର ପ୍ରତୀକ ଭାବେ ବିବେଚନା କରି ଅନେକ କାହାଣୀ, କବିତା ଓ ଉପନ୍ୟାସ ରଚନା କରାଯାଇଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏସିଏଫ୍ ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲା

# ପତ୍ନୀ ବିଦ୍ୟାଭାରତୀଙ୍କ ଆବେଦନର ରାୟ ସଂରକ୍ଷିତ

କଟକ,୩।୯ (ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲା ବିରୋଧରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଜଷ୍ଟିସ ଶିବଶଙ୍କର ମିଶ୍ର ଆଜି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ପୂର୍ବରୁ ବିଦ୍ୟାଭାରତୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଥିବା ବେଳେ ଇତିମଧ୍ୟରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କ ଦୌରା ଅଦାଲତରେ ଜାମିନ ଖାରଜ ହୋଇ ସେ ଜେଲ୍‌ରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସନ୍ଦେହଜନକ ଅବସ୍ଥାରେ ପୋଡି ମୃତ୍ୟୁ ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫଓ ସଂଗ୍ରାମ କିଶୋର ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ ଆଧାରରେ ଉପରୋକ୍ତ ୩ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ ଏସଡିଜେଏମ ଅଦାଲତ କଗନିଜାନ୍ସ ଗ୍ରହଣ କରିଥିଲେ। ଏହି ମାମଲା ବିରୋଧରେ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ଭୀମସେନ ଟୁଡୁଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ,୩।୯ (ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ନିଲମ୍ବିତ ଓଟିଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁଙ୍କୁ ଆଜି ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ୫୦ହଜାର ଟଙ୍କା ଜମାନତ ରାଶି ସହ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଏହି ମାମଲାର କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଯଦି କୌଣସି ସାକ୍ଷୀ ଅଭିଯୋଗ କରନ୍ତି ଯେ ଟୁଡୁ ଏହି ସର୍ତ୍ତ ଭାଙ୍ଗିଛନ୍ତି, ତେବେ ସେମାନେ ସିଧାସଳଖ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜଣାଇପାରିବେ। ମାମଲାରୁ ପ୍ରକାଶ ଯେ ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଏହା ଖାରଜ ହେବା ପରେ ପୁଲିସ ଭୀମସେନଙ୍କୁ ଗିରଫ କରିଥିଲା। ପ୍ରକାଶଥାଉକି କାଠଯୋଡି ନଦୀ କୂଳ ତ୍ରିଶୂଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଗତ ଜୁନ ୪ ତାରିଖରେ ଉଦ୍ଧାର କରାଯାଇଥିଲା। ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଭୀମସେନଙ୍କ ସହ ଥିବା ସମ୍ପର୍କ ଓ ମାନସିକ ଚାପ ଯୋଗୁଁ ଚନ୍ଦ୍ରିକା ଆତ୍ମହତ୍ୟା କରିଥିଲେ। ଏହି ଅଭିଯୋଗ ପରଠାରୁ ଭୀମସେନ ଫେରାର ଥିଲେ। ପୁଲିସ ଗତ ଜୁନ୍ ୧୩ ତାରିଖରେ ମୟୂରଭଞ୍ଜରୁ ତାଙ୍କୁ ଗିରଫ କରିଥିଲା। ଗିରଫଦାରୀ ପରେ ଶ୍ରୀ ଟୁଡୁଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

# +୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ମେଧା ତାଲିକା ପ୍ରକାଶିତ

- ନାମଲେଖା ପାଇଁ ଚୟନ ହେଲେ ୪୯,୭୭୮ ଛାତ୍ରଛାତ୍ରୀ
- ୭ ରୁ ୧୦ ତାରିଖ ମଧ୍ୟରେ ନାମଲେଖା; ୧୨ରୁ ସ୍ଲଟ୍ ଆବେଦନ

ଭୁବନେଶ୍ୱର, ୩।୯ (ସମିସ): ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯ ହଜାର ୭୭୮ ଜଣ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରୁ ନୂତନ ଭାବେ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିଥିବା ୨୭ ହଜାର ୬୫୧ ଜଣ ଛାତ୍ରଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୨୬,୬୭୩ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୩,୯୨୫ ଜଣ, ବାଣିଜ୍ୟରେ ୪୫୬୯, ଧନ୍ଦାମୂଳକରେ ୧୮୪୬ ଓ ଉପଶାସ୍ତ୍ରୀରେ ୨୭୭୫ ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୭ ରୁ ୧୦ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ। ଏହି ରାଉଣ୍ଡର ନାମଲେଖା ସରିବା ପରେ ସିଧାସଳଖ ସ୍ଲଟ୍ ନାମଲେଖା ହେବ। ଏଥିପାଇଁ ୧୨ରୁ୧୬ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିବେ। ସେପ୍ଟେମ୍ବର ୨୧ ରେ ସ୍ଲଟ୍ ନାମଲେଖା ପାଇଁ ୱେଟିଂ ତାଲିକା ପ୍ରକାଶ ପାଇବ। ତାଲିକାରେ ସ୍ଥାନ ପାଇଥିବା ପିଲାମାନେ ୨୨ରୁ ୨୫ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ୨୬ ରେ ମେଧା ତାଲିକା ପ୍ରକାଶ ପାଇବା ପରେ ୨୯ ତାରିଖ ମଧ୍ୟରେ ସ୍ଲଟ୍ ନାମଲେଖା ସରିବ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ନଥିବା ୩୩ ହଜାର ୩୫୦ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୋଟର ତାଲିକାରୁ...

ତାଲିକାରେ ତାଙ୍କ ନାମ ସାମ୍ନାରେ 'ସ୍ଥାୟୀ ଭାବେ ସ୍ଥାନାନ୍ତରିତ' ବୋଲି ଉଲ୍ଲେଖ ରହିଛି। ରାଘବ ଏହି ଘଟଣାକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସେ ପଞ୍ଜାବରୁ ନିର୍ବାଚିତ ବର୍ତ୍ତମାନର ରାଜ୍ୟସଭା ସାଂସଦ। ତେଣୁ ତାଙ୍କ ନାମକୁ ଖସଡ଼ା ଭୋଟର ତାଲିକାରେ ରଖି ଦାବି ଓ ଆପତ୍ତି ଦଥା ଅଭିଯୋଗ ପ୍ରକ୍ରିୟା ସମୟରେ ଆବଶ୍ୟକ ଦଲିଲ ଯାଞ୍ଚ କରିବାର ସୁଯୋଗ ଦିଆଯିବା ଉଚିତ ଥିଲା। ଚଢ଼ାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ 'ସ୍ଥାନାନ୍ତରିତ' ବୋଲି ଚିହ୍ନଟ କରିବା କେବଳ ଏକ ସାଧାରଣ କାର୍ଯ୍ୟାଳୟୀୟ ତ୍ରୁଟି ନୁହେଁ। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ସେ ଦାବି କରିଛନ୍ତି। ତେବେ ଏହା ଖସଡ଼ା ତାଲିକା ହୋଇଥିବାରୁ ନିୟମ ଅନୁଯାୟୀ ଦାବି ଓ ଆପତ୍ତି ଦାଖଲ କରି ତାଙ୍କ ନାମକୁ ଚୂଡ଼ାନ୍ତ ତାଲିକାରେ ପୁଣି ସାମିଲ କରାଇବା ପାଇଁ ସେ ପଦକ୍ଷେପ ନେଉଥିବା କହିଛନ୍ତି। ରାଘବଙ୍କ ଅଭିଯୋଗକୁ ପଞ୍ଜାବ ସରକାର ଓ ଆମ୍ ଆଦମୀ ପାର୍ଟି ଖଣ୍ଡନ କରିଛନ୍ତି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ ଆୟୋଗ ପକ୍ଷରୁ କରାଯାଉଛି। ଏଥିରେ ପଞ୍ଜାବ ସରକାରଙ୍କ କୌଣସି ଭୂମିକା ନାହିଁ। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ଅଧିକାରୀ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମ୍ ଆଦମୀ ପାର୍ଟି ମଧ୍ୟ ଚଢ଼ାଙ୍କ ଅଭିଯୋଗକୁ ରାଜନୈତିକ ଭାବେ ଭିତ୍ତିହୀନ ବୋଲି କହିଛି। ଦଳର ମତରେ, ଚଢ଼ା ଦିଲ୍ଲୀରେ ରହୁଥିବାରୁ ତାଙ୍କ ଭୋଟର ପଞ୍ଜୀକରଣ ସମ୍ପର୍କରେ ନିଜେ ଆବଶ୍ୟକ ପଦକ୍ଷେପ ନେବା ତାଙ୍କ ଦାୟିତ୍ୱ। ତେଣୁ ଏହି ଘଟଣା ପାଇଁ ପଞ୍ଜାବ ସରକାର କିମ୍ବା ଆମ୍ ଆଦମୀ ପାର୍ଟିକୁ ଦାୟୀ କରିବା ଠିକ୍ ନୁହେଁ ବୋଲି ଦଳ କହିଛି। ପଞ୍ଜାବର ଖସଡ଼ା ଭୋଟର ତାଲିକା ଅଗଷ୍ଟ ୧୩ରେ ପ୍ରକାଶ ପାଇଥିଲା। ଏହି ସଂଶୋଧନ ପ୍ରକ୍ରିୟାରେ ପ୍ରାୟ ୨୦.୬୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଛି, ଯାହା ଏସ୍ଆଇଆର୍ ପୂର୍ବର ମୋଟ ଭୋଟରଙ୍କ ପ୍ରାୟ ୯.୭ ପ୍ରତିଶତ। ବାଦ ପଡ଼ିଥିବା ନାମଗୁଡ଼ିକ ମଧ୍ୟରେ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଓ ଏକାଧିକ ଥର ପଞ୍ଜୀକୃତ ଭୋଟରଙ୍କ ନାମ ରହିଛି। ଚଢ଼ାଙ୍କ ନାମ ମଧ୍ୟ ଏହି ତାଲିକାରେ 'ସ୍ଥାନାନ୍ତରିତ' ଶ୍ରେଣୀରେ ରହିଛି। ତେବେ ଖସଡ଼ା ତାଲିକା ଚୂଡ଼ାନ୍ତ ନୁହେଁ। ତେଣୁ ନାମ ବାଦ ପଡ଼ିଥିବା ଭୋଟରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରି ନିଜ ନାମ ପୁଣି ସାମିଲ କରାଇପାରିବେ ବୋଲି କୁହାଯାଇଛି।

## ବାଲେଶ୍ୱରରେ ବନ୍ୟା...

୬.୩୦ ମିଟରରେ ୱାର୍ଣ୍ଣିଂ ଲେଭଲ ଉପରେ ସ୍ଥିର ରହିଥିବା ବେଳେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୫.୯୬ ମିଟର ରହିଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀ ୧୦.୫୭ ମିଟରରେ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ତେବେ ଏହାର ଜଳସ୍ତର ମଧ୍ୟ ହ୍ରାସ ରହିଥିବାରୁ ପ୍ରଶାସନ ସ୍ଥିତି ଉପରେ ନିରନ୍ତର ନଜର ରଖିଛି। ବନ୍ୟା ପ୍ରଭାବିତଙ୍କୁ ରିଲିଫ ଯୋଗାଇବା ପାଇଁ ଭୋଗରାଇ, ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ରେମୁଣା ବ୍ଲକରେ ୧୧୭ଟି ମାଗଣା ରୋଷେଇ କେନ୍ଦ୍ର ଏବଂ ରିଲିଫ ସେଣ୍ଟର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକରୁ ୫୨,୩୯୩ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିସହ ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ ମଧ୍ୟ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୧୫୬୯.୪୨ କ୍ୱିଣ୍ଟାଲ ଚୁଡ଼ା ଓ ୧୫୦.୮୪ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ପାନୀୟଜଳ ପାଇଁ ୧,୦୮,୮୫୦ ଗୋଟି ବୋତଲ ପାଣି ଓ ୧୩ଟି ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି। ପଶୁସମ୍ପଦ ପାଇଁ ମଧ୍ୟ ୧୨୬ ମେଟ୍ରିକ୍ ଟନ୍ ଶୁଖିଲା ଗୋଖାଦ୍ୟ ଯୋଗାଣ କରାଯାଇଛି। ଉଦ୍ଧାର ଓ ଜରୁରୀକାଳୀନ ସେବା ପାଇଁ ୪ଟି ଓଡ୍ରାଫ୍ ଟିମ୍, ୪ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୪ଟି ମେଡିକାଲ ଟିମ୍ ଓ ୩ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ସମସ୍ତ ବ୍ଲକର ଫାୟାର ସର୍ଭିସ୍ ଟିମ୍ ସହ ଅତିରିକ୍ତ ୪ଟି ଟିମ୍ ମଧ୍ୟ ପ୍ରଭାବିତ ଅଞ୍ଚଳରେ ମୁତୟନ ରହିଛନ୍ତି। ଜିଲ୍ଲା ଓ ବ୍ଲକ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଚାଲୁ ରହିଥିବା ବେଳେ ବରିଷ୍ଠ ଅଧିକାରୀମାନେ ମୁତୟନ ହୋଇ ସ୍ଥିତିର ତଦାରଖ କରୁଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷା ସହ ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ତଳିଆ ଅଞ୍ଚଳ ଓ ବିପଦପ୍ରବଣ ଅଞ୍ଚଳବାସୀଙ୍କୁ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଲୋକମାନେ ଭୟଭୀତ ନହୋଇ ଉଦ୍ଧାରକାରୀ ଦଳ ସହଯୋଗରେ ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଛି। ବନ୍ୟା ସ୍ଥିତି ଉପରେ ଜିଲ୍ଲା ପ୍ରଶାସନର ନିରନ୍ତର ନଜର ରହିଥିବା ବେଳେ ପ୍ରଭାବିତ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଉଦ୍ଧାର, ରିଲିଫ ଓ ଜରୁରୀକାଳୀନ ପଦକ୍ଷେପ ଜାରି ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ସୁବର୍ଣ୍ଣରେଖା ବନ୍ୟା...

ପରିବେଶ ସୃଷ୍ଟି ହୋଇଛି। ବନ୍ୟାଜଳରେ ଏବେ ଚାରିଆଡ଼େ ଜଳମଗ୍ନ। ଘରଦ୍ୱାରଠାରୁ ଆରମ୍ଭ କରି ରାସ୍ତାଘାଟ ଓ ଚାଷଜମି ପର୍ଯ୍ୟନ୍ତ ସବୁଆଡ଼େ କେବଳ ପାଣି ଆଉ ପାଣି। ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଦୁଇଟି ଜୀବନ ଚାଲିଯିବା ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। କୁଳିଦା ଗ୍ରାମର ସୁମତି ଜେନା ଗତକାଲି ରାତିରେ ନିଜ ପୁଅ ଓ ଶାଶୂଙ୍କ ସହ ଡଙ୍ଗାରେ ଘର ସମ୍ମୁଖକୁ ଯାଇଥିଲେ। ଘରଦ୍ୱାର ବନ୍ୟାଜଳରେ ବୁଡ଼ିଯାଇଥିବାରୁ ପୁଅକୁ ପାଇଖାନା ନେବା ପାଇଁ ସେମାନେ ଡଙ୍ଗାର ଆଶ୍ରୟ ନେଇଥିଲେ। ଅସାବଧାନତାବଶତଃ ସୁମତିଙ୍କ ପୁଅ ଡଙ୍ଗାରୁ ଭାରସାମ୍ୟ ହରାଇ ବନ୍ୟାଜଳକୁ ଖସିପଡ଼ିଥିଲେ। ନାତିକୁ ବଞ୍ଚାଇବା ପାଇଁ ସୁମତିଙ୍କ ଶାଶୁ ମଧ୍ୟ ବନ୍ୟାଜଳକୁ ଡେଇଁ ପଡ଼ିଥିଲେ। ଏହି ସମୟରେ ସୁମତି ମଧ୍ୟ ନିଜ ପୁଅ ଓ ଶାଶୂଙ୍କୁ ଉଦ୍ଧାର କରିବାକୁ ପାଣିକୁ ଓହ୍ଲାଇଥିଲେ। ସ୍ଥାନୀୟ ଲୋକେ ଉଦ୍ୟମ କରି ପୁଅ ଓ ଶାଶୁଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସୁମତି ବନ୍ୟାଜଳରେ ଫସିଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସୁମତିଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମାଛ ଧରିବାକୁ ଯାଇ ଶବ ହୋଇ ଫେରିଛନ୍ତି ନାଚିନ୍ଦା ଗ୍ରାମର ସନ୍ନ୍ୟାସୀ ରାଜ। ସନ୍ନ୍ୟାସୀ ବିଲକୁ ମାଛ ଧରିବା ପାଇଁ ବିନ୍ଧା ଜାଲ ମାରିବାକୁ ଯାଇଥିଲେ। ପରେ ଜାଲ ଉଠାଇବା ପାଇଁ ଯାଇଥିବାବେଳେ ସେ ଆଉ ଘରକୁ ଫେରିନଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ବନ୍ୟାଜଳରେ ସନ୍ନ୍ୟାସୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ସନ୍ନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କମର୍ଦ୍ଦା ପୁଲିସ ଉଭୟ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରିଛି। ପୁଲିସ ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ସୁବର୍ଣ୍ଣରେଖାର ବନ୍ୟା ଏଥର କେବଳ ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିନାହିଁ, ଦୁଇଟି ପରିବାରର ହସଖୁସିକୁ ମଧ୍ୟ ଛଡ଼ାଇ ନେଇଛି।

## କେନ୍ଦ୍ର ଆମ କଥା...

ଚାଉଳ ଏପର୍ଯ୍ୟନ୍ତ ଉଠିପାରି ନାହିଁ। ଚାଉଳ ଉଠାଇବା ପାଇଁ ସେ ବାରମ୍ବାର ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟୁଥିଲେ ବି କିଛି ଫଳ ମିଳୁ ନ ଥିବା ମନ୍ତ୍ରୀ ପରୋକ୍ଷରେ କହିଛନ୍ତି। ଏମିତିକି 'ଏଇ ଗୋଟାକ ସମସ୍ୟା ଆମକୁ ମାରୁଛି' ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିବାକୁ ବି ପଛାଇ ନାହାନ୍ତି। ଆମର ଉତ୍ପାଦନ ପାଇଁ ଆମେ ଚିନ୍ତିତ ନୁହେଁ, ଉତ୍ପାଦନ ବଢ଼ିବ। ଆମେ ୪୮ ଘଣ୍ଟା ଭିତରେ ୩୦ ହଜାର କୋଟି ଟଙ୍କା ଦେଉଛୁ; କିନ୍ତୁ ଚାଉଳ ଠିକ୍ ସମୟରେ ଉଠୁନାହିଁ। କ'ଣ ପାଇଁ ଅନ୍ୟ ରାଜ୍ୟ ପ୍ରତି ଏଫ୍‌ସିଆଇ ଦରଦ ଦେଖାଉଛି, ଆମ ପାଇଁ ଦରଦ ଦେଖାଇବାକୁ ବିମୁଖ ହେଉଛି; ସେ କଥା ବି ଆମେ ବୁଝି ପାରୁନାହୁଁ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ମୋତେ ପୁଣି ଆଉଥରେ ହାଇ ଲେଭେଲ ଟିମ୍ ନେଇ ତାଙ୍କ (କେନ୍ଦ୍ରମନ୍ତ୍ରୀ) ପାଖକୁ ଯିବାକୁ ପଡିବ; ସେଠାରେ ବୈଠକ କରିବାକୁ ପଡ଼ିବ। ଚାଉଳ ଉଠାଉନଥିବା ଯୋଗୁଁ ଆମେ ଚିନ୍ତାରେ ପଡିଛୁ। ଦିଲ୍ଲୀକୁ ଓଡ଼ିଶାରୁ ୨୦ ଜଣ ଏମ୍‌ପି ଯାଇଛନ୍ତି। ଆମର ଅଧିକାର ଅଛି। ଆମେ ସେ କଥା କେନ୍ଦ୍ରରେ କହିବୁ। ଚାଉଳ ନ ଉଠାଇ ପାରିଲେ ପୁଣି ଆଉଥରେ ଧାନ କିଣିବା କଷ୍ଟକର ହୋଇପଡିବ। ଆମ ହାତ ବାନ୍ଧି ହେଇଯାଉଛି ବୋଲି ଉଲ୍ଲେଖ କରି ଓଡ଼ିଶାରୁ ଚାଉଳ ଜଲଦି ଜଲଦି ଉଠାନ୍ତୁ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏଫ୍‌ସିଆଇ ଜିଏମ୍‌ଙ୍କୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ମାଧ୍ୟମରେ ଉଠାଇବା ବ୍ୟବସ୍ଥା ଥିଲେ ବି ମାତ୍ର ଏହାର ଏକଚତୁର୍ଥାଂଶରୁ କମ୍ ଅର୍ଥାତ୍ ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଏହି ଚାଉଳ ଉଠୁ ନ ଥିବାରୁ ଏବେ ରାଜ୍ୟର ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି। ଫଳସ୍ୱରୂପ ଆଗାମୀ ଖରିଫ୍ ଋତୁରେ ମିଲରମାନଙ୍କ ପାଇଁ ଧାନ ଉଠାଇବା ମଧ୍ୟ କଷ୍ଟକର ହୋଇପଡ଼ିବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ସ୍ଥିତି ଉଦ୍‌ବେଗ ଜନକ କହିଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ପରେ କିଛି ପରିମାଣରେ ଚାଉଳ ବଳୁଛି। ହେଲେ ପଶ୍ଚିମ ଓଡ଼ିଶାରେ ଉତ୍ପାଦନ ହେଉଥିବା ଧାନର ପରିମାଣରୁ ୩୦ ପ୍ରତିଶତ ପିଡିଏସ୍ ବଣ୍ଟନ ପରେ ବାକି ପ୍ରାୟ ୬୦-୭୦ ପ୍ରତିଶତ ଚାଉଳ ରହୁଛି। ଏହି ଚାଉଳ ମିଲର ଓ ସରାକରୀ ଗୋଦାମରେ ଗଚ୍ଛିତ ରହିଛି। ତେଣୁ ଏଥର ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଖରିଫ ଧାନ ଉଠାଯିବ ନାହିଁ ବୋଲି ମଧ୍ୟ ମିଲର ସଂଘ କିଛି ଦିନ ତଳେ ସରକାରଙ୍କୁ ଭେଟି ଚେତାବନୀ ଦେଇଛି। ଏହି ସ୍ଥିତି ସମୟରେ ମନ୍ତ୍ରୀଙ୍କ ଅସହାୟତା ପ୍ରକାଶ ନୂଆ ବିବାଦ ସୃଷ୍ଟି କରିଛି।


**SALE**

BHARAT BENZ 3528 C, MODEL 2024, Regn. No - OD-02-CZ-7477, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

**FOR SALE**

01 Number of TATA ACE GOLD DIESEL+ /2023, Registration No.- OD-15-X-5698, Model-2023, Engine No – 700CCDI04HWXSA5058, Chassis No - MAT559033PYH37540, For Details, Contact - 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST- SAMBALPUR-768004

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: eT-M-CD-BBS-CCTVAMC-08-26

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର LHB କୋଚ୍‌ଗୁଡ଼ିକରେ ଲଗାଯାଇଥିବା କ୍ଲୋଜ୍‌ଡ୍ ସର୍କିଟ୍ ନିରୀକ୍ଷଣ(Surveillance) ପ୍ରଣାଳୀର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,36,25,790.80, ଅମାନତ ରାଶି(ଟଙ୍କାରେ) : 2,18,100.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.09.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.09.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ କୋଚିଙ୍ଗ୍ ଡିପୋ ଅଧିକାରୀ, ଭୁବନେଶ୍ୱର

PR-412/R/26-27

**AFFIDAVIT**

By virtue of an affidavit sworn before the Executive Magistrate, Puri, dated 21/08/2026, I **TOPHAN KUMAR MANGARAJ** age 59years S/o Satrughna Mangaraj resident of Villa-Apithi, PO- Gadakokal, PS- Brahmagiri, Dist- Puri, Pin-752011, State- Odisha, that my wife Laxmipriya Lenka's correct date of birth is **07/04/1982** but in my service certificate wrongly mentioned as **17/11/1982.** My Son's correct name is **Tapas Kumar Mangaraj** but it has been wrongly mentioned as **Tapasha Kumar Mangaraj** in my Service Certificate. Both name are one and same person. His correct date of birth is **12/06/2006** but wrongly mentioned as **12/06/2005** in my Service Certificate. My another Son's correct name in **Tushar Kumar Mangaraj** but it has been wrongly mention as **Trushar Kumar Mangaraj** in my Service Certificate. His correct date of birth is **12/06/2006** but wrongly mention as **12/06/2005** in my Service Certificate. My daughter Payal **Rani Mangaraj** correct date of birth is **13/11/2001** but it has been wrongly mentioned as **12/11/2001** in my Service Certificate.

Sd- **TOPHAN KUMAR MANGARAJ**

**AFFIDAVIT**

By virtue of an affidavit sworn before the **Notary Public, Rayagada No. 9453, dtd. 03.09.2026, by Smt. Rita Bidika,** aged about 32 years, W/o - Late Ramesh Jakaka, resident of At - Jagannathpur, PO - Pitamahal, PS - Seskhal, Block/Dist - Rayagada, Pin - 765002, Odisha, declare that I have changed the name of my daughter from **Prachi Jakaka** to **Reshma Jakaka.** Henceforth, she shall be known as **Reshma Jakaka** for all purposes.

Sd/- Rita Bidika

**AFFIDAVIT**

By virtue of affidavit sworn before the Executive Magistrate Puri, I, Mithun Barik, At- Ketakipatana, Po. Lalitapahandi, P.S.- Satyabadi Dist-Puri, PIN-752045 declare the I have changed my son's name from Basanta Kumar Barik to Prasad Kumar Barik. Henceforth he shall be known as **Prasad Kumar Barik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Dhurjati Sankisa, S/o- Rama Sastry, resident of MIG-127, First Lane, Kanan Vihar, Phase-II, Nandankanan Road, Bhubaneswar- 751024 declare that my actual name is Dhurjati Sankisa, but in my Aadhaar & PAN Card my name is recorded as S Dhurjati. I declare that Dhurjati Sankisa and S Dhurjati is the same person. Henceforth I will be known as **Dhurjati Sankisa** for all purposes.

**AFFIDAVIT**

By virtue of an affidavit No. 11576 sworn before The Executive Magistrate on dtd-29/08/2026, I **Sahnaj Begum,** aged 42 years, W/o- Sk Samsher Ali, permanent resident of Vill- Chandpur, Po/Ps- Bramhabarada, Dist-Jajpur, Odisha, Pin-755005 declared that I have changed my minor daughter's name from **Nazishnaz Begum** (old name) to **Raziya Sultana** (new name). Henceforth, she shall be known as **RAZIYA SULTANA** for all future purposes.

**Sd/- Sahnaj Begum**

**AFFIDAVIT**

I **Mohammed Tasawar Hussain,** S/o- Mohammed Tafaruq Hussain, resident of DDL- 1074, Dumuduma Housing Board Colony, Near Children Park, Phase-2, P.O-Dumuduma, Dist- Khordha, Pin- 751019, Odisha declare by this Affidavit number CF No- 107, dtd- 01/09/2026 I have changed my son's name from **Hussain Mohammed Tawaheed** to **Md Tauheed Hussain** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Uditnagar Rourkela (A64), dated 03.08.2026. I, **Md Afrid,** S/o-Mohammad Abid, Address: Back Side QR NO- H/437 SECTOR-15, H/437 Sector- 15, Rourkela, Sector- 15, VTC : Raurkela(M ), PO: Rourkela-3 Sub District: Raurkela (m) District: Sundergarh, Odisha Pin code: 769003 declare that I have changed my name from **Mohammad Abid** to **Md Afrid.** Henceforth, I shall be known as **Md Afrid** for all purposes.

**Md Afrid**

**AFFIDAVIT**

I, Surendranath Mahapatro, aged about 70 years, H/o- Nandita Mishra, resident of Flat No-706, Lumbini Enclave, Lumbini Vihar, Sailashree Vihar, Bhubaneswar, Dist- Khurda, PIN- 751021, Odisha declared by this affidavit No. 574, dtd- 02/09/2026 that now onwards I shall be known as **SURENDRA NATH MOHAPATRA** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 28.08.2026 I, **Sritam Pujari,** Address: AT- SAHAJBAHAL, PO- SANKARA, PS- BINIKA, DIST- SUBARNAPUR, PIN-767019, ODISHA, declare that I have changed my name from **SHRIMAT PUJARI** to **SRITAM PUJARI.** Henceforth, I shall be known as **SRITAM PUJARI** for all purposes.

**Sritam Pujari**

**AFFIDAVIT**

By virtue of an affidavit before the Executive Magistrate, Bargarh vide sl. no. 587, dtd.03.09.2026, I, Seteng Aind, W/o- Charles Aind, R/o- Vill.- Jujugaon, Po.- B. Kharmunda, Ps.- Attabira, Dist.- Bargarh (Odisha), PIN- 768038 state that, my daughter's actual name and Date of Birth is **Jyotshna Aind, DOB- 08.12. 2016** but in her Aadhaar Card no. 2816 5987 6894 her name has been wrongly mentioned as Josnaya Aind. Hence **Josnaya Aind and Jyotshna Aind** is one and same person.


P.G. Central Office

**Maharaja Sriram Chandra Bhanja Deo University**

Sriram Chandra Vihar, Takatpur, Baripada-757003, Mayurbhanj, Odisha
Website: https://mscbu.ac.in

NAAC 'A'

No.755/MSCBU(PGC-195/2025)/2026 — Dt. 03.09.2026

**NOTICE**

**Spot Admission into MCA and MBA Programme- 2026**

Spot admission for MCA at 'School of Information Technology, Rairangpur, MSCB University under Self Financing Mode and MBA at MSCB University, Baripada will be conducted in the schedule stated below. Interested candidates with OJEE-2026 rank or with valid Score card in All India examinations like CAT/MAT/XAT/ATMA/CMAT for MBA; NIMCET/OJEE for MCA are required to report in person on 09-09-2026 along with their OJEE Rank Card, original Certificates, Mark sheets and other relevant documents along with a set of photo copy. The selection will be made on the basis of OJEE-2026 General Rank. Admission will be held on 10-09-2026.Eligibility: As per OJEE norms. For more details visit the official website https://mscbu.ac.in.

| Programme | For Reporting and Admission | Reporting Date | Admission Date |
|---|---|---|---|
| MCA | Admission-in-Charge, 'School of Information Technology, Rairangpur Block Padia, in front of Women's College, Rairangpur - 757043 MSCB University, Baripada For more details, Contact -7978568017 | 09.09.2026 10:30 AM to 03:00 PM | 10.09.2026 10:30 AM to 05:00 PM |
| MBA | Admission-in-Charge, Dept. of Business Administration, MSCB University, Baripada For more details, Contact-9437376243 | Publication of Merit List: 05:00 PM | |

Sd/-
Chairman, P.G. Council

19001/242/2627

**OFFICE OF THE PANCHAYAT SAMITI, BALIPATNA**

Letter No. 3483 — **CORRIGENDUM** — Dt.02/09/26

In continuation to this office letter no. 3477 Dt. 01.09.26, the name of work in Column-02 and Class of Contractor in Column-04 shall be read as **"Construction of Multipurpose Convention Hall cum Cultural Centre"**, and "B & Equivalent" instead of "Construction of Multipurpose Convention Hall cum Cultural Hall" and "C & above". All other text in the said letter shall remain unchanged.

Block Development Officer, Balipatna

OIPR-19001/19303/1/26-27/0003

**KASTURABA GANDHI BALIKA VIDYALAY (KGBV TYPE-III) DANGASORADA ,CHANDRAPUR BLOCK,RAYAGADA DISTRICT**

27001/153/2627

L. No. 129 /KGBV/ 2026 — Dated 01.09.2026

**TENDER CALL NOTICE**

Sealed tender are invited from the Registered & credible Firm / whole seller / Dealer and Manufacturer for supply of different items for Kasturaba Gandhi Balika Vidyalaya (KGBV ). Dangasorada , Chandrapur Block of Rayagada District : 2026-27.

For details please visit the district website i.e. www.rayagada.nic.in .

Last date receiving tender: 21.09.2026 (4.00 PM)

Tender opening date: 23.09.2026 ( 11.00 AM)

Headmistress, K.G.B.V., Dangasorada
Chandrapur Block , Rayagada District

OIPR-27001/27123/1/26-27/0001

**GOVERNMENT OF ODISHA**
**Panchayati Raj & Drinking Water Department**
**E-Procurement Notice**

19001/222/2627

**Bid Identification No. P5-KBLMVD-T-67/2026-27**

| | | | |
|---|---|---|---|
| 1. | No. of the work | : | Building works 2 nos. |
| 2. | Estimated cost | : | Rs. 19.10 lakh & Rs. 38.42 lakh |
| 3. | Class of Contractor | : | "C" & "D" & "E" |
| 4. | Period of completion | : | 6 months |
| 5. | Date and time of availability of bid documents in the portal | : | 11.30 hrs of 29.08.2026 to 17.00 hrs of 09.09.2026 |
| 6. | Last date/Time for receipt of bid in the portal | : | 17.00 hours of 09.09.2026 |
| 7. | Name and Address of the Officer inviting bid | : | Block Development Officer, Karlamunda |
| 8. | Date & Venue of Opening of the Single Cover Bid and Technical Bid (Cover 1) | : | On 10.09.2026 at 11.00 AM in the Office of the Panchayat Samiti, Karlamunda |

Further details can be seen from the e-procurement portal https://tendersodisha.gov.in

Block Development Officer
Karlamunda

OIPR-19001/19429/1/26-27/0001

**OFFICE OF THE PANCHAYAT SAMITI : BALIKUDA**
*At/Po-Balikuda, Dist-Jagatsinghpur, e-mail:-ori-balikuda@nic.in*
*Phone: 06724 - 238226*

19001/240/2627

**'e' Procurement Notice No.BDO-BKD/PS-02 of 2026-27**

| | | |
|---|---|---|
| 1 | Number of the works | 10 (Nos.) Nos. |
| 2 | Tender Amount (Approx.) | Rs.9.31 Lakh to 28.53 Lakh |
| 3 | EMD (online) | As per DTCN |
| 4 | Tender Paper' Cost (online) (Non-Refundable) | Rs.6,000.00 |
| 5 | Class of Contractor | "D", "C" & "B" Class Contractor |
| 6 | Period of Completion | 06 (six) Calendar Months |
| 7 | Availability of Tender | From 07.09.2026 at 10.00 AM to 22.09.2026 at 5.30 P.M |
| 8 | Date & Time of opening of BID | 23.09.2026 at 11.00 AM |

Further details can be seen from the Govt. web site "https://tendersodisha.gov.in"
All corrigendum / cancellation of tender if any, will only be uploaded in the above web site

Sd/-
BLOCK DEVELOPMENT OFFICER, BALIKUDA

OIPR-19001/19282/1/26-27/0002

# ସୁବର୍ଣ୍ଣରେଖାର ତୃତୀୟ ବନ୍ୟାରେ ଆଉସା ସ୍ୱିଚ୍ ଗେଟ୍ ଭାଙ୍ଗିଲା

ଚନ୍ଦନେଶ୍ୱର, ୩।୯ (ସମିସ)



**୧୫ ପଞ୍ଚାୟତକୁ ବିପଦ, ରାତି ୩ଟାରୁ ପ୍ରବଳ ବନ୍ୟାସୁଅ**
**ବିଭାଗୀୟ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ**
**ଲୋକେ ନିଜେ ଧରିଲେ ମୁକାବିଲାର ମଙ୍ଗ**

ସୁବର୍ଣ୍ଣରେଖା ନଦୀରେ ତୃତୀୟ ଥର ପାଇଁ ବନ୍ୟାରେ ଭୋଗରାଇ ଅଞ୍ଚଳରେ ବିପଦ ପୁଣି ଗମ୍ଭୀର ରୂପ ନେଇଛି। ପ୍ରବଳ ବନ୍ୟାଜଳ ଚାପରେ ଆଉସା ସ୍ୱିଚ୍ ଗେଟ୍ ଭାଙ୍ଗିଯିବା ପରେ ୧୫ଟି ପଞ୍ଚାୟତରେ ବିପଦ ସୃଷ୍ଟି ହୋଇଥିଲା। ରାତି ପ୍ରାୟ ୩ଟାରୁ ଭଙ୍ଗା ଗେଟ୍ ଦେଇ ଅନିୟନ୍ତ୍ରିତ ଭାବେ ପ୍ରବଳ ବନ୍ୟାଜଳର ସୁଅ ଛୁଟିବାରୁ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ବଢ଼ିଛି। ଦୀର୍ଘଦିନ ଧରି ଅବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ଅଭାବରେ ଥିବା ଆଉସା ସ୍ୱିଚ୍ ଗେଟ୍ ପ୍ରଥମ ଓ ଦ୍ୱିତୀୟ ବନ୍ୟାର ଚାପ ସମ୍ଭାଳିଥିଲେ ମଧ୍ୟ ତୃତୀୟ ବନ୍ୟାର ପ୍ରଚଣ୍ଡ ସୁଅକୁ ଆଉ ସମ୍ଭାଳି ପାରିନଥିଲା। ଗେଟ୍ ଭାଙ୍ଗିବା ପରେ ବନ୍ୟାଜଳ ବାଗପଞ୍ଜର ପଥରେଶ୍ୱର ଖାଲକୁ ପ୍ରବେଶ କରି ଖାଲକୁ ପ୍ରାୟ ପୂର୍ଣ୍ଣ କରିଦେଇଛି। ଏହି ପାଣି ୫୭ ନମ୍ବର ରାଜ୍ୟ ରାଜପଥର ନେଗୁଆଁ ଓ ଜଗନ୍ନାଥପୁର ଛକ ନିକଟବର୍ତ୍ତୀ ଅଞ୍ଚଳ ଆଡ଼କୁ ମାଡ଼ିଆସୁଥିବା ଜଣାପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏଭଳି ସଙ୍କଟ ସମୟରେ ଜଳସମ୍ପଦ ବିଭାଗର ରଣକୋଠା ସେକ୍ସନ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଦେଖାଦେଇଛି। ବନ୍ୟା ପରିଚାଳନା ଓ ଜଳ ନିୟନ୍ତ୍ରଣ ବ୍ୟବସ୍ଥାରେ ବିଭାଗୀୟ ତତ୍ପରତା ରହିବା କଥା କିନ୍ତୁ ସଙ୍କଟ ସମୟରେ କର୍ମଚାରୀ ଅଭାବ ବିଭାଗର ପ୍ରସ୍ତୁତି ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତିରେ ଶେଷରେ ସ୍ଥାନୀୟ ଲୋକେ ହିଁ ବନ୍ୟା ମୁକାବିଲାର ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ। ପସରବିନ୍ଧା ପଞ୍ଚାୟତର ସରପଞ୍ଚ ସୁମନ୍ତ ବେହେରା ଓ ଟୁଙ୍କୁରିହାଜିରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁଙ୍କ ନେତୃତ୍ୱରେ ହଜାର ହଜାର ଗ୍ରାମବାସୀ ଘଟଣାସ୍ଥଳରେ ଏକଜୁଟ ହୋଇଥିଲେ। ସ୍ୱିଚ୍ ଗେଟ୍ ସମ୍ମୁଖରେ ଗ୍ରିଲ୍ ଲଗାଇବା ସହ ବାଲିବସ୍ତା ଓ ବଡ଼ ବଡ଼ ଗଛ ପକାଇ ପ୍ରବଳ ସୁଅକୁ ରୋକିବାକୁ ଉଦ୍ୟମ କରିଥିଲେ। ଲୋକଙ୍କ ଏହି ସାମୂହିକ ପ୍ରୟାସ ଯୋଗୁଁ ବିପଦକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିଛି। ଖବର ପାଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରିଙ୍କ ସମେତ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ସୁନ୍ଦର ମଣ୍ଡଳ, ସହକାରୀ ଯନ୍ତ୍ରୀ ଡାକ୍ତର ସିଂ ପ୍ରମୁଖ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଆଉସା ସ୍ୱିଚ୍ ଗେଟ୍‌ର ନିୟମିତ ଯାଞ୍ଚ, ମରାମତି ଓ ରକ୍ଷଣାବେକ୍ଷଣ ହୋଇଥିଲେ ଏଭଳି ପରିସ୍ଥିତି ଉପୁଜିନଥାନ୍ତା। ବନ୍ୟା ଆସିବା ପରେ ମରାମତି କରିବା ପରିବର୍ତ୍ତେ ବନ୍ୟା ପୂର୍ବରୁ ଗେଟ୍‌ର ସ୍ଥିତି ଯାଞ୍ଚ କରି ପଦକ୍ଷେପ ନେବା ବିଭାଗର ଦାୟିତ୍ୱ ଥିଲା। ଏହି ଦାୟିତ୍ୱ ପାଳନରେ ଅବହେଳା ଯୋଗୁଁ ଏବେ ହଜାର ହଜାର ଲୋକଙ୍କ ଜୀବନ, ଘରଦ୍ୱାର ଓ ଚାଷଜମି ବିପଦରେ ପଡ଼ିଥିବା ଅଭିଯୋଗ ହୋଇଛି। ସ୍ୱିଚ୍ ଗେଟ୍‌ର ଦୁର୍ବଳତା ସମ୍ପର୍କରେ ବିଭାଗ ପୂର୍ବରୁ ଅବଗତ ଥିଲା କି ନାହିଁ, ଅବଗତ ଥିଲେ ସମୟ ପୂର୍ବରୁ ମରାମତି କାହିଁକି ହେଲା ନାହିଁ ଏବଂ ବନ୍ୟା ସମୟରେ ଗେଟ୍‌ର ସୁରକ୍ଷା ପାଇଁ କେତେଜଣ କର୍ମଚାରୀ ନିୟୋଜିତ ଥିଲେ ଏଭଳି ଅନେକ ପ୍ରଶ୍ନ ଏବେ ଉଠିଛି। ଅଞ୍ଚଳବାସୀ ଆଉସା ସମେତ ସମସ୍ତ ସ୍ୱିଚ୍ ଗେଟ୍‌ର ତୁରନ୍ତ ବୈଷୟିକ ଯାଞ୍ଚ, ସ୍ଥାୟୀ ମରାମତି ଓ ଆଧୁନିକୀକରଣ ଦାବି କରିଛନ୍ତି। ରଣକୋଠା ସେକ୍ସନରେ ପର୍ଯ୍ୟାପ୍ତ କର୍ମଚାରୀ ନିୟୋଜନ ସହ ଆପତ୍କାଳୀନ ବନ୍ୟା ନିୟନ୍ତ୍ରଣ ସାମଗ୍ରୀ ମହଜୁଦ ରଖିବାକୁ ମଧ୍ୟ ଦାବି ହୋଇଛି। ତୁରନ୍ତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଏଭଳି ବିପର୍ଯ୍ୟୟ ଆହୁରି ଭୟାବହ ରୂପ ନେଇପାରେ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ସ୍ୱିଚ୍ ଗେଟ୍‌ର ସ୍ଥାୟୀ ସମାଧାନ ସହ ବିଭାଗୀୟ ଅବହେଳାର ତଦନ୍ତ କରାନଗଲେ ଜନଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ କଡ଼ା ଚେତାବନୀ ଦେଇଛନ୍ତି।

## ବିଚିତ୍ରପୁର ରାଧାଗୋବିନ୍ଦ ମଠର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଚନ୍ଦନେଶ୍ୱର, ୩।୯ (ସମିସ):** ଭୋଗରାଇ ବ୍ଲକ କାନ୍ଥେଇଖଣ୍ଡ ପଞ୍ଚାୟତ ଅନ୍ତର୍ଗତ ବିଚିତ୍ରପୁର ରାଧାଗୋବିନ୍ଦ ମଠରେ ପାଞ୍ଚଦିନ ବ୍ୟାପୀ ବାର୍ଷିକ ଉତ୍ସବ ଗତ ୨୮ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇ ମଙ୍ଗଳବାର ଭକ୍ତିମୟ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ଉଦ୍‌ଘାଟନ ଦିବସରେ ଉଦ୍‌ଘାଟକ ଭାବେ ଗୁରୁ ଶ୍ରୀ ନୀଳମାଧବ ଦେବ ଗୋସ୍ୱାମୀ ଯୋଗଦେଇ ମହାପ୍ରଭୁଙ୍କ ଝୁଲଣ ଯାତ୍ରାର ଶୁଭାରମ୍ଭ କରିଥିଲେ। ଉତ୍ସବର ଅନ୍ତିମ ଦିନ ମଙ୍ଗଳବାର ନାମଯଜ୍ଞ ବିଶ୍ରାମ ସହ ମହାପ୍ରଭୁଙ୍କୁ ୫୬ ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମହାପ୍ରଭୁଙ୍କ ପବିତ୍ର ଝୁଲଣ ଯାତ୍ରାର ଉଦ୍‌ଯାପନ ହୋଇଥିଲା। ଏହି ଅବସରରେ ମଠ ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିବା ସହ ସମଗ୍ର ଅଞ୍ଚଳ ହରିନାମ ସଂକୀର୍ତ୍ତନରେ ଗୁଞ୍ଜରିତ ହୋଇଥିଲା।

## ଶିକ୍ଷକ ଫକୀର ଚରଣ ବେହେରାଙ୍କ ସ୍ମୃତିସଭା

**ରେମୁଣା, ୩।୯ (ସମିସ):** ବାଲିପାଳ ଗ୍ରାମ ନିବାସୀ କୃତୀ ଶିକ୍ଷକ ଫକୀର ଚରଣ ବେହେରାଙ୍କ ଏକାଦଶରେ ଏକ ସ୍ମୃତି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ମନ୍ମଥ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରୋଜ କୁମାର ବେହେରା, ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ସରୋଜ ରଞ୍ଜନ ବେହେରା, ମହେଶ ବେହେରା, ଲାଲମୋହନ ବେହେରା, ଅଭିମନ୍ୟୁ ବେହେରା, ଧାନେନ୍ଦ୍ର ରାଉଳ, ଶରଧର ରଣା, ଅକ୍ଷୟ କୁମାର ବେହେରା, ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷକ ଫକୀର ଚରଣ ବେହେରାଙ୍କ କର୍ମମୟ ଜୀବନର ମହନୀୟ ଗୁଣାବଳୀକୁ ଆଲୋଚନା କରିଥିଲେ। ଭଜନ ବୃନ୍ଦାବନ ବେହେରା ଅତିଥିଙ୍କ ପରିଚୟ ଦେଇଥିବାବେଳେ ଦିଲ୍ଲୀପ କୁମାର ବେହେରା, ପୁଷ୍ପଲତା ବେହେରା, ସତ୍ୟଭାମା ବେହେରା ଗୀତ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଭଗୀରଥ ନାୟକ, ବିଶ୍ୱମ୍ଭର ଖିଲାର, ଅଶ୍ୱିନୀ ଦାସ, ମଦନ ନାୟକ, ଦେବାଶୀଷ ବେହେରା, ଭଗବାନ ବେହେରା, ସସ୍ମିତା, ନମିତା, ରାଧାମୋହନ ବେହେରା, ଟିକୁ ବେହେରା ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜୀବ କୁମାର ବେହେରା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ନୀଳଗିରି, ୩।୯ (ସମିସ):** ଗଣେଶ ପୂଜା ଶୁଭାରମ୍ଭ ପାଇଁ ନୀଳଗିରି ଡାକବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମେର୍ଯ୍ୟ ବଏଜ, କେ.ବି.ଏନ୍ ପକ୍ଷରୁ ପ୍ରଥମ ଥର ପାଇଁ ଶ୍ରୀ ଶ୍ରୀ ଗଣେଶ ପୂଜା ଓମେନ୍ସ କଲେଜ ରୋଡ଼ ପାଖରେ ଆୟୋଜନ କରାଯାଉଛି। ପୂଜାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବା ପାଇଁ ମେର୍ଯ୍ୟ ବଏଜର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ପ୍ରସ୍ତୁତି ଚଳାଇଛନ୍ତି। ପୂଜା ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ସହିତ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ସଭାପତି ପ୍ରଶାନ୍ତ କୁମାର ରାଉତ, ଉପସଭାପତି ପ୍ରୀତମ ବିଶ୍ୱାଳ, ସମ୍ପାଦକ ସଂଜୀବ ବେହେରା, ସହ ସମ୍ପାଦକ ରଞ୍ଜିତ ପ୍ରଧାନ, ଉପଦେଷ୍ଟା ଉଦୟଜ୍ୟୋତି ମହାନ୍ତି, ସବ୍ୟଜିତ ପ୍ରଧାନ, ନିବାରିଷ ଦ୍ୱିବେଦୀ, ଆଦର୍ଶ ଗୌରବ ଦାସ, ଲଳିତ ଜେନା, ଲକ୍ଷ୍ମୀଧର ପାତ୍ର, ଅନନ ବେହେରା, ଶଶିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟନ୍ତ ନାୟକ ସିମୁଳିଆ ବ୍ଲକ ବିଜେଡିର ନୂତନ ଯୁବ ସଭାପତି

**ସିମୁଳିଆ, ୩।୯ (ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ ଦଳୀୟ ସଂଗଠନକୁ ସକ୍ରିୟ ଏବଂ ସୁଦୃଢ଼ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି କରାଯାଇଛି। ଦକ୍ଷ ଯୁବ ସଂଗଠକ ଜୟନ୍ତ ପ୍ରସାଦ ନାୟକଙ୍କୁ ବିଜୁ ଜନତା ଦଳ ପକ୍ଷରୁ ସିମୁଳିଆ ବ୍ଲକର ନୂତନ ବିଜୁ ଯୁବ ଜନତା ଦଳ ସଭାପତି ଭାବେ ମନୋନୀତ କରାଯାଇଛି। ତାଙ୍କର କାର୍ଯ୍ୟଦକ୍ଷତା ଏବଂ ପାରଦର୍ଶିତାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁପ୍ରକାଶ ପାଣିଗ୍ରାହୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ବିଜେଡି ଦଳ ସଂଗଠନକୁ ମଜବୁତ କରିବା ପାଇଁ ତାଙ୍କୁ ଏହି ବଡ଼ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ନିଯୁକ୍ତି ଘୋଷଣା ହେବା ପରେ ଯୁବ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ଏଥିପାଇଁ ଜୟନ୍ତ ପ୍ରସାଦ ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯିବା ସହ ସେ ସିମୁଳିଆ ବ୍ଲକର ଯୁବକମାନଙ୍କୁ ଏକଜୁଟ କରିବାରେ ସଫଳ ହେବେ ବୋଲି ଦଳୀୟ ନେତୃବୃନ୍ଦ ଆଶା ପ୍ରକଟ କରିଛନ୍ତି। ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ସେ ନିରନ୍ତର ଚେଷ୍ଟା ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି।

## ସାହସୀ ମହିଳାଙ୍କୁ ବିଜେଡି ମହିଳା ଟିମ୍‌ର ସମ୍ବର୍ଦ୍ଧନା



**ବାଲେଶ୍ୱର, ୩।୯ (ସମିସ):** ନିଛାଟିଆ ଜଙ୍ଗଲ, ଶୂନଶାନ ରାସ୍ତା। ସାମ୍ନାରେ ବନ୍ଧୁକ ଧରି ଡକାୟତ। ଯେ କେହି ବି ହେଲେ ସେଠି ଡରି ଯାଇଥାନ୍ତା। ହେଲେ ଡରି ନ ଥିଲେ ନୀଳଗିରିର ମୁନି ସିଂହ। ନୀଳଗିରି ତିନିକୋଶିଆ ଜଙ୍ଗଲ ରାସ୍ତା। ଗରଡିହୀ ପଞ୍ଚାୟତର ମୁନି ସିଂହ ଯାଉଥିଲେ। ହଠାତ୍ ଡକାୟତଙ୍କ ଆକ୍ରମଣ। ଜୀବନ ଯିବ ବୋଲି ଜାଣି ବି ସେ ପଛ ଘୁଞ୍ଚା ଦେଲେନି। ହାତରେ ଥିଲା ଖଣ୍ଡେ ଛତା। ସେହି ଛତାରେ ହିଁ ମୁନିଙ୍କ ପ୍ରଚଣ୍ଡ ପିଟାରେ ବନ୍ଧୁକ ଭାଙ୍ଗି ଯାଇଥିଲା। ଡକାୟତ ପଳାଇଲେ। ତାଙ୍କର ଏହି ଅସାଧାରଣ ସାହସ ଏବେ ସାରା ବାଲେଶ୍ୱରରେ ଚର୍ଚ୍ଚା। ଛତା ସାମ୍ନାରେ ବନ୍ଧୁକ ହାରିବା କାହାଣୀ ଏବେ ମହିଳା ସମାଜ ପାଇଁ ପ୍ରେରଣା ପାଲଟିଛି। ଏହି ସାହସକୁ ସମ୍ମାନ ଜଣାଇବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳର ମହିଳା ଟିମ୍ ମୁନିଙ୍କ ନିକଟରେ ପହଞ୍ଚିଥିଲା। ଜିଲ୍ଲା ମହିଳା ସଭାପତି ଶୁଭଲକ୍ଷ୍ମୀ ମାଝୀ, କାର୍ଯ୍ୟକାରୀ ସଭାପତି ମୀନା ମହାନ୍ତି ଓ ବରିଷ୍ଠ ନେତୃବୃନ୍ଦ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମୁନିଙ୍କ ସାହସ, ଧୈର୍ଯ୍ୟ ଓ ଦୃଢ଼ତା ପ୍ରତ୍ୟେକ ମହିଳାଙ୍କ ପାଇଁ ଉଦାହରଣ ବୋଲି ନେତୃବୃନ୍ଦ ପ୍ରଶଂସା କରିଛନ୍ତି।

## ଭେଲୋରା ହାଟ ଜବରଦଖଲ ଅଭିଯୋଗ



**ରାଜଘାଟ, ୩।୯ (ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ପଞ୍ଚାୟତ ର ଭେଲୋରା ହାଟ ଏବେ ଜବରଦଖଲକାରୀଙ୍କ କବଜାରେ। ସରକାରୀ ହାଟ ଜାଗାକୁ ଜଣେ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ଦୋକାନ ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ନିରବ ରହିବା ଘଟଣାକୁ ସନ୍ଦେହ ଘେରରେ ପକାଇଛି। ଅଭିଯୋଗ ଅନୁଯାଇ ସରକାରୀ ହାଟ ପିଣ୍ଡିକୁ ପ୍ରଥମେ ଆବଦ୍ଧ ଘର ଓ ପରେ ରାତାରାତି ଲୁହା ପାଚେରୀ ନିର୍ମାଣ କରାଯାଇଥିବାରୁ ଗାଁ ଗହଳିର ସାଧାରଣ ବ୍ୟବସାୟୀ ବସିବା ଜାଗା ନ ପାଇ ରାସ୍ତା ଉପରେ ବସିବା ବାଧ୍ୟ ହେଉଛନ୍ତି। ଯାହାଫଳରେ ଗାଉଁଲି ବ୍ୟବସାୟ କରିବା ପାଇଁ ଜାଗା ନ ପାଇ ହନ୍ତସନ୍ତ ହେଉଛନ୍ତି। ବ୍ଲକକୁ ସର୍ବାଧିକ ରାଜସ୍ୱ ଆସୁଥିବା ହାଟକୁ ରାଜସ୍ୱ ବନ୍ଦ ହେବା ନେଇ ମଧ୍ୟ ଆଶଙ୍କା ବଢ଼ିଛି। ସ୍ଥାନୀୟ ବ୍ୟବସାୟୀ ଏଠି ବର୍ଷ ବର୍ଷ ଧରି ବ୍ୟବସାୟ କରିଆସୁଛନ୍ତି କରୁଛନ୍ତି। ଏବେ ଜଣେ ମିଠା ବ୍ୟବସାୟୀ ଆସି ହାଟକୁ ନିଜ ସମ୍ପତ୍ତି ଭାବି ଜବରଦଖଲ କରିଛନ୍ତି। ଏ ନେଇ ଗ୍ରାମବାସୀ ବସ୍ତା ବିଡ଼ିଓ, ଭେଲୋରା ସରପଞ୍ଚଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି, ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏହାକୁ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ତୁରନ୍ତ ତଦନ୍ତ କରି ଜବର ଦଖଲ ହାଟପିଣ୍ଡି କୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସି ଦାବି କରିଛନ୍ତି, ନଚେତ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି। ଏ ନେଇ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା କହିଛନ୍ତି, ମୁଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି ଖୁବ୍‌ଶୀଘ୍ର ଜବରଦଖଲ ହଟାଯିବ।

## ନିର୍ମାଣ ହେବ ବଣା ରେଳ ଉଡ଼ନ୍ତା ପୋଲ



**ରେଳ ବିଭାଗର ଯୁଗ୍ମ ତଦନ୍ତ**

**ସିମୁଳିଆ, ୩।୯ (ସମିସ):** ଦକ୍ଷିଣ ପୂର୍ବ ରେଳପଥ ମାର୍କୋଣା ବଣା ରେଳ ଉଡ଼ନ୍ତା ପୋଲ ପାଇଁ ହେଲା ପଥ ପରିଷ୍କାର। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ରେଳ ମନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ର ଉପରେ ଲାଗିଲା ମୋହର। ଏ ସଂକ୍ରାନ୍ତରେ ନିର୍ବାଚନ ସମୟରେ ଭଦ୍ରକ ସଂସଦୀୟ କ୍ଷେତ୍ରର ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ପ୍ରକଳ୍ପର କାର୍ଯ୍ୟକ୍ଷମ ନେଇ ପ୍ରତିଶ୍ରୁତି ଦେଇଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଅବଗତ କରିବା ସହ ତାଙ୍କ ପ୍ରଚେଷ୍ଟାରେ ଆଜି ବଣା ଉଡ଼ନ୍ତା ପୋଲଟି କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ପ୍ରକଳ୍ପ କେନ୍ଦ୍ର ରେଳବାଇ ବିଭାଗ ଦ୍ୱାରା ଶତ ପ୍ରତିଶତ ଭାଗରେ ନିର୍ମାଣ ହେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୦୪-୧୧-୨୫ରେ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପର ବୈଷୟିକ କାର୍ଯ୍ୟ, ଜିଏଡି, ମାଟି ପରୀକ୍ଷା, ଅଟକଳ ମୂଲ୍ୟ, ବିସ୍ତୃତ ବିସ୍ତାପନ ଆଦି ଆରଓବି ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ତରଫରୁ ମଞ୍ଜୁର ପ୍ରାପ୍ତ ହୋଇଛି। ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ୨୦୨୫ ମାର୍ଚ୍ଚ ମାସରେ ଶେଷ ହୋଇଯାଇଛି। ଏହା କାର୍ଯ୍ୟ ଖୁବଶିଘ୍ର ଆରମ୍ଭ ହେବାକୁ ଥିବା ବେଳେ ଆଜି ରେଳ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ହୋଇଛି। ଏହି ପ୍ରକଳ୍ପ ଉଡ଼ନ୍ତା ପୋଲଟି ୧କିମିରୁ ଅଧିକ ଲମ୍ବ ଓ ୧୨.୫ମିଟର ଓସାର ପୋଲ ନିର୍ମାଣ ହେବାକୁ ନିର୍ଦ୍ଧାରଣ କରାଯାଇଛି। ଏହି ଯୁଗ୍ମ ତଦନ୍ତ ସମୟରେ ଆଜି ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ଗ୍ରାମ୍ୟ ଜଳ ଯୋଗାଣ ଓ ସୋର ପରିମଳ ବିଭାଗର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାଗିରଥି ଦାସ, କନିଷ୍ଠ ଯନ୍ତ୍ରୀ ରାଜ କିଶୋର ବେହେରା, ମାର୍କୋଣା ବିଦ୍ୟୁତ ବିଭାଗର ସହାୟକ ଅଧିକାରୀ ପ୍ରତାପ ବେହେରା ଓ କର୍ମଚାରୀ ସମେତ ରେଳ ବିଭାଗ ପକ୍ଷରୁ ଏହି ଯୁଗ୍ମ ତଦନ୍ତରେ ସାମିଲ ଥିଲେ।

## ବାଲେଶ୍ୱର ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ଉଦ୍‌ଯାପିତ



**ବାଲେଶ୍ୱର, ୩।୯ (ସମିସ):** ବାଲେଶ୍ୱର ପୌରପାଳିକା ପକ୍ଷରୁ ଆୟୋଜିତ ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବ-୨୦୨୬ର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ନଗରାଞ୍ଚଳର ବିକାଶରେ ପୌରପାଳିକାର ଭୂମିକାକୁ ପ୍ରଶଂସା କରିଥିଲେ। ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ ପୌରପାଳିକାର ଦାୟିତ୍ୱ, ନାଗରିକଙ୍କ ସହଯୋଗ ଏବଂ ସହରର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ନିଜ ମତ ରଖିଥିଲେ। ଜିଲ୍ଲା ପରିଷଦ, ବାଲେଶ୍ୱରର ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସିରିଆଲ ପଟେଲ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ସଦର ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଶତପଥୀଙ୍କ ସମେତ ବାଲେଶ୍ୱର ସହରର ବିଭିନ୍ନ ୱାର୍ଡର କାଉନସିଲରମାନେ ମଞ୍ଚାସୀନ ଥିଲେ।

## କଳସ ବନ୍ଦନ ଶୋଭାଯାତ୍ରା

**ବାଲେଶ୍ୱର,୩।୯ (ସମିସ):** ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବିଦାସଜୀଙ୍କ ୬୫୦ତମ ଜନ୍ମବାର୍ଷିକୀ ଅବସରରେ ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହୋଇଛି "କଳସ ବନ୍ଦନ' ଶୋଭାଯାତ୍ରା ଓ ପବିତ୍ର ମାଟି କଳସ ବିତରଣ କାର୍ଯ୍ୟକ୍ରମ। ଗୁରୁ ରବିଦାସଙ୍କ ଜନ୍ମସ୍ଥାନ ବାରଣାସୀରୁ ଆସିଥିବା ପବିତ୍ର ମାଟିକୁ ନେଇ ଆୟୋଜିତ ଏହି ଶୋଭାଯାତ୍ରାରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ସୃଷ୍ଟି ହୋଇଥିଲା। ଝାଡେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ତଥା ଯାଜପୁର ସାଂସଦ ରବିନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ରବିଦାସଙ୍କ ଜୀବନ, ଆଦର୍ଶ ଓ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂଜ୍ୟ ସନ୍ଥ ବାବାଜୀ ଆବାନନ୍ଦ ମହାରାଜ, ଯୋଗାଚାର୍ଯ୍ୟ ଅନନ୍ତ ମୁନି, ଆଚାର୍ଯ୍ୟ ବିଜୟଜୀ, ଶ୍ରୀନିବାସ ପାଠୀଶର୍ମା, ପ୍ରଦୀପ କୁମାର ପତି, ମୁକୁନ୍ଦ ଦାସ, ଜିଲ୍ଲା ପ୍ରଭାରୀ ଗୌତମ ରାୟ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ପର୍ଶୁରାମ ପରିଡ଼ା, ଭଦ୍ରକ-ବାଲେଶ୍ୱର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର ଓ ଅନ୍ୟତମ ସାଧାରଣ ସମ୍ପାଦକ ଅଂଶୁମାଧବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟକୁ ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ ପରିଚାଳନା କରିଥିଲେ। ଅନ୍ୟତମ ସଦସ୍ୟ ରାଜେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କମଳ ଚକ୍ରବର୍ତ୍ତୀ ପାଇଲେ 'ରକ୍ତବନ୍ଧୁ' ସମ୍ମାନ

**ଜଳେଶ୍ୱର ବ୍ଲକ, ୩।୯ (ସମିସ):** ଭୁବନେଶ୍ୱରଠାରେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋଜ) ପକ୍ଷରୁ ଏକ ସମ୍ମାନଜନକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଦୀର୍ଘଦିନ ଧରି ନିଷ୍ଠାର ସହ ସେବା ଯୋଗାଇ ଆସୁଥିବା ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କୁ 'ରକ୍ତବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପ୍ରାକ୍ତନ ସୂଚନା କମିଶନର ଜଗତା ନନ୍ଦ, ପ୍ରାକ୍ତନ ମନ୍ତ୍ରୀ ସମୀର ଦାଶ, ସମାଜସେବୀ ମନ୍ମଥ ରାଉତରାୟ, ରାଜ୍ୟସଭା ସାଂସଦ ସୁଲତା ଦେଓ, ବାସୁଦେବ ନାଥ, ଡ ଭଗବାନ ପ୍ରକାଶ, ସାମ୍ବାଦିକ ପଦ୍ମିନ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।




## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା, କଳାକୃତି ଓ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନୀ

**ଜଳେଶ୍ୱର ବ୍ଲକ, ୨।୯ (ସମିସ):** ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ସ୍ଥିତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା,କଳାକୃତି ଓ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନା ମୁଖ୍ୟ ଅତିଥି, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶୀକାନ୍ତ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କ୍ରୀଡ଼ା,କଳା ଓ ଜ୍ଞାନ-ବିଜ୍ଞାନ ପ୍ରଦର୍ଶନୀର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ସରପଞ୍ଚ ତପନୀ ଭୂୟାଁ, ଏବିଇଓ ସୁଶାନ୍ତ କୁମାର ଜେନା, ପୂର୍ବତନ ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମାହାନ୍ତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ.ଅଜିତ କୁମାର ମହାନ୍ତି, ବ୍ଲକ ଜ୍ଞାନ-ବିଜ୍ଞାନ ସଂଯୋଜକ ଅଞ୍ଜନ କୁମାର ପ୍ରଧାନ ଏବଂ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଜଗନ୍ନାଥ ଦାସ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସିଂହ,ସାଇ ପ୍ରଭା ନନ୍ଦୀ, ବିଦ୍ଧୁ ଭୂଷଣ ପ୍ରଧାନ, ଦେବଜାନୀ ଦାସ, ଜୟରାମ ଟୁଡୁ, ସିଦ୍ଧେଶ୍ୱର ଦାସ, ପ୍ରଜ୍ଞା ପାରମିତା ଦାସ ଏବଂ ସରୋଜ ପାଣିଗ୍ରାହୀ ବିଚାରକ ଭାବେ ଦାୟିତ୍ୱ ତୁଲାଉଥିଲେ। ଏହି ଅବସରରେ ଶାଳୀକୋଠା ବିଦ୍ୟାଳୟରୁ କାଶୀଦା ସିତଲା ମାତା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବା ସଞ୍ଜୀବ କୁମାର ପ୍ରମାଣିକଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ତାମୁଲିଆ ଓଭରବ୍ରିଜ୍ ନିର୍ମାଣ ନିମ୍ନମାନର ଅଭିଯୋଗ, ତଦନ୍ତ ଦାବି

ବାଲେଶ୍ୱର, ୩।୯ (ସମିସ)



ବାଲେଶ୍ୱର ସହର ପ୍ରବେଶ ପଥ ତାମୁଲିଆ ରେଳପାଟକ ଉପରେ ଏକ ଓଭରବ୍ରିଜ୍ ନିର୍ମାଣ ହୋଇଥିଲା। ଏଥିପାଇଁ ସରକାରୀ ରାଜକୋଷରୁ ୬୩୫୫.୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ଏହି ଓଭରବ୍ରିଜ୍‌ର ନିର୍ମାଣ ଶୈଳୀ ତ୍ରୁଟିପୂର୍ଣ୍ଣ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଜନିତ କାରଣରୁ ଧନ ଓ ଜୀବନ ନଷ୍ଟ ହେଉଛି। ନିମ୍ନମାନର ନିର୍ମାଣ ଯୋଗୁଁ ପୋଲର ପ୍ରତିବର୍ଷ ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଅଣଓସାରିଆ ଓଭରବ୍ରିଜ୍ ହୋଇଥିବାରୁ ଦୁଇଟି ଚାରିଚକିଆ ଗାଡ଼ି ମଧ୍ୟ ସ୍ୱଚ୍ଛନ୍ଦରେ ଚଳାଚଳ କରିପାରୁନାହିଁ। ଓଭରବ୍ରିଜ୍‌ର ଉପରିଭାଗ ଓ ଦୁଇ ପାଶ୍ୱର୍ରେ ପୋଲ ସଂଲଗ୍ନ ରାସ୍ତା ଦୁଇଚକିଆ ଯାନର ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ରାସ୍ତା ଓ ଗୃହନିର୍ମାଣ ବିଭାଗ( ନଂ-୧)ର ଅଧିକ୍ଷଣ ଯନ୍ତ୍ରୀ ଇଂ. ଲମ୍ବୋଦର ନାୟକଙ୍କୁ ସାକ୍ଷାତ କରି ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଓଭରବ୍ରିଜ୍ ନିର୍ମାଣରେ ତ୍ରୁଟି ଓ ଅର୍ଥ ତୋଷରପାତ ଅଭିଯୋଗର ତଦନ୍ତ ସହ ତୁରନ୍ତ ଉନ୍ନତ ଧରଣର ସଂପୂର୍ଣ୍ଣ ମରାମତି କାର୍ଯ୍ୟ କରିବାକୁ ଦାବି କରାଯାଇଛି। କୁରୁଡ଼ାଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟକୁ ରାସ୍ତା ଚଉଡ଼ା କରାଯାଉଥିବାରୁ ସହରକୁ ପ୍ରବେଶ ଓ ପ୍ରସ୍ଥାନ ପଥ ତାମୁଲିଆ ଓଭରବ୍ରିଜ୍ ପାଶ୍ୱର୍ରେ ଅନ୍ୟ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ନାୟକ ମରାମତି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାର ଓ ବର୍ଷା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସିଭିଲ୍ ସୋସାଇଟିକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଜଣାଯାଇଛି। ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଓ ଅନ୍ୟ ଏକ ନୂତନ ଓଭର୍‌ବ୍ରିଜ୍ ନିର୍ମାଣ ଦାବିକୁ ସେ ବିଭାଗୀୟ ଉଚ୍ଚ ଅଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ଓ ସାକ୍ଷାତ ଆଲୋଚନା ବେଳେ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସଂପାଦକ ବରିଷ୍ଠ ଆଇନଜୀବୀ ମନୋଜ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସଦସ୍ୟ କମଳାକାନ୍ତ ବେହେରା ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଯାପିତ

**ବାଲେଶ୍ୱର, ୩।୯ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ ଦ୍ୱାରା ୬ ଦିନିଆ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ସୋପାନ ଗତ ୨୧ତାରିଖରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଫିରୋଜ କୁମାର ପାଢ଼ୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ଉଦଯାପିତ ହୋଇଛି। ପ୍ରଶିକ୍ଷଣରେ ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷିକା ବବିତା ସେଠୀ, ଦେବସ୍ମିତା ଜେନା ଓ ରଞ୍ଜିତା ସ୍ୱାଇଁଙ୍କଠାରୁ ଶତାଧିକ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଶାଶ୍ୱତୀ ଜେନା, ଅଧ୍ୟାପିକା ଡ଼ ମିନତୀ ମହାନ୍ତି ଓ ସଂଯୁକ୍ତା ସାହୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ସମ୍ପାଦିତ କରିଥିଲେ।

## ୪୯ ନମ୍ବର ଜାତୀୟ ରାଜପଥ ଦୋହରୀକରଣ କାମ ଅଧପନ୍ତରିଆ

# ସିଙ୍ଗଡ଼ାରୁ ମଓ୍ବା ପର୍ଯ୍ୟନ୍ତ ମରଣଯନ୍ତା, ଘଟୁଛି ଛୋଟବଡ଼ ଦୁର୍ଘଟଣା

କରଞ୍ଜିଆ ସଦର, ୩।୯(ସମିସ): ୪୯ନଂ ଜାତୀୟ ରାଜପଥ କୋଲକାତା ଓ ମୁମ୍ବାଇ ମଧ୍ୟରେ ଯୋଗାଯୋଗର ଏକ ପ୍ରମୁଖ ମାର୍ଗ ହୋଇଥିବାରୁ ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଗାଡ଼ି ଚଳାଚଳ କରୁଛି। ତେବେ ସିଙ୍ଗଡ଼ାଠାରୁ ମଓ୍ବା ପର୍ଯ୍ୟନ୍ତ ଜାତୀୟ ରାଜପଥର ଦୋହରୀକରଣ ଅଧପନ୍ତରିଆ ରହିଥିବାରୁ ଏହି ଅଞ୍ଚଳ ଏବେ ମରଣଯନ୍ତା ପାଲିଟିଛି। ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ସିଙ୍ଗଡ଼ା ଚାରିଛକ ଏକ ଅତ୍ୟନ୍ତ ବ୍ୟସ୍ତବହୁଳ ଅଞ୍ଚଳ। ଏଠାରୁ ଉତ୍ତର ଦିଗକୁ ଖିଚିଂ, ଦକ୍ଷିଣକୁ କରଞ୍ଜିଆ ଓ ଅନ୍ୟ ଦୁଇ ଦିଗରେ ମୁମ୍ବାଇ ଓ କୋଲକାତା ଯିବାକୁ ରାସ୍ତା ରହିଛି। ଚାରିଛକ ନିକଟରେ ସାପ୍ତାହିକ ହାଟ, ପ୍ରାଥମିକ ଚିକିତ୍ସାଳୟ, ଉଚ୍ଚବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବ୍ୟାଙ୍କ ଭଳି ବିଭିନ୍ନ ଅନୁଷ୍ଠାନ ରହିଥିବାରୁ ପ୍ରତିଦିନ ଏଠାକୁ ବହୁ ଲୋକଙ୍କ ଯାତାୟାତ ହୋଇଥାଏ। ଏଥିସହିତ ଖିଚିଂର ମା' କିଚକେଶ୍ୱରୀ ମନ୍ଦିର, ଭୀମକୁଣ୍ଡ ଓ ଶିମିଳିପାଳ ଭଳି ପର୍ଯ୍ୟଟନ ସ୍ଥଳୀକୁ ଯାଉଥିବା ଭକ୍ତ ଓ ପର୍ଯ୍ୟଟକ ମଧ୍ୟ ଏହି ରାସ୍ତା ବ୍ୟବହାର କରନ୍ତି। ଅନ୍ୟପକ୍ଷରେ ବିଭିନ୍ନ ମାଲ ବୋଝେଇ ଡମ୍ଫର, ଟ୍ରକ୍, ଟ୍ରେଲର ଓ ଅନ୍ୟ ଭାରୀଯାନ ଚଳାଚଳ କରୁଥିବାରୁ ରାସ୍ତାରେ ସବୁବେଳେ ଚାପ ରହୁଛି। କିଛିବର୍ଷ ପୂର୍ବରୁ ଏହି ରାସ୍ତାର ଦୋହରୀକରଣ କାମ ଏଲ୍ ଆଣ୍ଡ ଟି କମ୍ପାନୀ



କରୁଥିଲା। ତେବେ ସିଙ୍ଗଡ଼ାଠାରୁ ମଓ୍ବା ପର୍ଯ୍ୟନ୍ତ ଅଂଶକୁ ଦୋହରୀକରଣ ନ କରି ଛାଡ଼ି ଦିଆଯାଇଛି। ପରବର୍ତ୍ତୀ ସମୟରେ ଭୁବନେଶ୍ୱରର କେଆରସି କମ୍ପାନୀ ଏହି ଅଂଶର ଦୋହରୀକରଣ ପାଇଁ ଟେଣ୍ଡର ନେଇଥିଲେ ମଧ୍ୟ ପ୍ରାୟ ଗୋଟିଏ ବର୍ଷ ବିତିଯାଇଥିବା ସତ୍ତ୍ୱେ କାମରେ ଆଶାନୁରୂପ ଅଗ୍ରଗତି ହୋଇ ନ ଥିବା ଅଭିଯୋଗ ହୋଇଛି। ରାସ୍ତାର ଅବ୍ୟବସ୍ଥା ଯୋଗୁଁ ବିଭିନ୍ନ ସମୟରେ ଟ୍ରକ୍ ଓଲଟି ପଡ଼ିବା, ଟ୍ରେଲର ରାସ୍ତାରେ ଫସିଯିବା ଓ ଯାତାୟାତ ବାଧାପ୍ରାପ୍ତ ହେବା ଭଳି ଘଟଣା ଘଟୁଛି। ଏପରିକି ରାସ୍ତା ଅବରୋଧ ହେଲେ ବଡ଼ ବଡ଼ ଗାଡ଼ି ଓ ବସ୍ କରଞ୍ଜିଆ ସହର ମଧ୍ୟଦେଇ ଯାତାୟାତ କରୁଥିବାରୁ ସହରରେ ମଧ୍ୟ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଏହି ସମସ୍ୟାକୁ ନେଇ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ ଓ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବଡ଼ ବଡ଼ ଟ୍ରକ୍ ଓ ଟ୍ରଲର ଯାତାୟାତ ପାଇଁ ତୁରନ୍ତ କିଛି ବ୍ୟବସ୍ଥା କରାଯିବା ସହ କମ୍ପାନୀ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଏହାସତ୍ତ୍ୱେ ସ୍ଥାୟୀ ସମାଧାନ ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ସିଙ୍ଗଡ଼ା ଚାରିଛକରେ ଏକ ଓଭରବ୍ରିଜ୍ ନିର୍ମାଣ ସହ ସିଙ୍ଗଡ଼ାଠାରୁ ମଓ୍ବା ପର୍ଯ୍ୟନ୍ତ ଅଧପନ୍ତରିଆ ଦୋହରୀକରଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଶୁକ୍ଳି ବ୍ଲକ ଉପାଧ୍ୟକ୍ଷ ସୀତାରାମ ଚାତାର, ସାମାଜିକ କର୍ମୀ ଡି.ବି. ବାହାଦୁର ହେମ୍ବ୍ରମଙ୍କ ସମେତ ବିଭିନ୍ନ ନେତା ଓ ଜନସାଧାରଣ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଏ ନେଇ ଦାବି ଜଣାଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ ଜନଆକ୍ରୋଶ ବୃଦ୍ଧି ପାଇଥିବାରୁ ଯେକୌଣସି ସମୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଓ କେଆର୍‌ସି କମ୍ପାନୀ ବିରୋଧରେ କରଞ୍ଜିଆ ଥାନାରେ ଜନସାଧାରଣଙ୍କ ପକ୍ଷରୁ ଲିଖିତ ଅଭିଯୋଗ ଦାଖଲ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ପ୍ରଶାସନ ଓ ପୁଲିସ ଲୋକଙ୍କ ସହଯୋଗ ପାଇଁ ଆଗେଇ ଆସିଥିବାରୁ ଆଗାମୀ ଦିନରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ମୟୂରଭଞ୍ଜରେ ନିର୍ମାଣ ହେବ ୨ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ

ବାରିପଦା, ୩।୯(ସମିସ): ରାଜ୍ୟ ସରକାରଙ୍କ ବଜେଟ୍ ଅନୁଦାନରେ ମୟୂରଭଞ୍ଜ ଜିଲ୍ଲାରେ ୨ଟି ନୂତନ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସଡମା) ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବେ ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନକୁ ଆବଶ୍ୟକୀୟ ଆକଳନ ପ୍ରସ୍ତୁତ କରିବା ସହ ଟେଣ୍ଡର ପ୍ରକ୍ରିୟା ଆଗକୁ ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଦୁଇଟି ସ୍ଥାନରେ ଏହି ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ସେଥିମଧ୍ୟରୁ ଉଦଳା ବ୍ଲକ୍ର କୋଚିଲାଡ଼ିହା ପଞ୍ଚାୟତ ଅନ୍ତର୍ଗତ କିରକିଚା ଗ୍ରାମ (ଖାତା ନଂ: ୧୦୩, ପ୍ଲଟ୍ ନଂ: ୨୫୭, ଜମି ପରିମାଣ: ୦.୨୫ ଡେସିମିଲ) ଓ ବଡ଼ସାହି ବ୍ଲକ୍ ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ଟୁଣା ଗମ୍ଭାରିଆ ଗ୍ରାମ (ଖାତା ନଂ: ୨୩୦, ପ୍ଲଟ୍ ନଂ: ୬୪୨, ଜମି ପରିମାଣ: ୦.୨୫ ଡେସିମିଲ) ରହିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ଓ ଧନସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ ପ୍ରତ୍ୟେକ କେନ୍ଦ୍ର ପ୍ରାୟ ୦.୨୫ ଡେସିମିଲ ପରିମିତ ଜମି ସ୍ଥାପନ କରାଯିବ। ଏଥିପାଇଁ ସ୍ଥାନଭିତ୍ତିକ ବିସ୍ତୃତ ଖର୍ଚ୍ଚ ଅଟକଳ ୭ ଦିନ ମଧ୍ୟରେ ଓସଡମାକୁ ପଠାଇବା ପାଇଁ କୁହାଯାଇଛି। ଯାହାଦ୍ୱାରା ତୁରନ୍ତ ପାଣ୍ଠି ଯୋଗାଇ ଦିଆଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇପାରିବ ବୋଲି ଦର୍ଶାଯାଇଛି।

## ରୋଟାରୀ କ୍ଲବ୍ ପକ୍ଷରୁ ଚାରାରୋପଣ

ବେତନଟୀ, ୩।୯(ସମିସ): ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମନରେ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି ତଥା ଏହାର ଉପକାରିତା ସମ୍ବନ୍ଧିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବେତନଟୀ ରୋଟାରୀ କ୍ଲବ୍ ଚାରାରୋପଣ କାର୍ଯ୍ୟକୁ ଆଗେଇ ନେଇଛି। ବେତନଟୀ ରୋଟାରୀ କ୍ଲବ୍ର ସଭାପତି ଶ୍ୟାମପ୍ରସାଦ ମଡୁଆଲ ଓ ସଂପାଦକ ଆଇନଜୀବୀ ସଂଜୟ କୁମାର ଭୂୟାଁଙ୍କ ଉପସ୍ଥିତିରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ମହୁଲିଆ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସଭାରେ ପର୍ଯ୍ୟାବରଣ ସମ୍ବନ୍ଧିତ ପ୍ରତିଯୋଗିତାର କୃତି ତିନିଜଣ ପ୍ରତିଯୋଗୀଙ୍କୁ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତାଜୀ, ପ୍ରଧାପିକା ଉଷା ଶତପଥି ଓ ରୋଟାରିଆନ ଗିରିଧର ସାହୁ ପୁରସ୍କାର ବିତରଣ କରିଥିଲେ। ସଭାରେ ଛାତ୍ରଛାତ୍ରୀ, ଅଭିଭାବକ,ରୋଟାରିଆନ୍ ସୁନୀଲ ଖଣ୍ଡେଲୱାଲ,ଗୁରୁଚରଣ ଭୂୟାଁ, ଇକୋ କ୍ଲବ୍ ପରିଚାଳକ ଡ. ରମାକାନ୍ତ ମହାନ୍ତ ଓ ସମସ୍ତ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ, ସଦସ୍ୟାବୃନ୍ଦ ବହୁ ସଂଖ୍ୟାରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ ବିଦ୍ୟାଳୟତ୍ରୟର ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ରୋଟାରିଆନ ତଥା ଉପସଭାପତି ରବିନ୍ଦ୍ରନାଥ ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ସହରରେ ୩ ପାନୀୟଜଳ କିଓସ୍କ ଉଦ୍‌ଘାଟିତ

ବାରିପଦା, ୩।୯(ସମିସ): ବାରିପଦା ସହରବାସୀ ଓ ଯାତାୟାତ କରୁଥିବା ଲୋକଙ୍କୁ ସହଜରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ସହରର ତିନୋଟି ପ୍ରମୁଖ ସ୍ଥାନରେ ପାନୀୟଜଳ କିଓସ୍କ ଉଦ୍‌ଘାଟିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କିଓସ୍କଗୁଡ଼ିକୁ ଲୋକାର୍ପଣ କରିବା ସହ ନିଜେ ପାଣି ପିଇ ଏହାର ଶୁଭାରମ୍ଭ କରିଥିଲେ। ଏହି ପାନୀୟଜଳ କିଓସ୍କ ବସ୍‌ଷ୍ଟାଣ୍ଡ ନିକଟ, ମା' ଅମ୍ବିକା ପମ୍ପ ହାଉସ୍ ପରିସର ଓ ଝୁଡୁଲୀ ବନ୍ଧ ନିକଟରେ ସ୍ଥାପିତ ହୋଇଛି। ଏହାଦ୍ୱାରା ଯାତ୍ରୀ, ପଥଚାରୀ ଓ ସ୍ଥାନୀୟ ବାସିନ୍ଦା ସୁବିଧାରେ ବିଶୁଦ୍ଧ ପାନୀୟଜଳ ପାଇପାରିବେ। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ, ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ବିଶେଷକରି ଗ୍ରୀଷ୍ମଋତୁରେ ଲୋକଙ୍କ ଜଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥାନରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଏଥିସହିତ ମନ୍ତ୍ରୀ ମା' ଅମ୍ବିକା ପମ୍ପ ହାଉସ୍ ପରିଦର୍ଶନ କରି ଜଳର ଗୁଣବତ୍ତା ପରୀକ୍ଷା ଓ ଲେବ୍ରୋଟୋରୀ ଟେଷ୍ଟିଂ ସମ୍ପର୍କରେ ତଦାରଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଭିନ୍ନ ଅତିଥି, ବାରିପଦା ପୌରପାଳିକାର ଅଧିକାରୀ, ୱାଟକୋର ଜେନେରାଲ ମ୍ୟାନେଜର ଗୁଲଶନ କୁମାର ସାହୁ, ମ୍ୟାନେଜର ମ୍ୟାନେଜର ବିପିନ ବିହାରୀ ଦାସଙ୍କ ସମେତ ଆସିଷ୍ଟାଣ୍ଟ ମ୍ୟାନେଜର ବିକେ ସାହୁ, ସୁପ୍ରିତ ଦାସ ଓ ପ୍ରଭାକର ସିଂହ, ଜଳସାଥୀ ଓ ଅନ୍ୟାନ୍ୟ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା

ଉଦଳା, ୩।୯(ସମିସ): ଆମ୍ବଡିହା ଦୁଗଧାସ୍ଥ ତାରିଣୀ ମନ୍ଦିରରେ ଉଦଳା ବ୍ଲକ ଅନ୍ତର୍ଗତ ବଡ଼ସିଙ୍ଗାରିଆ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମବାସୀଙ୍କ ସକ୍ରିୟ ସହଭାଗିତାରେ ନିଜେ ପ୍ରସ୍ତୁତ କରିଥିବା ଗ୍ରାମ୍ୟ ବିକାଶ ଯୋଜନାକୁ ସରକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥାପନ ଓ ହସ୍ତାନ୍ତର କରିବା। ବିଭିନ୍ନ ସରକାରୀ ବିଭାଗର ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼, ଗତିଶୀଳ ଓ ସ୍ୱଚ୍ଛ କରିବା ସହ ସରକାରୀ ଯୋଜନା, ସେବା ଓ ସୁବିଧା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଯୋଗ୍ୟ ହିତାଧିକାରୀଙ୍କୁ ସିଧାସଳଖ ଯୋଡ଼ିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ଥିଲା। ଏହି ମେଳାରେ ବଡସିଙ୍ଗାରିଆ ପଞ୍ଚାୟତ ଅଧୀନସ୍ଥ ୨୩ଟି ଗ୍ରାମର ପ୍ରାୟ ୪୦୦ ଲୋକ ସାମିଲ ହୋଇଥିଲେ। ଏଥିସହିତ ପଞ୍ଚାୟତସମନ୍ୱୟସମିତିଓଗ୍ରାମଉନ୍ନୟନକମିଟିସଦସ୍ୟ,ସ୍ୱୟଂସହାୟକଗୋଷ୍ଠୀର ମହିଳା, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମକୁ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ବ୍ଲକ ଅତିରିକ୍ତ ଉନ୍ନୟନ ଅଧିକାରୀ ଶରତ ମହାନ୍ତି, ବଡ଼ସିଙ୍ଗାରିଆ ପଞ୍ଚାୟତ ସରପଞ୍ଚ ସୁନାରାମ ଟୁଡୁ, ଯୁବ ବିକାଶ ସଭାପତି ଗୋବିନ୍ଦ ବଲ୍ଲଭ ଦଳାଇ, ବରିଷ୍ଠ କର୍ମକର୍ତ୍ତା ଅସିତ ଦଳାଇ, ବ୍ଲକ ମହାସଂଘ ସଭାପତି ବିଷ୍ଣୁପ୍ରିୟା ପଣ୍ଡା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀଯନ୍ତ୍ରୀ ହୃଦାନନ୍ଦ ବେହେରା, ପ୍ରାଣୀଧନ ଚିକିତ୍ସକ ଡ. ପୁଷ୍ପିତା ପାତ୍ର, ବରିଷ୍ଠ ସାମ୍ବାଦିକ ସୁବ୍ରତ ମହାନ୍ତି, ସନ୍ତୋଷ ବାଛିନି, ଉଦଳା ବ୍ଲକ ଚେୟାରମ୍ୟାନଙ୍କ ପ୍ରତିନିଧି ଶତ୍ରୁଘ୍ନ ବିଶ୍ୱାଳ, ମୌନଧ୍ୱନିର ମାନବ ସମ୍ବଳ ମୁଖ୍ୟ ପ୍ରବୀର ଜେନା, ଗ୍ରାମ ବିକାଶ ସ୍ୱେଚ୍ଛାସେବୀ ସଂଗଠନର ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିବସ ବ୍ୟାପୀ ଆୟୋଜିତ ଏହି ମେଳାରେ ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀ ଯୋଗଦେଇ ଗ୍ରାମବାସୀଙ୍କ ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଆବଶ୍ୟକୀୟ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେବେନ୍ଦ୍ର ରାଉଳ ମଞ୍ଚ ପରିଚାଳନା କରିଥିଲେ।

## ବିଶ୍ୱବିଦ୍ୟାଳୟ ପୋଷ୍ୟ ଗ୍ରାମରେ କୃତ୍ରିମ ବୁଦ୍ଧିମତା ଆଧାରିତ ସ୍ୱାସ୍ଥ୍ୟ ସଚେତନତା

ବାରିପଦା, ୩।୯(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ଗ୍ରାମୀଣ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ସୁସ୍ଥ ଗ୍ରାମୀଣ ସମୁଦାୟ ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ସ୍ୱାସ୍ଥ୍ୟସେବା' ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ପିଏମ୍-ଉଷା, ଉନ୍ନତ ଭାରତ ଅଭିଯାନ ଓ ତୋଷାଳୀ ଇ-କ୍ଲିନିକ୍ ପ୍ରାୟୋଜକ ସଂସ୍ଥାର ସହଯୋଗରେ ଆୟୋଜିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାକୁ କିପରି ଅଧିକ ସହଜ, ଦ୍ରୁତ ଓ ପ୍ରଭାବଶାଳୀ କରାଯାଇପାରିବ, ସେ ସମ୍ପର୍କରେ




ଜନସାଧାରଣଙ୍କୁ ଅବଗତ କରାଇବା। କାର୍ଯ୍ୟକ୍ରମରେ ଏଆଇ ଆଧାରିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗର ପ୍ରାରମ୍ଭିକ ଚିହ୍ନଟ, ଡିଜିଟାଲ ସ୍ୱାସ୍ଥ୍ୟ ପରାମର୍ଶ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନାର ସଠିକ୍ ବ୍ୟବହାର ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବାରିପଦା ବ୍ଲକ ଅନ୍ତର୍ଗତ ପୋଷ୍ୟ ଗ୍ରାମ ଲକ୍ଷ୍ମୀପୋଷି ପଞ୍ଚାୟତର ହଦହଦୀ, ରଜାବସା ପଞ୍ଚାୟତର ନଦୀ ଗାଁ ଓ ବୁଢ଼ିଖମାରୀ ପଞ୍ଚାୟତର ବୁଢ଼ିଖମାରୀ ଗାଁରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ସଭାରେ ଟେକ୍ ଏଆଇର ତଥା ତୋଷାଳୀ ଇ-କ୍ଲିନିକ୍ର ପ୍ରତିଷ୍ଠାତା ଡ. ଶେଷ କିଷନ ଓ ଉନ୍ନତ ଭାରତ ଅଭିଯାନର ସଂଯୋଜକ ପ୍ର ସୁକାନ୍ତ କୁମାର ନାୟକ ଓ ସହସଂଯୋଜକ ଡ ସୁଜୟ କୁଣ୍ଡୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉପରୋକ୍ତ ପଞ୍ଚାୟତର ସରପଞ୍ଚ, ୱାର୍ଡ଼ ମେମ୍ବର ଓ ଗ୍ରାମବାସୀ ସହଯୋଗ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଦୂର ଓ ଅନଲାଇନ୍ ଶିକ୍ଷାକେନ୍ଦ୍ରର ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଲକ୍ଷ୍ମୀପୋଷି ପଞ୍ଚାୟତର ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। କୁଳପତି ଉଦ୍‌ଘାଟନୀ ଭାଷଣରେ ଗ୍ରାମୀଣ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ସଂସ୍ଥାର ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଶ୍ୱବିଦ୍ୟାଳୟ ଯଥାସମ୍ଭବ ପ୍ରୟାସ କରିବ ବୋଲି ପ୍ରକାଶ କରିଥିଲେ। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନର କୁପରିଣାମ ସମ୍ପର୍କରେ ସଚେତନ କରିବା ସହିତ ସ୍ୱାସ୍ଥ୍ୟ ସେବାର ପହଞ୍ଚ, ପ୍ରାଥମିକ ଚିକିତ୍ସା, ରୋଗ ପ୍ରତିରୋଧ ଓ ସରକାରୀ ସ୍ୱାସ୍ଥ୍ୟ ସୁବିଧା ବିଷୟରେ ସୂଚନା ଦିଆଯାଇଥିଲା। ଡ ଶେଷ କିଷନ ଏଆଇ ଆଧାରିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗର ପ୍ରାରମ୍ଭିକ ଚିହ୍ନଟ, ଡିଜିଟାଲ ସ୍ୱାସ୍ଥ୍ୟ ପରାମର୍ଶ ଓ ପ୍ରେସ୍କ୍ରିପସନ୍ ମାନ୍ୟତାପ୍ରାପ୍ତ ଡାକ୍ତରଠାରୁ ଗ୍ରହଣ କରି ଔଷଧ ସେବନ କରିହେବ, ତାହା କହିଥିଲେ। ସୁକାନ୍ତ କୁମାର ନାୟକ ଉନ୍ନତ ଭାରତ ଅଭିଯାନ ଅଧୀନରେ ଗ୍ରାମ ଉନ୍ନୟନ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ସହିତ ସ୍ୱାସ୍ଥ୍ୟସେବାକୁ ଅଧିକ ସୁବିଧାଜନକ ଓ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚିତ ହୋଇଛି।

## ମୟୂରଭଞ୍ଜ ପୁଲିସରେ ୩୧ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ବଦଳି

ବାରିପଦା, ୩।୯(ସମିସ): ମୟୂରଭଞ୍ଜ ଜିଲ୍ଲା ପୁଲିସ ବିଭାଗରେ ଏକ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଶାସନିକ ଆବଶ୍ୟକତା,ଜନସେବାସ୍ୱାର୍ଥତଥାଖାଲିଥିବାପଦବୀକୁଦୃଷ୍ଟିରେ ରଖି ଜିଲ୍ଲା ସ୍ଥାପନା ବୋର୍ଡ ବୈଠକର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜ ଏସ୍ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶରେ ଏହି ବଦଳି ଆଦେଶ ଜାରି ହୋଇଛି। ଏଥିରେ ମୋଟ ୩୧ ଜଣ ପୁଲିସ ଅଧିକାରୀ ସବ୍ ଇନିସପେକ୍ଟର (ଏସଆଇ) ଓ ସହକାରୀ ସବ୍-ଇନିସପେକ୍ଟରଙ୍କ (ଏଏସଆଇ) ସାମିଲ ରହିଛନ୍ତି। ସମସ୍ତ ଅଧିକାରୀଙ୍କୁ ତୁରନ୍ତ ନୂତନ କାର୍ଯ୍ୟସ୍ଥଳୀରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବଦଳି ୧୫ ଜଣ ଅଧିକାରୀଙ୍କ ମଧ୍ୟରେ ସାଧୁସିଂ ଗାଗ୍ରାଇଙ୍କର ମୁଖ୍ୟାଳୟ (ବାରିପଦା)ରୁ ବେତନଟୀ ଥାନାକୁ ବଦଳି ହୋଇ ଥିବାବେଳେ ଶମ୍ଭୁନାଥ ନାଏକଙ୍କ ମୁଖ୍ୟାଳୟରୁ ଡିଆଇବି, ବାରିପଦା ସୁନୀତା ହେମ୍ବ୍ରମଙ୍କ ମୁଖ୍ୟାଳୟରୁ ବାରିପଦା ଟାଉନ୍ ଥାନା, ଗୌରୀମଣି ସିଂଙ୍କ ମୁଖ୍ୟାଳୟରୁ ଝାରପୋଖରିଆ ଥାନା , ଚନ୍ଦନ କୁମାର ନାୟକଙ୍କ ଭଞ୍ଜପୁର ଥାନାରୁ ମୋରଡ଼ା ଥାନା, କ୍ରିସାନ୍ତା ତିଗାଙ୍କ ବାରିପଦା ଟାଉନ୍ ଥାନାରୁ ଭଞ୍ଜପୁର ଥାନା, ମୋନାଲିସା ବେହେରାଙ୍କ ଝାରପୋଖରିଆ ଥାନାରୁ ରାସଗୋବିନ୍ଦପୁର ଥାନା, ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଝାରପୋଖରିଆ ଥାନାରୁ ବାରିପଦା ସଦର ଥାନା, ମଦନ ମୋହନ ପରିଡ଼ାଙ୍କ ବେତନଟୀ ଥାନାରୁ ଶୁଳିଆପଦା ଥାନା, ରୂପାଶ୍ରୀ ସ୍ୱାଇଁଙ୍କ ଶୁଳିଆପଦା ଥାନାରୁ ଉଦଳା ଥାନାକୁ ବଦଳି ହୋଇଛି।

ସେହିପରି ୧୬ଜଣ ସହକାରୀ ସବ୍- ଇନିସପେକ୍ଟରଙ୍କ ମଧ୍ୟରେ ନସିବ କୁମାର ମହାନ୍ତିଙ୍କ ମୁଖ୍ୟାଳୟରୁ ଝାରପୋଖରିଆ ଥାନା, ସଞ୍ଜୟ କୁମାର ଦାସଙ୍କ ମୁଖ୍ୟାଳୟରୁ କପ୍ତିପଦା ଥାନା, ରତ୍ନାଞ୍ଜଳି ସାହୁଙ୍କ ମୁଖ୍ୟାଳୟରୁ ବୈଶିଙ୍ଗା ଥାନା, ବିରୂପାକ୍ଷ ବେହେରାଙ୍କ ମୁଖ୍ୟାଳୟରୁ ଝାରପୋଖରିଆ ଥାନା, ବୀରେନ୍ଦ୍ର ସେଠୀଙ୍କ ମୁଖ୍ୟାଳୟରୁ ମୋରଡ଼ା ଥାନା, ଚିନ୍ମୟ କୁମାର ପଲାଇଙ୍କ ମୁଖ୍ୟାଳୟରୁ ବାରିପଦା ଟାଉନ୍ ଥାନା, ସୁଦାମ କୁମାର ଜେନାଙ୍କ ମୁଖ୍ୟାଳୟରୁ ଖୁଣ୍ଟା ଥାନା ରାମଚନ୍ଦ୍ର ସାହୁଙ୍କ ମୁଖ୍ୟାଳୟରୁ ବାରିପଦା ସଦର ଥାନା, ଦେବେନ୍ଦ୍ର ନାଥ ସିଂଙ୍କ ମୁଖ୍ୟାଳୟରୁ ବାଙ୍ଗିରିପୋଷି ଥାନା, ଲକ୍ଷ୍ମୀକାନ୍ତ ପଟ୍ଟନାୟକଙ୍କ ମୁଖ୍ୟାଳୟରୁ ଏସଡିପିଓ ଅଫିସ୍, ବେତନଟୀ, ଭୀମସେନ ମଲ୍ଲିକଙ୍କ ମୁଖ୍ୟାଳୟରୁ ଏସଡିପିଓ ଅଫିସ୍, ସଦର, ରଞ୍ଜିତ କୁମାର ନାୟକଙ୍କ ମୁଖ୍ୟାଳୟରୁ ବଡ଼ସାହି ଥାନା, ଦିଲ୍ଲୀପ କୁମାର ପାତ୍ରଙ୍କ ବଡ଼ସାହି ଥାନାରୁ ବୈଶିଙ୍ଗା ଥାନା, ଅଶେଷ କୁମାର ଦାସଙ୍କ କପ୍ତିପଦା ଥାନାରୁ ଚିତ୍ରଡ଼ା ଫାଣ୍ଡି (ଆଉଟପୋଷ୍ଟ), ମଞ୍ଜୁଲତା ବେହେରାଙ୍କ ରାସଗୋବିନ୍ଦପୁର ଥାନାରୁ କୁଳିଅଣା ଥାନା, ପ୍ରମୋଦ କୁମାର କାମିଲାଙ୍କ ବାରିପଦା ଟାଉନ୍ ଥାନାରୁ ବେତନଟୀ ଥାନା, ଗୋପାଳ ମାଝୀଙ୍କ ମେଡିକାଲ ଏଡ୍ ପୋଷ୍ଟ (ବାରିପଦା)ରୁ କୁଳିଅଣା ଥାନା, ପ୍ରଦୀପ କୁମାର ଦେଙ୍କ ବୈଶିଙ୍ଗା ଥାନାରୁ ରାସଗୋବିନ୍ଦପୁର ଥାନା, ନିଶିକାନ୍ତ ସାମଲଙ୍କ ଅମର୍ଦ୍ଦା ବିଏଚରୁ ରାସଗୋବିନ୍ଦପୁର ଥାନା, ଗୌରୀ ଶଙ୍କର ଜେନାଙ୍କ ରାସଗୋବିନ୍ଦପୁର ଥାନାରୁ ଆମର୍ଦ୍ଦା ବିଏଚ୍, ଲକ୍ଷ୍ମଣ କୁମାର ହାଁସଦାଙ୍କ କୁଳିଅଣା ଥାନାରୁ ବାରିପଦା ଟାଉନ୍ ଥାନାକୁ ବଦଳି ହୋଇଛି। ଏହି ସମସ୍ତ ଅଧିକାରୀଙ୍କୁ ବିନା କୌଣସି ଜଏନିଂ ସମୟ ବିଳମ୍ବରେ ତୁରନ୍ତ ନିଜ ନିଜ ନୂଆ ଦାୟିତ୍ୱ ଗ୍ରହଣ କରିବା ସହ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## କୁଡୁମୀ ସେନାର ମଶାଲ ଶୋଭାଯାତ୍ରା

ରାଇରଙ୍ଗପୁର,୩।୯ (ସମିସ): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବିରେ ରାଇରଙ୍ଗପୁରରେ କୁଡୁମୀ ସେନା ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି




କୁମାର ମହାନ୍ତଙ୍କ ନେତୃତ୍ୱରେ ସନ୍ଧ୍ୟା ୬ଟା ୩୦ରେ ଅଁଳାଡୁବା ମଠ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ରାଇରଙ୍ଗପୁର ବ୍ଲକ୍ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ଶତାଧିକ କୁଡୁମୀ ସେନାର ଯୁବକ, ମହିଳା, ସବୁ ଛାତ୍ରଛାତ୍ରୀ ଓ ବରିଷ୍ଠ ବ୍ୟକ୍ତି ହାତରେ ମଶାଲ ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସେପ୍ଟେମ୍ବର ୫ରେ ବାରିପଦାରେ ପୂର୍ବ ଘୋଷିତ ମଶାଲ ସଭାଯାତ୍ରା ଓ ୬ରେ ପଲ୍ଲୀରୁ ଦିଲ୍ଲୀରେ ପାଳନ ହବାକୁ ଥିବା 'କଳା ଦିବସ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଶୋଭାଯାତ୍ରାରେ ସାମିଲ ହୋଇ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ କହିଥିଲେ, 'ବିଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିଛି। ଆମ ହକ୍ ଆମେ ନେଇ ହିଁ ରହିବୁ। ଏହି ମଶାଲ ଆମ ସଂଘର୍ଷର ପ୍ରତୀକ। ଏହା ସରକାରଙ୍କ ନିଦ ଭାଙ୍ଗିବ।' ଶୋଭାଯାତ୍ରା ସମୟରେ 'କୁଡୁମୀ ଏକତା ଜିନ୍ଦାବାଦ', 'ଆମ ଦାବି ପୂରଣ କର' ଆଦି ସ୍ଲୋଗାନ ଦେଇ କର୍ମୀ ଅଞ୍ଚଳ ପ୍ରକମ୍ପିତ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ଓ ପରୀକ୍ଷା ନିୟନ୍ତ୍ରକଙ୍କ ଏମ୍‌ସିଏଏମ୍ ପରିଦର୍ଶନ

ବାରିପଦା, ୩।୯(ସମିସ): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍) ପରିସରକୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, କଟକର କୁଳପତି ପ୍ରଫେସର ଡ. ଶିବରାମ ତ୍ରିପାଠୀ ପରିଦର୍ଶନ କରିଥିଲେ। ତାଙ୍କ ସହ ପିଜି କାଉନସିଲ୍ର ଅଧ୍ୟକ୍ଷ ତଥା ପରୀକ୍ଷା ନିୟନ୍ତ୍ରକ ଧୀରେନ ଚାନ୍ଦ ନାୟକ ଉପସ୍ଥିତ ଥିଲେ। କଲେଜ ପରିସରରେ ପହଞ୍ଚିବା ପରେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଓ ଆଇନ ବିଭାଗ ଡିନ୍. ଡ ପ୍ରଫୁଲ୍ଲ କୁମାର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କୁଳପତି ଓ ତାଙ୍କ ସହ ଆସିଥିବା ଅଧିକାରୀ କଲେଜର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିଥିଲେ। ବିଶେଷକରି ୫ ବର୍ଷିଆ ସମନ୍ୱିତ ବିଏ. ଏଲ୍‌ଏଲବି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ଶିକ୍ଷଣୀୟ ଅଧିବେଶନ ବେଶ୍ ଗୁରୁତ୍ୱ ବହନ କରିଥିଲା। ଆଇନ ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରହି ବ୍ୟବହାରିକ ଜ୍ଞାନ ଓ ନ୍ୟାୟିକ ପ୍ରକ୍ରିୟା ସହ ଛାତ୍ରଛାତ୍ରୀଙ୍କୁ ପରିଚିତ



କରାଇବା ଉପରେ ଅତିଥି ଗୁରୁତ୍ୱାରୋପ କରିଥିଲେ।

ମୁଟ୍ କୋର୍ଟର ଉଦ୍ଦେଶ୍ୟ, ଏହାର ପରିଚାଳନା ପ୍ରଣାଳୀ, ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଓ ଏହା ମାଧ୍ୟମରେ ଯୁକ୍ତି ଉପସ୍ଥାପନ, ଆଇନଗତ ଚିନ୍ତନ ଓ ବିଚାରଶକ୍ତିର ବିକାଶ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇବା ସହ ବର୍ତ୍ତମାନର ପାଠ୍ୟକ୍ରମ, ଆଇନ ଶିକ୍ଷାର ନୂତନ ଧାରା ଓ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ଇଣ୍ଟର୍ନସିପ୍ ସୁଯୋଗ ଓ ଏହାର ସଠିକ୍ ପରିଚାଳନା ସମ୍ପର୍କରେ କୁଳପତି ପ୍ରଫେସର ଡ. ତ୍ରିପାଠୀ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଆଇନ ଶିକ୍ଷାରେ ଶୈକ୍ଷିକ ଜ୍ଞାନ ସହିତ ଅଦାଲତୀୟ କାର୍ଯ୍ୟପ୍ରଣାଳୀ, ମୁଟ୍ କୋର୍ଟ, ଇଣ୍ଟର୍ନସିପ୍ ଓ ବ୍ୟବହାରିକ ଅଭିଜ୍ଞତାର ଗୁରୁତ୍ୱ ବିଷୟରେ ପରାମର୍ଶ ଦେବା ସହ ଏପରି ଶିକ୍ଷଣୀୟ ଅଧିବେଶନ ଭବିଷ୍ୟତର ଆଇନଜୀବୀ ଓ ଆଇନ ବିଶେଷଜ୍ଞ ଭାବେ ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ ଓ ଆତ୍ମବିଶ୍ୱାସୀ କରିବାରେ ସହାୟକ ହେବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ନାୟକ ମତବ୍ୟକ୍ତ କରିଥିଲେ। କୁଳପତି ଓ ସ୍ନାତକୋତ୍ତର ପରିଷଦ ତଥା ପରୀକ୍ଷା ନିୟନ୍ତ୍ରକ ମହାବିଦ୍ୟାଳୟର ଶ୍ରେଣୀଗୃହ, ମୁଟ କୋର୍ଟ ରୁମ୍, ପାଠାଗାର ଇତ୍ୟାଦି ପରିଭ୍ରମଣ କରିଥିଲେ।

ଏହି ଅବସରରେ ବିଭାଗୀୟ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶିବରାମ ତ୍ରିପାଠୀ ଓ ଧୀରେନ୍ଦ୍ର ଚାନ୍ଦ ନାୟକଙ୍କୁ ସେମାନଙ୍କର ମୂଲ୍ୟବାନ ସମୟ, ମାର୍ଗଦର୍ଶନ ଓ ପରାମର୍ଶ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ଆଲୋଚନା ଛାତ୍ରଛାତ୍ରୀଙ୍କ ଆଇନ ଶିକ୍ଷାକୁ ଅଧିକ ପ୍ରୟୋଗମୁଖୀ କରିବା ସହ ଏମ୍‌ସିଏଏମ୍‌ର ଆଇନ ଶିକ୍ଷା ବିଭାଗର ଶୈକ୍ଷିକ ପରିବେଶକୁ ଆହୁରି ସମୃଦ୍ଧ କରିବ ବୋଲି ଆଶା ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବିତ କୁମାର ମିଶ୍ର, ପ୍ରତିଭା ଦାସ, ରୀନାରାଣୀ ମହାନ୍ତ, ସଞ୍ଜୁକ୍ତା ମହାନ୍ତ, ପୂଜା ଶତପଥୀଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଗୋପବନ୍ଧୁ ଶିକ୍ଷା ନିକେତନରେ ଅବସରକାଳୀନ ସମ୍ବର୍ଦ୍ଧନା



ବେତନଟୀ, ୩।୯(ସମିସ): ବେତନଟୀ ବ୍ଲକ ସନ୍ତରା ପଞ୍ଚାୟତର ମଛପଦା ଗୋପବନ୍ଧୁ ଶିକ୍ଷା ନିକେତନରୁ ଅବସର ଗ୍ରହଣ କରିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଫୁଲ ରାଉଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ବେତନଟୀ ବ୍ଲକ ଓଷ୍ଟା ସଭାପତି ଶିଶିର କୁମାର ନାୟକ, ବିଶିଷ୍ଟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଚତୁର୍ଭୁଜ ପୁଷ୍ଟି, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ହରିହର ପ୍ରଧାନ, ସମିତି ସଭ୍ୟା ସୁମତି ପୁଷ୍ଟି, ମନ୍ମଥ ପ୍ରାମାଣିକ, ବ୍ଲକ ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ସୂର୍ଯ୍ୟାନନ୍ଦ ନାୟକ, ପୂର୍ବତନ ପରିଚାଳନା କମିଟି ସଭାପତି ରତିକାନ୍ତ ମହାନ୍ତ ଅନାମଦତ୍ତ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀ ପ୍ରଫୁଲ୍ଲଙ୍କ ଅବସରକାଳୀନ ଜୀବନ ସୁଖମୟ ହେଉ କାମନା କରିଥିଲେ। ଶିକ୍ଷକ ଜଗନ୍ନାଥ ବିନ୍ଧାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କାର୍ତ୍ତିକ ଧଳ, ଅନନ୍ତ ମହାପାତ୍ର, ଅମୀୟ ପରିଡ଼ା, କର୍ମଚାରୀ ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ ସହଯୋଗ କରିଥିଲେ। ପରିଚାଳନା କମିଟି ସଦସ୍ୟ ରତିକାନ୍ତ ଦତ୍ତ, ଅନନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିବାବେଳେ ସହକାରୀ ଶିକ୍ଷକ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ପୌରପାଳିକା ପକ୍ଷରୁ ମେଗା ରକ୍ତଦାନ ଶିବିର

# ସଂଗୃହୀତ ହେଲା ରେକର୍ଡ ୭୧୬ ୟୁନିଟ୍

ବାରିପଦା, ୩।୯ (ସମିସ)



ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଓଡ଼ିଶା ପୌରପାଳିକା ଇତିହାସରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି ବାରିପଦା ପୌରପାଳିକା। ବାରିପଦା ପୌରପାଳିକା ପକ୍ଷରୁ ଗୁରୁବାର ଆୟୋଜିତ ମେଗା ରକ୍ତଦାନ ଶିବିରରେ ୫୫ ଜଣ ମହିଳାଙ୍କୁ ମିଶାଇ ୭୧୬ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଛନ୍ତି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ପୌରପାଳିକା କଲ୍ୟାଣ ମଣ୍ଡପ, ରୋଟାରୀ କ୍ଲବ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ୍ ସଭାଗୃହରେ ସମାନ୍ତରାଳ ଆୟୋଜିତ ରକ୍ତଦାନ ଶିବିରକୁ ଅତିଥି ଭାବେ ବାରିପଦା ତହସିଲଦାର ସପନ ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଯୋଗଦେଇ ଉଦଘାଟନ କରିଥିଲେ। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ବାରିପଦା ତହସିଲଦାର ସପନ ସାହୁ ନିଜେ ଶିବିରରେ ରକ୍ତଦାନ କରିଥିଲେ।

ରକ୍ତ ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ମହତ୍ ଉଦ୍ଦେଶ୍ୟ ନେଇ ପୌରପାଳିକା ପକ୍ଷରୁ ପ୍ରତିବର୍ଷ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହେଉଛି। ୨୦୨୨ରେ ୩୨୩, ୨୦୨୩ରେ ୪୦୩, ୨୦୨୪ରେ ୪୬୩ ଓ ୨୦୨୫ରେ ୬୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ୨୦୨୬ରେ ୭୧୬ ୟୁନିଟ ରକ୍ତ ସଂଗ୍ରହ କରି ରାଜ୍ୟସ୍ତରରେ ବାରିପଦା ପୌରପାଳିକା ଇତିହାସ ସୃଷ୍ଟି କରିଛି। ସ୍ୱେଚ୍ଛାକୃତ ଭାବେ ଦୁଇଟି ପରିବାର ଲୋକେ ଶିବିରରେ ରକ୍ତଦାନ କରିଛନ୍ତି। ଶାଶୂ ତଥା ୱାର୍ଡ କାଉନସିଲର ଅମ୍ବିକା ସାହୁ ଓ ତାଙ୍କ ଜ୍ୱାଇଁ ଅନିମେଷ ମଦୁଆଳ, ଅନ୍ୟଏକ ପରିବାରର ବାପା ଦିବାକର ସ୍ୱାଇଁ, ବୋହୂ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପୁଅ ପ୍ରଦୀପ କୁମାର ସ୍ୱାଇଁ ରକ୍ତଦାନ କରିଛନ୍ତି। ନଗରପାଳ ଶ୍ରୀ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବାରିପଦା ପୌରାଞ୍ଚଳର ୨୮ଟି ୱାର୍ଡର ଜନସାଧାରଣ, ଯୁବକଯୁବତୀ, ମହିଳା, ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ, ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ରେଡକ୍ରସ ପକ୍ଷରୁ ଆଜୀବନ ସଦସ୍ୟ ଅମର ସେଠୀ, ବାରିପଦା ରକ୍ତଭଣ୍ଡାର ଓ ଉଦଳା ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ଶିବିରରେ ଉପନଗରପାଳ ସୀମା ଦାସ, ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମସ୍ତଙ୍କ ସହଯୋଗରେ ମେଗା ରକ୍ତଦାନ ଶିବିର ସଫଳ ହୋଇଛି। ଏଥିପାଇଁ ନଗରପାଳ ଶ୍ରୀ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସ୍ୱେଚ୍ଛାକୃତ ରକ୍ତଦାନ କଲେ ୫୫ ଜଣ ମହିଳା

### ଓଡ଼ିଶା ପୌରପାଳିକା ଇତିହାସରେ ସର୍ବକାଳୀନ ରେକର୍ଡ

---

## ● ଛେଳିକୁ ପିଟି ଗୋଡ଼ ଭାଙ୍ଗିଥିବା ଘଟଣା

# ତିନିଜଣଙ୍କୁ ଦଣ୍ଡାଦେଶ ଶୁଣାଇଲେ ଜେଏମ୍ଏଫ୍‌ସି କୋର୍ଟ

ମୋରଡ଼ା,୩।୯ (ସମିସ): ୨୦୨୨ରେ ଏକ ଛେଳିକୁ ପିଟି ଗୋଡ଼ ଭାଙ୍ଗିବା ଓ ମାଲିକଙ୍କୁ ଆକ୍ରମଣ କରିବା ଘଟଣାରେ ଗୁରୁବାର ମୋରଡା ଜେଏମଏଫସି କୋର୍ଟ ବିଚାରପତି ସ୍ମୃତି ପଟ୍ଟନାୟକ ତିନିଜଣଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ମୋରଡା ଥାନା ଅଧୀନ ବରକନ୍ଦ ଗ୍ରାମର ଗୀତାଞ୍ଜଳି ବାରିକଙ୍କ ଲିଖିତ ଅଭିଯୋଗ ମୁତାବକ ସେହି ଗ୍ରାମର ଧ୍ରୁବ ରାଉତଙ୍କ ଘର ପରିସରକୁ ପ୍ରବେଶ କରି ତାଙ୍କର ଛେଳି ଗଛ ଖାଇଥିଲା। ଏହାକୁ ନେଇ ଧ୍ରୁବ ଛେଳିକୁ ପିଟିଥିଲେ। ଫଳରେ ଛେଳିର ଗୋଡ଼ ଭାଙ୍ଗିଯାଇଥିଲା। ଗୀତାଞ୍ଜଳିଙ୍କ ଝିଅ ଅଭିଯୁକ୍ତ ଧ୍ରୁବଙ୍କୁ ଛେଳିକୁ ଏତେ ଜୋରରେ କାହିଁକି ପିଟିଲେ ଓ ତାହାର ଗୋଡ଼ କାହିଁକି ଭାଙ୍ଗିଦେଲେ ବୋଲି ପଚାରି ଥିଲେ। ପରେ ଝିଅ ତାଙ୍କ ମାଆଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଗୀତାଞ୍ଜଳି ଏ ନେଇ ଧ୍ରୁବଙ୍କୁ ଛେଳିକୁ ପିଟିବା ପରିବର୍ତ୍ତେ ସେମାନେ କ୍ଷତିପୂରଣ ମାଗିବା କଥା କହିଥିଲେ। ଯାହାକୁ ନେଇ ଧ୍ରୁବ ଓ ତାଙ୍କ ମାଆ ଗୀତାଞ୍ଜଳିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଝିଅର କେଶ ଧରି ଟାଣିବା ସହିତ ତାଙ୍କୁ ମାଡ଼ ମାରି ତଳେ ପକାଇ ଦେଇଥିଲେ। ଫଳରେ ତାଙ୍କ ହାଡ଼ ଭାଙ୍ଗିଯାଇଥିଲା। ଯାହାକୁ ନେଇ ଅଭିଯୋଗକାରିଣୀ ଗ୍ରାମର ଅଶୋକ ରାଉତଙ୍କୁ ଘଟଣା ସମ୍ପର୍କରେ କହିଥିଲେ।

ସେ ମଧ୍ୟ ତାଙ୍କ ପକ୍ଷ ନେଇ କେଶ କଲେ ଗାଁରୁ ବିଦା କରିଦିଆଯିବ ବୋଲି ଧମକ ଦେଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ତିନିଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପାଞ୍ଚଶହ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୋଗକାରିଣୀ ପକ୍ଷରୁ ଓକିଲ ସମ୍ବିତ ଦାସ ମାମଲା ପରିଚାଳନା କରୁଥିଲେ।

# ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଅରୁଣ ନାଏକଙ୍କ ଦାୟିତ୍ୱ ଗ୍ରହଣ

ମୋରଡ଼ା,୩।୯ (ସମିସ): ଶୁଳିଆପଦା ବ୍ଲକର କନିଷ୍ଠ ଯନ୍ତ୍ରୀ ଅରୁଣ ନାଏକଙ୍କୁ ପଦୋନ୍ନତି ମିଳିଛି। ତାଙ୍କୁ ଶୁଳିଆପଦା ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୁଲାଇ ୩୧ ତାରିଖରେ ଅବସର ନେବା ପରେ ଏହି ପଦବୀ ଖାଲିପଡ଼ିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅଗଷ୍ଟ ୨୦ ତାରିଖରୁ ଅରୁଣ ନାଏକ ଏହି ଦାୟିତ୍ୱ ତୁଲାଉଛନ୍ତି। ଅରୁଣ ନାଏକ ଜଣେ ସଚ୍ଚୋଟ ଓ ଦକ୍ଷ ଯନ୍ତ୍ରୀ ଭାବେ ପରିଚିତ। ସେ ୨୦୦୫ ଅଗଷ୍ଟ ୧୭ରେ ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ଶୁଳିଆପଦା ବ୍ଲକରେ



୪ ବର୍ଷ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରିବା ପରେ କଳାହାଣ୍ଡି ଜିଲ୍ଲା କୋକସରା ଓ କର୍ଲାମୁଣ୍ଡା ବ୍ଲକରେ ଏକବର୍ଷ ନିଜର ଦକ୍ଷତା ପ୍ରମାଣିତ କରିଥିଲେ। ପରେ ପୁଣି ୨୦୧୯ ଅକ୍ଟୋବର ୨୦ରେ ଶୁଳିଆପଦା ବ୍ଲକକୁ ବଦଳି ହୋଇଆସିଥିଲେ। ବର୍ତ୍ତମାନ ସୁଦ୍ଧା ୯ ବର୍ଷ ଧରି ସେ ଶୁଳିଆପଦା ବ୍ଲକରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ପଦୋନ୍ନତି ପରେ ସ୍ଥାନୀୟ ଠିକାଦାର ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

# ମହ୍ଲାରପଦା ରାସ୍ତା ମରଣଯନ୍ତା



କୁଆମରା,୩।୯ (ସମିସ): ଖୁଣ୍ଟା ବ୍ଲକ ଗଡ଼ିଗାଁ ପଞ୍ଚାୟତର ମହ୍ଲାରପଦା ରାସ୍ତା ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗଞ୍ଜାମ ଛକରୁ ଗୋବିନ୍ଦପୁରକୁ ଯାଇଥିବା ମୁଖ୍ୟ ରାସ୍ତା ସହ ଏହି ଗ୍ରାମ୍ୟ ରାସ୍ତା ସଂଯୋଗ କରୁଛି। ମହ୍ଲାରପଦା, ଗୁହିରାଡୁବା ଓ ବଢେଇ ପହଁରା ଗ୍ରାମର ୫୦ରୁ ଅଧିକ ପରିବାର ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏମାନଙ୍କ ପାଇଁ ଅନ୍ୟକୌଣସି ବିକଳ୍ପ ରାସ୍ତା ନ ଥିବାରୁ ବର୍ଷାଋତୁରେ ଏହା କାଦୁଆ ପଚ ପଚ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରାୟ ୩୦ ବର୍ଷ ତଳୁ ଏହି ରାସ୍ତା ନିର୍ମାଣ ହୋଇଥିଲା। ସେବେଠାରୁ ମାଟି କିମ୍ବା ମୋରମ ଆଜି ପର୍ଯ୍ୟନ୍ତ ଝୁଡିଏ ପଡ଼ିନାହିଁ। ରାସ୍ତାର ମରାମତି ଅଭାବ ସହ ପ୍ରଶାସନର ଅଣଦେଖା ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ କୁନି କୁନି ପିଲା ଅଙ୍ଗନବାଡି ଓ ବିଦ୍ୟାଳୟକୁ ଯାଉଥିବାରୁ ଅଭିଭାବକଙ୍କ ଚିନ୍ତା ବଢିଛି। କେହି ଅସୁସ୍ଥ ହେଲେ ରୋଗୀକୁ ଆମ୍ବୁଲାନ୍ସରେ ନେବାକୁ ଗାଁଠାରୁ ଗୋଟିଏ କିଲୋମିଟର ଦୂରକୁ ବହିବାକୁ ପଡୁଛି। ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀଙ୍କୁ ଏହି ରାସ୍ତା ପାଇଁ ଯନ୍ତ୍ରଣା ସହିବାକୁ ପଡୁଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସରପଞ୍ଚ ପଦ୍ମନାଭ ରାଉତଙ୍କୁ ପଚାରିବାରୁ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ଦିଆଯିବା ପରେ ତାହା ଟେଣ୍ଡର ସରିଛି, ବର୍ଷାଋତୁ ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।

---

# ଜିଲ୍ଲାପାଳଙ୍କୁ ଅଙ୍ଗନବାଡ଼ି ସଂଘର ଦାବିପତ୍ର

କେନ୍ଦୁଝର, ୩।୯ (ସମିସ): କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମକର୍ତ୍ତାଙ୍କର ବିଭିନ୍ନ ସମସ୍ୟାକୁ ନେଇ ଗୁରୁବାର ଏକ ଦାବିପତ୍ର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅଲଓଡିଶା ଅଙ୍ଗନବାଡି ଲେଡିଜ ୱାର୍କର ଆସୋସିଏସନର କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ପୋଷଣ ଟ୍ରାକର ତ୍ରୁଟି କାରଣରୁ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କର୍ମୀମାନେ ଟ୍ରାକରରେ ସମସ୍ତ କାମ କରିଥିଲେ ମଧ୍ୟ କମ ଦେଖାଯାଉଛି। ପ୍ରବଳ ବର୍ଷା ଏବଂ ବର୍ଷା କାରଣରୁ ଛୁଟି ସମୟରେ କର୍ମୀ ଟ୍ରାକର ଅପନ କରି ମଧ୍ୟ ଉପସ୍ଥାନ ପକାଇବାକୁ ବିଭାଗର କୌଣସି ସୂଚନା ନଥିଲା। ପୋଷଣ ଟ୍ରାକର ସମ୍ପର୍କରେ କୌଣସି ତାଲିମ ଦିଆଯାଇନାହିଁ। ଏଭଳି ସ୍ଥଳେ କାରଣ ଦର୍ଶାଅ ନୋଟିସ କର୍ମୀଙ୍କୁ ଅସୁବିଧାରେ ପକାଇଛି। ଅନ୍ୟପକ୍ଷରେ ୨୦୨୨ରୁ କର୍ମୀଙ୍କୁ ସୁପରଭାଇଜର ପ୍ରମୋସନ ଦିଆଯାଇନାହିଁ। ତୁରନ୍ତ ପ୍ରୋମୋସନ ବ୍ୟବସ୍ଥା ସହିତ ଟ୍ରାକର ସମସ୍ୟାର ସମାଧାନ ନିମନ୍ତେ ସଙ୍ଘ ପକ୍ଷରୁ ଦାବି କରାଯାଇଛି।



# ବିଜେଡି ଜିଲ୍ଲାସ୍ତରୀୟ ନେତୃତ୍ୱ ବୈଠକ



ଯୋଡ଼ା, ୩।୯ (ସମିସ): ଚମ୍ପୁଆ ଧରଣୀଧର ନଗର ଭବନଠାରେ ଗୁରୁବାର ବିଜୁ ଜନତା ଦଳର ଜିଲ୍ଲାସ୍ତରୀୟ ନେତୃତ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ସାଂଗଠନିକ ସ୍ଥିତି, ଆଗାମୀ କାର୍ଯ୍ୟକ୍ରମ ଓ ଦଳକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ମତାମତ ରଖିଥିଲେ। ଦଳୀୟ ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିବା ପାଇଁ ନେତାମାନେ ଆହ୍ୱାନ ଦେଇଥିଲେ। ବୈଠକରେ ବରିଷ୍ଠ ନେତାଙ୍କ ସମେତ ଯୋଡ଼ା ନଗର ସଭାପତି ନିରଞ୍ଜନ ବହିଦାର, ଯୋଡ଼ା ବ୍ଲକ ସଭାପତି ରମେଶଚନ୍ଦ୍ର ବେହେରା, ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ଅନେକ କାଉନସିଲ. ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

# ମଦ ଜବତ, ୫ ଗିରଫ

ଉଦଳା, ୩।୯ (ସମିସ): ଉଦଳା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ କରାଯାଇ ୯୨ ଲିଟର ମଦ ଜବତ ହେବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ଉଦଳା ଥାନା ଅନ୍ତର୍ଗତ ନହରପଦା ଗ୍ରାମର ଛତିଶ ଖାଣ୍ଡେଇ, ସୁମତୀ ସୋରେନ, କଇଁସାରି ଗ୍ରାମର ରମାକାନ୍ତ ମୁଖୀ, ଅମ୍ବିକାଦେଇପୁର ଗ୍ରାମର ସୁରେଶ ମୁର୍ମୁ ଓ ବାବୁସାହିର ମୁସୁ ସୋରେନଙ୍କୁ ଗିରଫ କରାଯାଇଥିବାବେଳେ ଏକ ସ୍କୁଟି ଜବତ ହୋଇଛି। ଉକ୍ତ ଚଢ଼ଉରେ ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ, ରବୀନ୍ଦ୍ର ରେଣ୍ଟୀ, ଦୀପାଞ୍ଜଳି ଦାସ, ସୁମନ୍ତ ମହାନ୍ତ, ଦିବ୍ୟାଂଶୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।




# କଳାକାର ପ୍ରାଣନାଥ ଖୁଣ୍ଟିଆଙ୍କ ଦେହାନ୍ତ

ଆନନ୍ଦପୁର, ୩।୯ (ସମିସ): ଆନନ୍ଦପୁର ଶ୍ରୀନୃସିଂହ ନାରାୟଣ ରାସ ପାର୍ଟିର ବରିଷ୍ଠ କଳାକାର ତଥା ୪ ନମ୍ବର ୱାର୍ଡ ନିବାସୀ ପ୍ରାଣନାଥ ଖୁଣ୍ଟିଆ (୯୨)ଙ୍କ ଦେହାନ୍ତ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ଅସୁସ୍ଥ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ଅପରାହ୍ନରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୁଃଖ ପ୍ରକାଶ କରିଥିବା ବେଳେ ରାସ ପାର୍ଟି ଉପଦେଷ୍ଟା ନାରାୟଣଚନ୍ଦ୍ର ସା ନାରାୟଣ ସାମଲ ରମାକାନ୍ତ ନାୟକ ମଦନ ପାଣି ମନରଞ୍ଜନ ମହାପାତ୍ର ମଦନ କୁଣ୍ଡ ଗୌରାଙ୍ଗ ବେହେରା କିରଣ ପାଢ଼ୀ ଗୌରାଙ୍ଗ ବେହେରା ଦେବେନ ଦାସ ରବୀନ୍ଦ୍ର ପାତ୍ର ପଦ୍ମନାଭ ପାତ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।



# ଚଳନ୍ତା ବାଇକ୍‌ରେ ଅଗ୍ନିକାଣ୍ଡ; ରାଜପଥରେ ଆତଙ୍କ



ଯୋଡ଼ା, ୩।୯ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଧୀନ ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କ ଘାଟି ନିକଟରେ ଗୁରୁବାର ଏକ ଚଳନ୍ତା ପଲସର୍ ମୋଟରସାଇକଲରେ ନିଆଁ ଲାଗିଯାଇଥିଲା। ଚାଳକ ଅଳ୍ପକେ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିବାବେଳେ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଗୋଲସେନ ତିର୍କି ସିଜି-୧୩-ଏଏଚ୍-୩୨୪୮ ନମ୍ବର ବିଶିଷ୍ଟ ବାଇକ୍‌ରେ ଭଦ୍ରାସାହିରୁ ରୁଗୁଡ଼ି ଅଭିମୁଖେ ଯାଉଥିଲେ। ବାରବାଙ୍କ ଘାଟି ନିକଟରେ କୌଣସି କାରଣରୁ ବାଇକ୍‌ର ନିୟନ୍ତ୍ରଣ ହରାଇ ସେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ବାଇକ୍‌ଟି ପିଚୁ ରାସ୍ତାରେ ଘଷି ହୋଇ ନିଆଁ ଲାଗିଥିବା ଜଣାପଡ଼ିଛି। କିଛି ସମୟ ମଧ୍ୟରେ ନିଆଁ ବାଇକ୍‌ର ଅନ୍ୟ ଅଂଶକୁ ବ୍ୟାପିଯିବାରୁ ଏହା ହୁତୁହୁତୁ ହୋଇ ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେବେ ଚାଳକ ତୁରନ୍ତ ବାଇକ୍‌ଠାରୁ ଦୂରେଇ ଯାଇଥିବାରୁ ବଡ଼ଧରଣର ଅଘଟଣ ଟଳିଥିଲା। ଖବର ପାଇ ରୁଗୁଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ବଡ଼ବିଲ ମେଡିକାଲକୁ ପଠାଇଥିଲା। ଏଥିସହ ଜଳୁଥିବା ବାଇକ୍‌ର ନିଆଁକୁ ନିୟନ୍ତ୍ରଣ କରିବା ସହ ରାଜପଥରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ କିଛି ସମୟ ପାଇଁ ୫୨୦ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

### ବର୍ତ୍ତିଗଲେ ଚାଳକ

## ସାହାରପଡ଼ା ଲ୍ୟାମ୍ପ୍‌ସରେ ପଞ୍ଜୀକରଣ ଉତ୍ତେଜନା

ତୁରୁମୁଙ୍ଗା, ୩।୯ (ସମିସ): ସରକାରଙ୍କ ନିୟମନୁସାରେ, ଧାନ ବିକ୍ରି ପାଇଁ ଲ୍ୟାମ୍ପ୍‌ସରେ ଚାଷୀଙ୍କର ପଞ୍ଜୀକରଣ ଚାଲୁ ରହିଛି; ମାତ୍ର ସାହାରପଡା ଲ୍ୟାମ୍ପ୍‌ସରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ଆଣି ଗୁରୁବାର ଚାଷୀମାନେ ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଦିନ ୨ଟା ପୂର୍ବରୁ ଲ୍ୟାମ୍ପ୍‌ସରେ ତାଲା ମାରି ଲ୍ୟାମ୍ପ କର୍ତ୍ତୃପକ୍ଷ ଚାଲିଯାଇଥିବାରୁ ଚାଷୀ ଉତ୍ତ୍ୟକ୍ତ ହୋଇ ସାହାରପଡା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ସର୍ଭର ଡାଇନ କହି ଚାଷୀଙ୍କ ରେଜିଷ୍ଟ୍ରେସନ କରୁ ନଥିବାରୁ ସକାଳୁ ରାତି ପର୍ଯ୍ୟନ୍ତ ଚାଷୀ ଅପେକ୍ଷା କରି ରହୁଥିବା ଅଭିଯୋଗ ଆଣିଛନ୍ତି ଚାଷୀ। ସରକାର ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅବଧି ବଢାଇଥିବା ବେଳେ ସାହାରପଡା ଲ୍ୟାମ୍ପ୍‌ସ ଅଧୀନରେ ଥିବା ଶହଶହ ଚାଷୀ ବାଦ୍ ପଡିଛନ୍ତି। ସର୍ଭର ଡାଉନ ଯୋଗୁଁ ଦିନକୁ ୧୦ରୁ ୧୫ ଜଣ ଚାଷୀଙ୍କର ପଞ୍ଜୀକରଣ ହେଉଥିବା ବେଳେ ଆଗକୁ କେମିତି ପଞ୍ଜୀକରଣ ହେବେ ସେ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଏନେଇ ସାହାରପଡା ଲ୍ୟାମ୍ପ୍‌ସର ଭାରପ୍ରାପ୍ତ ଏମ୍‌ଡି ରିତୁ ସାହା କହିଛନ୍ତି, ଚାଷୀ ଉତ୍ତ୍ୟକ୍ତ ହୋଇ ପାଟିତୁଣ୍ଡ କରିବାରୁ ଲ୍ୟାମ୍ପ୍‌ସରେ କାର୍ଯ୍ୟ କରୁଥିବା ପିଲା ଖାଇବାକୁ ଯାଇଥିଲେ। ସାରା ଜିଲ୍ଲାରେ ସର୍ଭର ଡାଉନ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି।



---

# ୧୨ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, ୩।୯ (ସମିସ): ଆସନ୍ତା ୧୨ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ତାଲୁକ ଆଇନ ସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରଡ଼ାଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରାଧୀନ ଥିବା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଟ୍ରାଫିକ୍ ଚାଲାଣ, ରାଜସ୍ୱ, ଶ୍ରମ, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ମୋଟର ଦୁର୍ଘଟଣା, ଜମିଜମା ମୋକଦ୍ଦମା ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏଥିସହ ଅଦାଲତରେ ମାମଲା ଦାୟର ହୋଇ ନ ଥିବା ପ୍ରାକ୍-ମୋକଦ୍ଦମାସ୍ତରୀୟ ବିବାଦ ବ୍ୟାଙ୍କ ଋଣ ଅନାଦେୟ, ସାଲିସଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ଟେଲିଫୋନ୍, ବିଦ୍ୟୁତ୍, ପାନୀୟଜଳ ବିଲ୍ ଅନାଦେୟ ମାମଲାର ମଧ୍ୟ ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ଆପୋଷ ସହମତି ଭିତ୍ତିରେ ସମାଧାନ ହୋଇପାରିବ। ଉକ୍ତ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ହିତାଧିକାରୀଙ୍କୁ ଦେବାକୁ ପଡ଼ିବନାହିଁ। ଲୋକ ଅଦାଲତର ରାୟ ଚୂଡ଼ାନ୍ତ, ବୈଧ ତଥା ଅମଳଯୋଗ୍ୟ। ଯଦି କୌଣସି ବିଚାରାଧୀନ ମାମଲାର ସମାଧାନ ଲୋକ ଅଦାଲତରେ ହୋଇଥାଏ, ତେବେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଏଣୁ ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ଓ ସରଳ ସମାଧାନ ପାଇଁ ଓ ଆର୍ଥିକ ଖର୍ଚ୍ଚ, ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା କିମ୍ବା ନିକଟସ୍ଥ ଅଦାଲତ ପରିସରରେ ଥିବା ଆଇନ ସେବା ସମିତି/ଅଦାଲତଙ୍କ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

# ଶିକ୍ଷକ ବଦଳି ପ୍ରତିବାଦରେ ଅଭିଭାବକଙ୍କ ଧାରଣା

ତେଲକୋଇ, ୩।୯ (ସମିସ)



ତେଲକୋଇ ବ୍ଲକ ଶିକ୍ଷା ବିଭାଗ ଆକୁଳ କ୍ଲଷ୍ଟର ଅଧୀନ ଗୋଲାଗାଡିଆ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ ଜଣାଇଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ବେହେରା ଓ ଥାନାଧିକାରୀ ଅଞ୍ଜନ ପାତ୍ର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ବିଦ୍ୟାଳୟରୁ ତାଲା ଖୋଲା ଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଆଦର୍ଶ କନିଷ୍ଠ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଯା'ଫଳରେ ପରିଚାଳନା କମିଟି ଓ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସଂପୃକ୍ତ ଶିକ୍ଷକଙ୍କ ବଦଳି ଆଦେଶକୁ ବାତିଲ କରିବା ପାଇଁ ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ପୂର୍ବରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରି ଦାବି ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ବିଦ୍ୟାଳୟରେ ୫୫ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଦୀର୍ଘ ବର୍ଷ ଧରି ସେହି ଗ୍ରାମର ଜଣେ ଶିକ୍ଷକ ଓ ପଡ଼ୋଶୀ ଭିମକାଣ୍ଡ ଗ୍ରାମର ଜଣେ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ବେଳେ କନିଷ୍ଠ ଶିକ୍ଷକଙ୍କ ବଦଳିକୁ ତୁରନ୍ତ ବାତିଲ କରିବାକୁ ବିଦ୍ୟାଳୟ କମିଟି ଅଧ୍ୟକ୍ଷ ଦ୍ରୌପଦୀ ନାୟକ ଓ ୱାର୍ଡସଭ୍ୟ ନାଥଚରଣ ନାୟକଙ୍କ ସମେତ ସମସ୍ତ ଅଭିଭାବକ, ଗ୍ରାମବାସୀ ଦାବି କରିଛନ୍ତି। ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ପରେ ବିଦ୍ୟାଳୟ ଫାଟକ ଖୋଲାଯିବା ସହିତ ସମସ୍ୟା ସମାଧାନ କରାଯିବ ବୋଲି କୁହାଯାଇଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

## ଆଜିର ଇତିହାସ

- ୧୮୮୮ - ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭ - ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨ - ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭ - ମହାରାଷ୍ଟ୍ରରେ ୬.୫ ତ୍ରୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଅରନ୍ଧା ଭାତ

‘ବୋକା ଚାଉଳ’ ଆସାମର ଏକ ବିଶେଷ କିସମର ଚାଉଳ, ଯାହାକୁ ‘ମ୍ୟାଜିକ୍ ରାଇସ୍’ ବୋଲି କୁହାଯାଏ। ଏହି ଚାଉଳର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଯେ ଏହାକୁ ରାନ୍ଧିବା ପାଇଁ ନିଆଁର ଆବଶ୍ୟକତା ପଡ଼େନାହିଁ। ପାଣିରେ କିଛି ସମୟ ଭିଜାଇ ଦେଲେ ଏହା ଆପେ ଆପେ ଖାଇବା ଯୋଗ୍ୟ ଭାତ ହୋଇଯାଏ। ଏହି ଚାଉଳରୁ ଭାତ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରେସର୍ କୁକର କିମ୍ବା ହାଣ୍ଡିର ଆବଶ୍ୟକତା ନ ଥାଏ। କେବଳ ଥଣ୍ଡା ପାଣିରେ ୩୦ ରୁ ୪୦ ମିନିଟ୍ ଚାଉଳକୁ ଭିଜାଇ ରଖିଲେ ଏହା ନରମ ହୋଇ ଫୁଲିଯାଏ ଏବଂ ତୁରନ୍ତ ଖାଇବା ପାଇଁ ପ୍ରସ୍ତୁତ ହୋଇଯାଏ। ଉଷୁମ ପାଣିରେ ମାତ୍ର ୧୦ ରୁ ୧୫ ମିନିଟ୍ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯାଏ। ୧୭ଶ ଶତାବ୍ଦୀରେ ଆସାମର ସ୍ଥାନୀୟ ଅହୋମ ସୈନିକମାନେ ମୋଗଲ ସେନା ବିରୋଧରେ ଯୁଦ୍ଧ କରିବା ସମୟରେ ଏହି ଚାଉଳକୁ ନିଜ ସାଙ୍ଗରେ ଖାଦ୍ୟ ଭାବେ ନେଉଥିଲେ। ଯୁଦ୍ଧ ସମୟରେ ସୈନିକମାନେ କେବଳ ନଦୀ ପାଣିରେ ଏହାକୁ ଭିଜାଇ ତୁରନ୍ତ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫାଇବର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ। ଏହା ଶରୀରକୁ ତୁରନ୍ତ ପ୍ରଚୁର ଶକ୍ତି ଯୋଗାଇଥାଏ।

ଆସାମର ଲୋକେ ଏହାକୁ ମୁଖ୍ୟତଃ ସକାଳ ଜଳଖିଆ ଭାବେ ଖାଆନ୍ତି। ପାଣିରେ ଭିଜାଇବା ପରେ ଏଥିରେ ଦହି, ଗୁଡ଼, କଦଳୀ କିମ୍ବା କ୍ରିମ୍ ମିଶାଇ ‘ଜୋଲପାନ’ ନାମକ ଏକ ସ୍ୱାଦିଷ୍ଟ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହା ସହଜରେ ହଜମ ହୋଇଯାଏ ଏବଂ ଗ୍ରୀଷ୍ମ ଋତୁରେ ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଆଜିର ସମୟରେ ମଧ୍ୟ ଆସାମରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଆସେ, ଲୋକଙ୍କ ଘରଦ୍ୱାର ଭାସିଯାଏ ଏବଂ ରୋଷେଇ କରିବା ସମ୍ଭବ ହୁଏନାହିଁ, ସେତେବେଳେ ପ୍ରଶାସନ ଓ ସ୍ଥାନୀୟ ଲୋକେ ଏହି ଚାଉଳକୁ ମୁଖ୍ୟ ‘ଏମର୍ଜେନ୍ସି ଫୁଡ୍’ ଭାବେ ବ୍ୟବହାର କରନ୍ତି। ବୈଜ୍ଞାନିକମାନଙ୍କ ଅନୁସାରେ, ସାଧାରଣ ଚାଉଳ ତୁଳନାରେ ମ୍ୟାଜିକ୍ ରାଇସ୍‌ରେ ଆମିଲୋଜ୍ ପରିମାଣ ବହୁତ କମ୍ ଥାଏ। ଆମିଲୋଜ୍ କମ୍ ଥିବାରୁ ଏହି ଚାଉଳ ଅତି ସହଜରେ ପାଣିକୁ ଶୋଷିନିଏ ଏବଂ ବିନା ଉତ୍ତାପରେ ବି ଏହା ଭାତରେ ପରିଣତ ହୋଇଯାଏ।

## ଭୂମିକମ୍ପ ସମୟରେ ଜୀବନ ଖୋଜିବ ଅସରପା

ଭୂମିକମ୍ପ କିମ୍ବା କୌଣସି ବଡ଼ ବିପର୍ଯ୍ୟୟ ସମୟରେ ଯେତେବେଳେ ବଡ଼ ବଡ଼ ବିଲ୍ଡିଂଗୁଡ଼ିକ ମାଟିରେ ମିଶିଯାଏ, ସେତେବେଳେ ଭଙ୍ଗା ସିମେଣ୍ଟ ଚଟାଣ ଓ କଂକ୍ରିଟ୍ ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି କଠିନ କାମକୁ ସହଜ କରିବା ପାଇଁ ବୈଜ୍ଞାନିକମାନେ ସାଇବୋର୍ଗ ଅସରପା ପ୍ରସ୍ତୁତ କରିଛନ୍ତି। ଜୀବନ୍ତ ଅସରପା ଶରୀରରେ ଅତ୍ୟାଧୁନିକ ସେନ୍ସର୍ ଲଗାଇ ଏହାକୁ ଏକ ‘ମିନି ରେସକ୍ୟୁ ଟିମ୍’ରେ ପରିଣତ କରାଯାଇଛି। ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟିର ଗବେଷକମାନେ ଏହି ବିଶେଷ ପ୍ରକାରର ବାୟୋ-ରୋବଟ୍‌କୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସେମାନେ ପ୍ରାୟ ୨.୫ ଇଞ୍ଚ ଲମ୍ବର ବଡ଼ ଆକାରର ମାଡାଗାସ୍କାର ପ୍ରଜାତିର ଅସରପାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ଅସରପାମାନଙ୍କ ପିଠିରେ ଏକ ଅତି କ୍ଷୁଦ୍ର ଇଲେକ୍ଟ୍ରୋନିକ୍ ବ୍ୟାକପ୍ୟାକ୍ ଖଞ୍ଜାଯାଇଥାଏ। ଏଥିରେ ଏକ ଛୋଟ ବ୍ୟାଟେରି, କାର୍ବନ ଡାଇଅକ୍ସାଇଡ୍ ସେନ୍ସର୍ ଏବଂ ଇନଫ୍ରାରେଡ୍ ଥର୍ମାଲ୍ କ୍ୟାମେରା ରହିଥାଏ। ଅସରପାର ମସ୍ତିଷ୍କ ଓ ସେମାନଙ୍କର ଦୁଇଟି ଆଣ୍ଟେନାରେ ସୂକ୍ଷ୍ମ ଇଲେକ୍ଟ୍ରୋଡ୍ସ ସଂଯୋଗ କରାଯାଇଥାଏ। ଯେତେବେଳେ ରିମୋଟ୍ ସାହାଯ୍ୟରେ ବାମ କିମ୍ବା ଡାହାଣ ପଟ ଆଣ୍ଟେନାକୁ ସାମାନ୍ୟ କରେଣ୍ଟ ସିଗନାଲ୍ ଦିଆଯାଏ, ଅସରପାଟି ଭାବେ ଯେ ସେପଟେ କିଛି ପ୍ରତିବନ୍ଧକ ଅଛି ଏବଂ ସେ ତୁରନ୍ତ ନିଜର ଦିଗ ବଦଳାଇ ଦିଏ। ଏହିପରି ଭାବେ ଉଦ୍ଧାରକାରୀ ଦଳ ଅସରପାଗୁଡ଼ିକୁ ନିଜ ଇଚ୍ଛାନୁସାରେ ନିୟନ୍ତ୍ରଣ କରିପାରନ୍ତି। ସାଧାରଣ ଯାନ୍ତ୍ରିକ ରୋବଟ୍‌ଗୁଡ଼ିକ ଆକାରରେ ବଡ଼ ହୋଇଥାନ୍ତି ଏବଂ ଭଙ୍ଗାବିଲ୍ଡିଂର ଅଣଓସାରିଆ ସ୍ଥାନକୁ ଯାଇପାରନ୍ତି ନାହିଁ। ହେଲେ ଅସରପା ନିଜ ଶରୀରକୁ ସଙ୍କୁଚିତ କରି ଅତି ସଂକୀର୍ଣ୍ଣ ସ୍ଥାନ ଦେଇ ଗତି କରିପାରେ। ସବୁଠାରୁ ବଡ଼ କଥା ହେଉଛି, ଯାନ୍ତ୍ରିକ ରୋବଟ୍ ଚାଲିବା ପାଇଁ ବହୁତ ବ୍ୟାଟେରି ଶକ୍ତି ଦରକାର ହୁଏ, କିନ୍ତୁ ଏଠାରେ ଅସରପା ନିଜ ଶକ୍ତିରେ ଚାଲେ। ବ୍ୟାକପ୍ୟାକ୍‌ରେ ଥିବା ବ୍ୟାଟେରି କେବଳ ସେନ୍ସର୍ ଓ କ୍ୟାମେରା ପାଇଁ ବ୍ୟବହାର ହେଉଥିବାରୁ ଏହା ଦୀର୍ଘ ସମୟ ଧରି କାମ କରିପାରେ। ନିକଟରେ ସିଙ୍ଗାପୁରର ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଦଳ ଏକ ପରୀକ୍ଷାମୂଳକ ଭୂମିକମ୍ପ ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୦ଟି ମାଡାଗାସ୍କାର ସାଇବୋର୍ଗ ଅସରପାଙ୍କୁ ସଫଳତାର ସହ ବ୍ୟବହାର କରିଛନ୍ତି। ପ୍ରକୃତିର ସବୁଠାରୁ ଅବହେଳିତ ଜୀବ କିପରି ବିଜ୍ଞାନର ସ୍ପର୍ଶରେ ଆସି ମାନବ ସମାଜ ପାଇଁ ଏକ ବଡ଼ ଆଶୀର୍ବାଦ ସାଜିବାକୁ ଯାଉଛି, ତାହା ସାଇବୋର୍ଗ ଅସରପା ପ୍ରୋଜେକ୍ଟ ପ୍ରମାଣିତ କରିଛି। ଆଗାମୀ ଦିନରେ ବିପର୍ଯ୍ୟୟ ସମୟରେ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଏହି ବାୟୋ-ରୋବଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।




## ‘ହୁଙ୍କାର’ରେ ଅନୀତ୍



‘ସୈୟାରା’ ଚଳଚ୍ଚିତ୍ରରେ ‘ବାଣୀ’ଚରିତ୍ରରେ ନିଜର ଦମଦାର୍ ଅଭିନୟ ଯାଦୁ ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିବା ଅଭିନେତ୍ରୀ ଅନୀତ ପଡ୍ଡା ଏବେ ପୁଣି ଏକ ଭିନ୍ନ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ଏଥର ସେ ବଡ଼ ପରଦାରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମରେ ନିଜ ଅଭିନୟର ଜଲୱା ଦେଖାଇବେ। ବହୁ ପ୍ରତୀକ୍ଷିତ ୱେବ୍ ସିରିଜ୍ ‘ହୁଙ୍କାର: ଦ ରୋର୍’ରେ ସେ ଲିଡ୍ ରୋଲରେ ନଜର ଆସିବେ। ଏହି ୱେବ୍‌ସିରିଜ୍‌ର ଏକ ଦମଦାର୍ ଟିଜର୍ ନିକଟରେ ରିଲିଜ୍ ହୋଇଛି। ତେବେ ଏହି ୱେବ୍‌ସିରିଜ୍‌କୁ ନେଇ ଆଉ ଏକ ତଥ୍ୟ ପ୍ରକାଶ ପାଇଛି। ଅନୀତ ‘ସୈୟାରା’ ଫିଲ୍ମ ପୂର୍ବରୁ ଏହି ୱେବ୍‌ସିରିଜ୍‌ର ସୁଟିଂ ସାରି ଦେଇଥିଲେ। ଅନୀତ ନିଜେ ପ୍ରକାଶ କରିଛନ୍ତି ଯେ, ଏହି ପ୍ରୋଜେକ୍ଟଟି ଦୀର୍ଘ ସମୟ ଧରି ତାଙ୍କ ଅଭିନୟ ଯାତ୍ରାର ଏକ ସ୍ୱତନ୍ତ୍ର ଅଂଶ ହୋଇ ରହିଆସିଛି ଏବଂ ଏବେ ଏହା ଦର୍ଶକଙ୍କ ସାମ୍ନାକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ‘ହୁଙ୍କାର’ ଏକ କ୍ରାଇମ୍ ଏବଂ ଜଷ୍ଟିସ୍ ଡ୍ରାମା। । ଏହି ସିରିଜ୍‌ରେ ଅନୀତ ଜଣେ ୧୭ ବର୍ଷର ନାବାଳିକା ‘ମୀନୁ ରାବତ’ ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀଟି ମୀନୁର ଚାରିପାଖରେ ଘୁରି ବୁଲୁଛି, ଯିଏ ନିଜ ସହ ହୋଇଥିବା ଅନ୍ୟାୟ ଏବଂ ଅସଦାଚରଣ ବିରୋଧରେ ସ୍ୱର ଉତ୍ତୋଳନ କରି ପୋଲିସର ଦ୍ୱାରସ୍ଥ ହେଉଛି। ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଭଣ୍ଡ ବାବାଙ୍କ ସାମ୍ରାଜ୍ୟ ବିରୋଧରେ ମୀନୁ ଲଢ଼େଇ କରୁଥିବାର ଦେଖାଯିବ। ପୋଲିସ ତଦନ୍ତ, କୋର୍ଟରୁମ୍ ଡ୍ରାମା ଏବଂ ମିଡିଆ ଟ୍ରାଏଲ୍‌ର ଏକ ଦମଦାର ମିଶ୍ରଣ ଏହି ସିରିଜ୍‌ରେ ଦେଖିବାକୁ ମିଳିବ। ରାମ କପୁର, ମହମ୍ମଦ ଜିଶାନ୍ ଆୟୁବ୍, ଅର୍ଜୁନ ମାଥୁର, ଜୋୟା ହୁସେନ୍, ରଘୁବୀର ଯାଦବ, ରାଜେଶ ଶର୍ମା ଏବଂ ଚାରୁ ଶଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରଣ କପାଡ଼ିଆ, ନିତ୍ୟା ମେହେରା ଏବଂ ହୀରାଜ ମାରଫତିଆ ମିଳିତ ଭାବେ ଏହି ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି। ବିରଲା ଷ୍ଟୁଡିଓ ଏବଂ ଅପ୍ଲଜ୍ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଟିଜର୍ ରିଲିଜ୍ ହେବା ପରେ ଏହି ୱେବ୍‌ସିରିଜ୍‌କୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଆସନ୍ତା ୨୫ ସେପ୍ଟେମ୍ବରରେ ଏହି ସିରିଜ୍‌ଟି ଓଟିଟି ପ୍ଲାଟଫର୍ମ ଜିଓ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମ୍ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ରେ ମୋଟ କେତୋଟି ଏପିସୋଡ୍ ରହିବ, ସେନେଇ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ମୀନୁର ଏହି ନ୍ୟାୟର ଲଢ଼େଇ ଦର୍ଶକଙ୍କୁ କେତେ ପସନ୍ଦ ଆସୁଛି, ତାହା ଦେଖିବାକୁ ବାକି ରହିଲା।

## ‘ସକାଳ’ର ସ୍ୱାସ୍ଥ୍ୟ

## ସ୍କ୍ରବ୍ ଟାଇଫସ୍

**ସ୍କ୍ରବ୍ ଟାଇଫସ୍ ଏକ ଜୀବାଣୁ ଜନିତ ରୋଗ। ଓରିଏଣ୍ଟିଆ ସୁତ୍ସୁଗାମୁସି ନାମକ ଜୀବାଣୁ ଦ୍ୱାରା ଏହା ହୋଇଥାଏ। ଚିଗର୍ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ସ୍କ୍ରବ୍ ଟାଇଫସ୍ ହୁଏ। ଏହି କୀଟ କାମୁଡ଼ିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଯାଏ। ବର୍ତ୍ତମାନ ଅନୁଗୁଳ ଜିଲ୍ଲାରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି। ତେବେ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଏକାନ୍ତ ଆବଶ୍ୟକ।**




**ଲକ୍ଷଣ:** ବର୍ଷାଋତୁରେ ପାହାଡ଼ିଆ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ସଂକ୍ରମିତ ଅଧିକ ଚିହ୍ନଟ ହୋଇଥାନ୍ତି। ଜଙ୍ଗଲ, ବଣବୁଦା ସ୍ଥାନରେ ଦେଖାଯାଉଥିବା ଚିଗର୍ ନାମକ କୀଟ କାମୁଡ଼ିଲେ ସ୍କ୍ରବ୍ ଟାଇଫସ୍ ହୁଏ। ପୀଡିତଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ଅଧିକ ଜ୍ୱର, ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, କୀଟ କାମୁଡ଼ିଥିବା ସ୍ଥାନ କୁଣ୍ଡାଇ ହୋଇ ଫୁଲିଯିବା ବା ଘା’ ହେବା, ଲସିକା ଗ୍ରନ୍ଥି ଫୁଲିଯିବା, ଝାଡ଼ା, ସ୍ମୃତିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଗୁରୁତର ଅବସ୍ଥାରେ ଆକ୍ରାନ୍ତଙ୍କ ଅଙ୍ଗବିଫଳ, ଶ୍ୱାସକ୍ରିୟାରେ ସମସ୍ୟା ଏବଂ ମସ୍ତିଷ୍କ ସଂକ୍ରମଣ ତଥା ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ରକ୍ତ ସେରୋଲୋଜି, ଇମ୍ୟୁନୋଫ୍ଲୋରେସେନ୍ସ ଏବଂ ଡିଏନ୍ ପିସିଆର୍ ଦ୍ୱାରା ରୋଗକୁ ଚିହ୍ନଟ କରାଯାଏ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା ଏବଂ ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥା ଆଧାରରେ ଡକ୍ସିସାଇକ୍ଲିନ୍ (ଔଷଧ ଏବଂ ଇଞ୍ଜେକସନ୍), ଆଜିଥ୍ରୋମାଇସିନ୍ ଭଳି ଆଣ୍ଟିବାୟୋଟିକ୍ ପ୍ରଦାନ କରନ୍ତି। ଅତିମାତ୍ରାର ସଂକ୍ରମିତ ରୋଗୀଙ୍କୁ ହସ୍ପିଟାଲ୍‌ରେ ରଖି ଇଞ୍ଜେକସନ୍ ଦେବାକୁ ପଡ଼ିଥାଏ। ସ୍କ୍ରବ୍ ଟାଇଫସ୍ ମାମଲା ଚିହ୍ନଟ ହୋଇଥିବା ସ୍ଥାନକୁ ଯିବା ଅନୁଚିତ। ଘର ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିବା ସହ ସଫା ପୋଷାକ ପିନ୍ଧିବା ଆବଶ୍ୟକ। ଜଙ୍ଗଲ କିମ୍ବା କ୍ଷେତରେ କାମ କରିବା ସମୟରେ ହାତଗୋଡ଼, ଛାତି ଓ ପେଟକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା ଆବଶ୍ୟକ। ଦୈନିକ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଜରୁରି।

## ସଞ୍ଜୀବନୀ

## ଡାଏଲିସିସ୍ ସମୟରେ ସତର୍କତା

**ବୃକ୍‌କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। ହେଲେ ବିଶୃଙ୍ଖଳିତ ଜୀବନଶୈଳୀ, ନିଶାସେବନ ତଥା ଅନ୍ୟାନ୍ୟ କାରଣରୁ ବୃକକଜନିତ ସମସ୍ୟା ଦେଖାଯାଏ। ଅତି ଜଟିଳ ପରିସ୍ଥିତିରେ ଡାଏଲିସିସ୍ କରିବାକୁ ପଡ଼ିଥାଏ। ସେହିପରି ରକ୍ତରେ ଏସିଡ୍ ସଂକ୍ରମଣ, ଡେଙ୍ଗୁ, ମ୍ୟାଲେରିଆ ଆଦି ଅସ୍ଥାୟୀ ସଂକ୍ରମଣରେ ବୃକକ୍ ସଂକ୍ରମଣ ଆଶଙ୍କା ଥିବାରୁ ଡାଏଲିସିସ୍ କରାଯାଏ। ବୃକକ୍ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପଟାସିୟମ, ଫସ୍‌ଫରସ୍, ୟୁରିକ୍ ଏସିଡ ଏବଂ ମାତ୍ରାଧିକ ପାଣି ଶରୀରରେ ଜମିଥିଲେ ଡାଏଲିସିସ୍ କରାଯାଏ। ଡାଏଲିସିସ୍‌ରେ ରକ୍ତକୁ ବିଶୁଦ୍ଧ କରିବା ସହଜ ହୁଏ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଡାଏଲିସିସ୍ କରିବା ଉଚିତ।**

ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ପୀଡ଼ିତଙ୍କଠାରେ ବୃକକ୍ ଜନିତ ସମସ୍ୟା ଅଧିକ ଦେଖାଯାଏ। ବୃକକ ଅଚଳ ଯୋଗୁଁ ଡାଏଲିସିସ କରିବାକୁ ପଡୁଥିବାରୁ ଏହି ସମୟରେ ରକ୍ତଶର୍କରା ଓ ରକ୍ତଚାପ ପରୀକ୍ଷା କରାଇବା ଦରକାର। ଅନ୍ୟପଟେ ଯେଉଁ ପୀଡିତଙ୍କର ଛାତି ଯନ୍ତ୍ରଣା, ଶରୀର ଥରିବା, ଗୋଡ଼ହାତ କ୍ରାମ୍ପ, ଅତ୍ୟଧିକ ଝାଳ ନିର୍ଗତ, ହଠାତ ବାଉଳିଚାଉଳି ହେଲେ ଡାକ୍ତର ଡାଏଲିସିସ ବନ୍ଦକରି ଡାଏଲିସିସ୍ ପାର୍ଶ୍ୱପ୍ରତିକ୍ରିୟାର



ଚିକିତ୍ସା କରନ୍ତି। ରୋଗୀ ସ୍ୱାଭାବିକ ସ୍ଥିତିକୁ ଫେରିଲେ ଧୀରେ ଧୀରେ ଡାଏଲିସିସ କରାଯାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପୀଡ଼ିତ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ପଟାସିୟମ ଅଧିକ ହେଲେ ଫଳମୂଳ, ଶାଗ, ଆମିଷ, ମାଟିତଳ ଜିନିଷ, ମାତ୍ରାଧିକ ପଟାସିୟମଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଶରୀରକୁ ଆବଶ୍ୟକ ମୁତାବକ ପ୍ରୋଟିନ୍ ଖାଇବା ଜରୁରି।

ଆବଶ୍ୟକ ନ ଥିଲେ ପେନ କିଲର ଖାଇବା ଅନୁଚିତ। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପଟାସିୟମ ଯଥା ଇଲେକ୍ଟ୍ରୋଲାଇଟ୍ ଅନୁପାତ ଜାଣିବାକୁ ‘କିଡ୍‌ନି ଫଙ୍କସନ୍ ଟେଷ୍ଟ’ କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା, ପରିସ୍ରା ପରିମାଣରେ କମୁଥିଲେ, ପାଦ ଓ ମୁହଁ ଫୁଲିବା, ଧଇଁସଇଁ ଲାଗିବା ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିବା ଭଲ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ।

## ନିମ୍ନ ରକ୍ତଚାପ ନିୟନ୍ତ୍ରଣ

ଆଜିକାଲି ଅଧିକାଂଶ ଲୋକ ନିମ୍ନ ରକ୍ତଚାପରେ ପୀଡ଼ିତ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ଶରୀରରେ ଜଳୀୟଅଂଶ କମିଯିବା, ହୃଦ୍‌ରୋଗ,ମାନସିକ ଚାପ ଆଦି ଦ୍ୱାରା ନିମ୍ନ ରକ୍ତଚାପ ହୋଇଥାଏ। ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ (ସିଷ୍ଟୋଲିକ୍ ରକ୍ତଚାପ)। ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଝାପ୍‌ସା ଦିଶିବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ତେଣୁ ନିମ୍ନରକ୍ତଚାପକୁ ଅଣଦେଖା କରିବା ଅନୁଚିତ।

ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ, ଫ୍ରୁଟ୍ ଜୁସ୍ ଓ ଓଆର୍‌ଏସ୍ ପିଇବା



ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍‌ମିସ୍, ଆଲମଣ୍ଡ, ଅଖରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହୋଇପାରେ। ନିଶା ସେବନ କରିବା ଅନୁଚିତ।

ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କରିବା ହିତକର। ସେହିପରି ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖିଆଯାଏ। ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ,ଧ୍ୟାନ ଓ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଭୋଜନ ସମୟରେ ଅଧିକ ନଖାଇ ଅଳ୍ପ ଅଳ୍ପ କରି ଖାଇବା ଭଲ। ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

## ଘର ବଇଦ

## କଣନଖା ଉପଚାର

- ଟାଙ୍ଗଣା ଖଇ ଚୂର୍ଣ୍ଣ କ୍ଷତ ଭିତରେ ଦେଲେ ଅତିଶୀଘ୍ର ଭଲ ହୁଏ।
- ଗୋଟିଏ କାଗେଜି ଲେମ୍ବୁକୁ କଣା କରି ତା ଭିତରେ ଆଙ୍ଗୁଠିକୁ ପୂରାଇ ରଖିବେ। ଦିନେ ଦୁଇ ଦିନରେ କଣନଖା ପାଚି ଫାଟି ଭଲ ହୋଇଯିବ।
- କଣନଖା ରାତିରେ ଅଧିକ ଯନ୍ତ୍ରଣା ଦିଏ। ସେଥିପାଇଁ ଖଣ୍ଡେ କନାକୁ ଆମ୍ବିଳି ଦହିରେ ବୁଡ଼ାଇ କଣନଖା ଉପରେ ବାନ୍ଧିଲେ ୨/୩ମିନିଟ୍‌ରେ ଯନ୍ତ୍ରଣା ବନ୍ଦ ହୁଏ। ତା ପରଦିନ ଟାଙ୍ଗଣା ଖଇ ବା ସୀତାଫଳ ପତ୍ର ବାଟି ଲେପ ଦେବେ।
- କଣନଖା ପାଚିଗଲେ ସେଥିରୁ ରକ୍ତ ବାହାର କରି ଅରଖ କ୍ଷୀର ତା ଉପରେ ଲଗାଇଲେ ପୂଜରକ୍ତ ଯାହା ଥାଏ ବାହାରିଯାଏ, ତା’ପରେ କଅଁଳ ଅରଖ ପତ୍ର ଗୁଡ଼ାଇ କନା ବାନ୍ଧିବେ । ଦିନେ ଦୁଇ ଦିନରେ ତାହା ଭଲ ହେବ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ପିଲାଙ୍କ ଆପେଣ୍ଡିସାଇଟିସ୍

**ଆଜିକାଲି ପିଲାମାନେ ଜଙ୍କଫୁଡ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଖାଦ୍ୟରେ ଭିଟାମିନ୍,ପ୍ରୋଟିନ୍, ଫାଇବର ଆଦି ନ ଥିବାରୁ ପେଟ ଗ୍ୟାସ୍ ଏବଂ ଯନ୍ତ୍ରଣା ହୋଇଥାଏ। ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ, ପିଲାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣାର କାରଣ ଆପେଣ୍ଡିସାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।**




ଅନ୍ତନଳୀରେ ଥିବା ଆପେଣ୍ଡିକ୍ସ ନାମକ ଏକ ଅଂଶରେ ସଂକ୍ରମଣ ହେଲେ ଆପେଣ୍ଡିସାଇଟିସ୍ ହୋଇଥାଏ। ଆପେଣ୍ଡିକ୍ସ ଅନେକଗୁଡ଼ିଏ ତନ୍ତୁ ଦ୍ୱାରା ଗଠିତ। ବଡ଼ ଓ ଛୋଟ ଅନ୍ତ ମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ। ଯେତେବେଳେ ଅନ୍ତନଳୀର ବ୍ୟାକ୍ଟେରିଆ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କରନ୍ତି, ସେତେବେଳେ ଏହା ସଂକ୍ରମିତ ହୋଇଥାଏ। ଏହାକୁ ଆପେଣ୍ଡିସାଇଟ୍‌ସ କୁହାଯାଏ। ସଂକ୍ରମଣ ବଢ଼ିଗଲେ, ଆପେଣ୍ଡିକ୍ସ ଫାଟିଯିବାର ଆଶଙ୍କା ଥାଏ। ତେଣୁ ପିଲାଙ୍କ ପେଟ ଯନ୍ତ୍ରଣା ସହିତ ଡାହାଣ ପେଟରେ ଅସହ୍ୟ ଯନ୍ତ୍ରଣା, ଜ୍ୱର, ଭୋକ ନ ଲାଗିବା, ଖାଇବା ପରେ ବାନ୍ତି ହେବା, ପତଳାଝାଡ଼ା ଆଦି ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।

ରକ୍ତପରୀକ୍ଷା, ଇମେଜିଂ ଟେଷ୍ଟ, ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ ଏବଂ ଏମ୍‌ଆର୍‌ଆଇ ଦ୍ୱାରା ଆପେଣ୍ଡିସାଇଟ୍‌ସ ହୋଇଛି କି ନାହିଁ, ଡାକ୍ତର ପରୀକ୍ଷା କରିଥାନ୍ତି। ଆପେଣ୍ଡିସାଇଟ୍‌ସ ପ୍ରଥମ ପର୍ଯ୍ୟାୟରେ ଥିଲେ ଔଷଧ ବା ଇଞ୍ଜେକ୍‌ସନ୍ ଦ୍ୱାରା ଚିକିତ୍ସା ସମ୍ଭବ। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ତେଣୁ ଡାକ୍ତରୀ ଚିକିତ୍ସା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଯତ୍ନଶୀଳ ରହିବା ଏକାନ୍ତ ଆବଶ୍ୟକ।

# ୟୁଏସ୍ ଓପନ୍ | ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ସାବାଲେଙ୍କା



ନ୍ୟୁୟର୍କ, ୩।୯ (ଏଜେନ୍ସି): ଦୁଇ ଟାଇଟଲ ଆଶାୟୀ ମହିଳା ନଂ-୧ ସିଡ୍ ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗର କାର୍ଲୋସ ଆଲକାରାଜ ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ଜବରଦସ୍ତ ଖେଳ ପ୍ରଦର୍ଶନ କରି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଗତ ଦୁଇବର୍ଷ ହେଲା ଟାଇଟଲ ଜିତିଥିବା ସାବାଲେଙ୍କା ମାତ୍ର ୫୩ ମିନିଟ୍ ମୁକାବିଲାରେ ରୁଷର ପୋଲିନା ଲାଟଚେଙ୍କୋଙ୍କୁ ୬-୧, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ପୁରୁଷ ବିଭାଗରେ ୨ଥର ୟୁଏସ୍ ଓପନ ସହ ୭ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା କାର୍ଲୋସ ଆଲକାରାଜ ୪-୬, ୬-୦, ୬-୩ରେ ପର୍ତ୍ତୁଗାଲର ଜାଇମେ ଫାରିଆଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଉଜ୍‌ବେକିସ୍ତାନର କାମିଲା ରାଖିମୋଭାଙ୍କୁ ଏବଂ ଅଲକାରାଜ ଚୀନ୍‌ର ୟିବିଙ୍ଗ ୟୁଙ୍କୁ ଭେଟିବେ।

ମହିଳା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଚେକିଆର ଲିଣ୍ଡା ନୋସ୍କୋଭା, ୭ମ ସିଡ୍ କାରୋଲିନା ମୁଚୋଭା, ନବମ ସିଡ୍ ଏଲିନା ସ୍ୱିତୋଲିନା ୩ୟ ରାଉଣ୍ଡରେ ପ୍ରବଶ କରିଛନ୍ତି। ୟୁକ୍ରେନ୍‌ର ସ୍ୱିତୋଲିନା ୬-୨, ୬-୭, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି। ୧୧ନଂ ସିଡ୍ ୟୁକ୍ରେନ୍‌ର ମାର୍ତା କୋସ୍ତ୍ୟୁକ୍ ୧୬ନଂ ସିଡ୍ ରୋମାନିଆର ସୋରାନା କ୍ରିଷ୍ଟିଆ , ୧୪ନଂ ସିଡ୍ ଆମେରିକାର ଇଭା ଜୋଭିଚ୍ , ୧୮ନଂ ସିଡ୍ ରୁଷିଆର ଏକାତେରିନା ଆଲେଜାଣ୍ଡ୍ରୋଭା ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର, ଅଷ୍ଟମ ସିଡ୍ ଆମେରିକାର ବେନ୍ ସେଲ୍‌ଟନ, ୧୧ନଂ ସିଡ୍ ଆମେରିକାର ଫ୍ରାନ୍‌ସେସ୍କା ଟିଆଫୋ, ୧୮ନଂ ସିଡ୍ ଚେକିଆର ଜିରି ଲେହେକା, ୧୫ନଂ ସିଡ୍ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍, ୨୦ନଂ ସିଡ୍ ଆମେରିକାର ଟମି ପଲ୍ ବିଜୟୀ ହୋଇ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୧୨ନଂ ସିଡ୍ ସ୍ପେନ୍‌ର ରାଫେଲ ଜୋଡାର ଓ ୨୩ନଂ ସିଡ୍ ରୁଷିଆର ଆଣ୍ଡ୍ରେଇ ରୁବ୍‌ଲେଭ ୨ୟ ରାଉଣ୍ଡରୁ ବିଦାୟନେଇଛନ୍ତି।

## ଏସିଆ କପ୍ ମହିଳା କ୍ରିକେଟ
# ମନ୍ଧାନାଙ୍କ ବିସ୍ଫୋରକ ବ୍ୟାଟିଂ

ଦୁବାଇ,୩।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟ ପ୍ରତିଯୋଗିତାର ଆଜି ଖେଳାଯାଇଥିବା ହଂକଂ ବିପକ୍ଷ ପୁଲ-ଏ' ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ସେ ୪୦ ବଲ୍‌ରେ



ଅର୍ଦ୍ଧଶତକ ପୂରଣ କରିବା ପରେ ୪୮ ବଲରୁ ଅପରାଜିତ ୮୨ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ୧୪ ଓଭରରେ ୨ ୱିକେଟ ହରାଇ ୧୨୯ ରନ୍ କରିନେଇଛି। ଦଳ ପକ୍ଷରୁ ଅନ୍ୟତମ ଓପନ ଶେଫାଳି ବର୍ମା ୧୭ ବଲ୍‌ରେ ୨୮ ଓ ପ୍ରତୀକା ରାୱଲ ୧୨ ବଲ୍‌ରେ ୧୦ ରନ୍ କରି ବ୍ୟାଟିଂରେ ସ୍ଥିର ପ୍ରଦର୍ଶନ କରିପାରିନାହାନ୍ତି। ପ୍ରତିପକ୍ଷ ଦଳର ଭାରତୀୟ ବଂଶୋଦ୍ଭବ ଖେଳାଳି ରୁଚିତା ଭେଙ୍କଟେଶ ଓ ଜୟଲିନ୍ କୌର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି।

ଗତକାଲି ପୁଲ-ବି'ରେ ଖେଳାଯାଇଥିବା ଶ୍ରୀଲଙ୍କା ୭୫ ରନ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୭ ୱିକେଟରେ ୧୨୪ ରନ୍ କରିଥିଲାବେଳେ ଇଣ୍ଡୋନେସିଆ ମାତ୍ର ୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପକ୍ଷରୁ ନିଶିକା ସିଲଭା ୩୫ବଲ୍‌ରେ ୫୦ ରନ୍ କରିଥିଲାବେଳେ ଭେଟେରାନ ଖେଳାଳି ଚାମରି ଆଟାପାଟୁ ୭ଟି ୱିକେଟ ପାଇଥିଲେ।

## ଘରୋଇ କ୍ରିକେଟରେ ବୟସ ଜାଲିଆତି
# ବେଙ୍ଗଲର ରୋହିତ ୨ ବର୍ଷ ବାସନ୍ଦ

ମୋକି, ଚୀନ୍, ୩।୯ (ଏଜେନ୍ସି): ଭାରତ ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଥିବା ବେଙ୍ଗଲର ରୋହି ଯାଦବ ବୟସ ଜାଲିଆତି କରି ଧରାପଡ଼ିଛନ୍ତି। ଏହି ଘଟଣା ଧରାପଡ଼ିବା ପରେ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ରୋହିତଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୨ ବର୍ଷ ଲାଗି ବାସନ୍ଦ କରିଛି। ଏ ସମ୍ପର୍କରେ ବେଙ୍ଗଲ କ୍ରିକେଟ ସଂଘ ସମେତ ଭାରତର ଅନ୍ୟ ସମସ୍ତ ସ୍ୱୀକୃତିପ୍ରାପ୍ତ ସଂଗଠନକୁ ବିସିସିଆଇ ଜଣାଇଦେଇଛି।

ଭାରତର ୧୯ ବର୍ଷରୁ କମ୍ ଦଳ ସହ ରୋହିତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ। ତାଙ୍କର ଭଲ ପ୍ରଦର୍ଶନ ଯୋଗୁଁ ଚଳିତମାସ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ସିରିଜ୍ ଲାଗି ଦଳରେ ମଧ୍ୟ ସାମିଲ ହୋଇଥିଲେ। କିନ୍ତୁ ତାଙ୍କ ବୟସ ସମ୍ପର୍କରେ ଆଧାର କାର୍ଡ ତଦାରଖ କରିବା ବେଳେ ସେ ଅନେକଥର ତାଙ୍କ ଜନ୍ମ ତାରିଖ ବଦଳାଇଥିବା ଜଣାପଡ଼ିଥିଲା। ଖେଳାଳିଙ୍କ ବୟସ ସମ୍ପର୍କରେ କଡ଼ାକଡ଼ି ତଦାରଖ କରିବାକୁ ବିସିସିଆଇ ସମସ୍ତ କ୍ରିକେଟ ସଂଘକୁ କହିଥିଲା। ଉତ୍ତରପ୍ରଦେଶର ରୋହିତ ଯାଦବ ୨୦୦୭ରେ ବେଙ୍ଗଲ କ୍ରିକେଟ ସଂଘ ସହ ପଞ୍ଜିକୃତ ହୋଇଥିଲେ। ଏହି ସମୟରେ ଯେ ଯେଉଁ ବୟସ ଦର୍ଶାଇଥିଲେ ତାହା ୨୦୦୬ରେ ଅଲଗା ଥିବାର ଜଣାପଡ଼ିଥିଲା। ଏହା ପରେ ସେ ପୁଣିଥରେ ବୟସ ବଦଳାଇଥିବା ମଧ୍ୟ ଆଧାରକାର୍ଡ ଚେକ୍ ବେଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ବେଙ୍ଗଲ ସଂଘ ବିସିସିଆଇକୁ ଜଣାଇବା ପରେ ରୋହିତଙ୍କୁ ୨ ବର୍ଷ ଲାଗି ସମସ୍ତ ପ୍ରକାର କ୍ରିକେଟରୁ ବାସନ୍ଦ କରାଯାଇଛି।

# ଏସିଆନ୍ ଗେମ୍ସରେ କ୍ରିକେଟରଙ୍କୁ ମିଳିବ ଉତ୍ତମ ସୁବିଧା ସୁଯୋଗ: ଜାପାନ

ନାଗୋୟା,୩।୯ (ଏଜେନ୍ସି): ଆସନ୍ତା ଏସିଆନ୍ ଗେମ୍ସରେ କ୍ରିକେଟରଙ୍କ ପାଇଁ ସର୍ବୋତ୍ତମ ହୋଟେଲ୍ ରହଣି ବ୍ୟବସ୍ଥା କରାଯିବ ବୋଲି ଜାପାନ କ୍ରିକେଟ୍ ସଂଘର ମୁଖ୍ୟ ନାଓକି ଆଲେକ୍ସ ମିୟାଜି କହିଛନ୍ତି। ଭାରତ ଓ ପାକିସ୍ତାନ ସମେତ କିଛି ଦଳଙ୍କ ରହଣି ନେଇ ଚିନ୍ତା ପ୍ରକାଶ ପରେ ଆୟୋଜକମାନେ ଏ ନେଇ ପ୍ରତିଶ୍ରୁତି ଦେଇଛନ୍ତି। କ୍ରିକେଟରଙ୍କୁ କ୍ରୁଜ୍ ଜାହାଜ କିମ୍ବା କଣ୍ଟେନର୍ ହୋଟେଲ୍‌ରେ ନୁହେଁ, ହୋଟେଲ୍ କୋଠରୀରେ ରଖାଯିବ। ନାଗୋୟାର କୋରୋଗି ସ୍ପୋର୍ଟ୍ସ ପାର୍କରେ କ୍ରିକେଟ୍ ଖେଳାଯିବ। ଶ୍ରୀଲଙ୍କାର ୩୫ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ପାଲେକେଲେ ଷ୍ଟାଡିୟମ୍‌ର କ୍ୟୁରେଟର୍ ପିଚ୍ ପ୍ରସ୍ତୁତ କରୁଛନ୍ତି। ଏଥିରେ ଉଚ୍ଚମାନର ପିଚ୍ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।


## ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ
# କ୍ୱାର୍ଟରରେ ଶ୍ରୀକାନ୍ତ, ସାତ୍ୱିକ-ଚିରାଗ: ତନ୍‌ଭୀ ବିଦା

ଚୀନ୍,୩।୯ (ଏଜେନ୍ସି): ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡମିଣ୍ଟନ୍‌ରେ ଭାରତୀୟ ତାରକା କିଦାମ୍ବି ଶ୍ରୀକାନ୍ତ ଚମତ୍କାର ବିଜୟ ସହ ପୁରୁଷ ଏକକ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ପୂର୍ବତନ ବିଶ୍ୱ ନମ୍ବର-୧ ଶ୍ରୀକାନ୍ତ କାନାଡାର ବିଶ୍ୱ ନମ୍ବର-୯ ଭିକ୍ଟର ଲାଇଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଏକକରେ ତାଇପେଇ ଓପନ୍ ବିଜେତା ତନଭୀ ଶର୍ମାଙ୍କ ଅଭିଯାନ ଶେଷ ହୋଇଛି। ସେ ଜାପାନର ବିଶ୍ୱ ନମ୍ବର-୯ ତୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୮, ୧୬-୨୧ରେ ପରାସ୍ତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଲା-ତନିଶା କ୍ରାଷ୍ଟୋ ଯୋଡ଼ି ମଧ୍ୟ ୧୮-୨୧, ୧୮-୨୧ରେ ହାରି ପ୍ରତିଯୋଗିତାରୁ ବାଦ ପଡ଼ିଛନ୍ତି। ସେହିପରି ଭାରତର ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଫ୍ରାନ୍ସର ପପୋଭ୍ ଭାଇ—କ୍ରିଷ୍ଟୋ ଓ ଟୋମା ଜୁନିଅରଙ୍କୁ ହରାଇ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ଚତୁର୍ଥ ସିଡ୍ ଭାରତୀୟ ଯୋଡ଼ି ୨୧-୧୭, ୨୨-୨୪, ୨୧-୯ ଗେମ୍‌ରେ ବିଜୟୀ ହୋଇଛନ୍ତି।

## ମେସିଙ୍କୁ ଶେଷଥର ଦେଖିପାରନ୍ତି ପ୍ରଶଂସକ
# ବିଦାୟୀ ମ୍ୟାଚ୍ ଆୟୋଜନ କରିବ ଆର୍ଜେଣ୍ଟିନା ଫୁଟବଲ ସଂଘ

ବୁଏନସ୍ ଆୟର୍ସ,୩।୯ (ଏଜେନ୍ସି): ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିବା କିମ୍ବଦନ୍ତୀ ଫୁଟବଲର ଲିଓନେଲ୍ ମେସିଙ୍କୁ ଆର୍ଜେଣ୍ଟିନା ଘରୋଇ ମାଟିରେ ଆଉ ଥରେ ଖେଳୁଥିବା ଦେଖିବାର ସୁଯୋଗ ମିଳିପାରେ। ମେସିଙ୍କ ପାଇଁ ଏକ ବିଦାୟ ମ୍ୟାଚ୍ ଆୟୋଜନ କରିବାକୁ ଆର୍ଜେଣ୍ଟିନା ଫୁଟବଲ୍ ସଂଘ ବିଚାର କରୁଥିବା ଖବର ମିଳିଛି। ସେପ୍‌ଟେମ୍ବର ୨୧ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ବିରତି ସମୟରେ ଏହି ବିଦାୟ ମ୍ୟାଚ୍ ହୋଇପାରେ। ତେବେ ପ୍ରତିପକ୍ଷ, ତାରିଖ ଓ ସ୍ଥାନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମେସିଙ୍କ ଶେଷ ମ୍ୟାଚ୍ ବୁଏନସ୍ ଆୟର୍ସର ମୋନୁମେଣ୍ଟାଲ୍ ଷ୍ଟାଡିୟମ୍‌ରେ କିମ୍ବା ତାଙ୍କ ଜନ୍ମସହର ରୋସାରିଓରେ ହୋଇପାରେ। କିନ୍ତୁ ଏଥିପାଇଁ ପ୍ରଥମେ ମେସିଙ୍କ ସମ୍ମତି ଆବଶ୍ୟକ। ୨୦୨୬ ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ହାରିବା ପରେ ମେସି ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। ଆର୍ଜେଣ୍ଟିନା ପାଇଁ ୨୦୭ଟି ମ୍ୟାଚ୍‌ରେ ୧୨୫ ଗୋଲ୍ କରିଥିବା ମେସି ୨୦୨୨ ବିଶ୍ୱକପ୍ ସମେତ ୬ଟି ବଡ଼ ଆନ୍ତର୍ଜାତୀୟ ଟ୍ରଫି ଜିତିଛନ୍ତି।

# ଏସିଆନ୍ ଗେମ୍ସ: ନୀରଜଙ୍କ ସ୍ଥାନରେ ଯଶବୀର ସିଂ



ନୂଆଦିଲ୍ଲୀ,୩।୯ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ଯଶବୀର ସିଂଙ୍କୁ ମିଳିଛି ବଡ଼ ସୁଯୋଗ। ଭାରତର ସୁପରଷ୍ଟାର ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଆହତ ହୋଇ ଏସିଆନ୍ ଗେମ୍ସର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଆଥ୍‌ଲେଟ ଯଶବୀର ସିଂଙ୍କୁ ସାମିଲ କରାଯାଇଛି। ଜାପାନର ଆଇଚି ନାଗୋୟା ଏସିଆନ୍ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଆୟୋଜିତ ହେବ। ୨୪ ବର୍ଷୀୟ ଯଶବୀର ୮୫.୪୧ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଛନ୍ତି।

# ଏସିଆନ୍ ଗେମ୍ସରେ ଲକ୍ଷ୍ମଣ ହେଡ୍ କୋଚ୍

ମୁମ୍ବଇ,୩।୯ (ଏଜେନ୍ସି): ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ଭାଙ୍ଗିପୁରାପୁ ଭେଙ୍କଟ ସାଇ ବା ଭିଭିଏସ୍ ଲକ୍ଷ୍ମଣ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ କ୍ରିକେଟ ଦଳର ହେଡ୍ କୋଚ୍ ଦାୟିତ୍ୱ ନେବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ସେ କାମଚଳା ଦାୟିତ୍ୱରେ ରହିବେ ବୋଲି କେନ୍ଦ୍ର ସରକାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସିଆନ ଗେମ୍ସ ଲାଗି ସୁନୀଲ ଯୋଶି, ହୃଷିକେଶ କାନିତକର ଓ ଶୁଭଦୀପ ଘୋଷ ଭାରତୀୟ ଦଳକୁ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ କୋଚ୍ ଭାବେ ସହାୟତା କରିବେ। ଗତଥା ଏସିଆନ ଗେମ୍ସରେ ଲକ୍ଷ୍ମଣ କୋଚ୍ ଦାୟିତ୍ୱରେ ଥିଲାବେଳେ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏହି ସମୟରେ ସେପ୍ଟେମ୍ବର ୨୭ରୁ ୱେଷ୍ଟଇଣ୍ଡିଜ୍ ସହ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଏବଂ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଆଫଗାନିସ୍ତାନ ସହ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳର ଦାୟିତ୍ୱରେ ରହିବେ।

ଜାପାନର ଆୟାଚି ନାଗାୟୋଠାରେ ସେପ୍ଟମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ ଗେମ୍ସ ଆୟୋଜିତ ହେବ। ଏସିଆନ ଗେମ୍ସ ପୁରୁଷ କ୍ରିକେଟରେ ଭାରତ ସେପ୍ଟେମ୍ବର ୨୮ରୁ ଅଭିଯାନ ଆରମ୍ଭ କରିବ।

## ■ ଅଗରକରଙ୍କ ଅନୁପସ୍ଥିତି ନେଇ କଳ୍ପନାଜଳ୍ପନା
# ରୋହିତଙ୍କ ପ୍ରତି ବିପଦ ନାହିଁ

ମୁମ୍ବଇ,୩।୯ (ଏଜେନ୍ସି): ଭାରତୀୟ ଦିନିକିଆ ଦଳରେ ପୂର୍ବତନ ଓପନର ରୋହିତ ଶର୍ମାଙ୍କ ସ୍ଥାନ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ଏଠାରେ ଆଜି ଖେଳାଳିଙ୍କ ପ୍ରଦର୍ଶନ ନେଇ ତର୍ଜମା ହୋଇଥିଲା। ଏଥିରେ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର, ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍, ଟି-୨୦ ଅଧିନାୟକ ଶ୍ରେୟସ ଆୟର ଉପସ୍ଥିତ ଥିଲେ। ଇଂଲଣ୍ଡ ଟୁର୍ ଓ ଅନ୍ୟ ଟୁର୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇଥିଲା। ଏହା ପରେ ରୋହିତ ଶର୍ମାଙ୍କ ଦିନିକିଆ ଭବିଷ୍ୟ ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଲେ, ରୋହିତ ଏବେ ମଧ୍ୟ ଭଲ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ତାଙ୍କ ସ୍ଥାନ ଲାଗି କୌଣସି ବିପଦ ନାହିଁ। ଏଣୁ ଏଭଳି ଆଲୋଚନାର କିଛି ମାନେ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅନୁପସ୍ଥିତି। ଏପରିକି ସେ ମୁମ୍ବଇରେ ନ ଥିଲେ ମଧ୍ୟ ଭିଡିଓ କନ୍‌ଫରେନ୍ସି ଯୋଗେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନପସ୍ଥିତ ରହିଛନ୍ତି। ତାଙ୍କ ଅନୁପସ୍ଥିତିକୁ ଦର୍ଶାଇ ଚୟନ କମିଟିରେ ପରିବର୍ତ୍ତନ ହେବ ବୋଲି ସାଇକିଆଙ୍କୁ ପ୍ରଶ୍ନ କରାଯିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅଗରକରଙ୍କ ଅନୁପସ୍ଥିତି ଚର୍ଚ୍ଚାର ଖୋରାକ ଯୋଗାଇଛି।

# ୩୫୦ ରନ୍ ସହ ଇତିହାସ ସୃଷ୍ଟି କଲେ ହୃଦୟ


ପୋଶେଫଷ୍ଟ୍ରୁମ୍,୩।୯ (ଏଜେନ୍ସି): ବାଂଲାଦେଶର ଯୁବ ଖେଳାଳି ତୋହିଦ ହୃଦୟ ଦକ୍ଷିଣ ଆଫ୍ରିକା ସହ ଅନୁଷ୍ଠିତ ଅନ୍‌ଅଫିସିଆଲ ଟେଷ୍ଟରେ ୩୫୦ ରନ୍ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ବାଂଲଦେଶର ସର୍ବାଧିକ ସ୍କୋର ଓ ତୃତୀୟ ତ୍ରିଶତକ। ତାଙ୍କ ପୂର୍ବରୁ ତମିମ ଇକବାଲ ୩୩୪ ଓ ରାକିବୁଲ ହାସନ ୩୧୩ ରନ୍ କରିଥିଲେ। କିନ୍ତୁ ୬ ବର୍ଷ ତଳେ ଯେଉଁ ପଡ଼ିଆରେ ବାଂଲାଦେଶକୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ କରାଇଥିଲେ, ସେହି ପଡ଼ିଆରେ ହୃଦୟ ୩୫୦ ରନ୍ କରି ଏହି ରେକର୍ଡ କରିଛନ୍ତି। ତାଙ୍କର ଏହି ସ୍କୋର ବଳରେ ବାଂଲାଦେଶ ଏହି ମ୍ୟାଚ୍‌କୁ ଡ୍ର ରଖିବାରେ ସମର୍ଥ ହୋଇଛି। ଏହା ପରେ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ରବିବାରଠାରୁ ଖେଳାଯିବ।

## କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିଲେନି ପାକିସ୍ତାନର ଜଣେ କ୍ରିକେଟର

ଲଣ୍ଡନ,୩।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ଦଳ କ୍ଲାରେନ୍ସ ହାଉସ୍‌ରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କୁ ଭେଟିଥିଲା। ତେବେ ଦଳରୁ ବାଦ୍ ପଡ଼ିଥିବା ଜଣେ ଖେଳାଳି ନିର୍ଦ୍ଦେଶ ସତ୍ତ୍ୱେ ସାକ୍ଷାତକାରରେ ଯୋଗ ଦେଇ ନ ଥିବା ଖବର ମିଳିଛି। ଫଳରେ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ମହମ୍ମଦ ଆୱାଇସ୍ ଜଫର, ଆମିର ଜମାଲ, ଖୁରାମ ଶାହଜାଦ ଓ ଅଲି ଉସମାନ ଉପସ୍ଥିତ ଥିଲେ। ଦ୍ୱିତୀୟ ଟେଷ୍ଟରେ ୧୯୪ ରନ୍‌ରେ ପରାଜୟ ପରେ ୭ ଖେଳାଳିଙ୍କୁ ବାଦ୍ ଦିଆଯାଇଥିଲା। କିଙ୍ଗ୍ ଚାର୍ଲ୍ସ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାବର ଆଜମ ତାଙ୍କୁ ସ୍ୱାକ୍ଷରିତ ବ୍ୟାଟ୍ ଉପହାର ଦେଇଥିଲେ। ପାକିସ୍ତାନ ଶୃଙ୍ଖଳାରେ ୦-୨ରେ ପଛୁଆ ରହିଛି।

## ● ସିଏକେମ୍ ଟ୍ରଫିରେ ପ୍ରଶାନ୍ତଙ୍କୁ ୪ ୱିକେଟ୍
# ଓଡ଼ିଶା ନିକଟରୁ ପଣ୍ଡିଚେରୀ ପରାସ୍ତ


ପ୍ରଶାନ୍ତ ରଣା


ଗୌରବ ଚୌଧୁରୀ

ଭୁବନେଶ୍ୱର, ୩।୯ (ସମିସ): ପଣ୍ଡିଚେରୀ ସଭାପତି ଏକାଦଶକୁ ୫ ୱିକେଟ୍‌ରେ ପରାସ୍ତ କରି ଓଡ଼ିଶା କ୍ରିକେଟ ସଘ ପୁଡୁଚେରୀରେ ଚାଲିଥିବା ସିଏକେଏମ୍ ଟ୍ରଫି ବରିଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨ୟ ମୁକାବିଲରେ ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ସମାପ୍ତ ହୋଇଥିବା ମ୍ୟାଚ୍‌ରେ ଆୟୋଜକ ଓଡ଼ିଶାକୁ ୨ୟ ଇନିଂସରେ ୮୧ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଓଡ଼ିଶା ଦଳ ୫ଟି ୱିକେଟ୍ ହରାଇ ଏହା ହାସଲ କରି ନେଇଥିଲା। ପଣ୍ଡିଚେରୀ ସଭାପତି ଏକାଦଶ ପ୍ରଥମ ଇନିଂସରେ ୨୭୫ ରନ୍ କରିଥିଲା। ୨ୟ ଦିନ ଶେଷରେ ୭ ୱିକେଟ୍ ହରାଇ ୨୪୯ ରନ୍ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ୍‌କରି ଅଲ୍‌ଆଉଟ୍ ହେବାରୁ ପଣ୍ଡିଚେରୀ ପ୍ରଥମ ଇନିଂସରେ ୩ ରନ୍ ଆଗରେ ରହିଥିଲା। ଗୁରୁବାର ୩ୟ ତଥା ଅନ୍ତିମ ଦିନରେ ଓଡ଼ିଶା ପାଇଁ ସୌମ୍ୟର ଞ୍ଜନ ଲେଙ୍କା ୪ଟି ଛକା ଓ ଗୋଟିଏ ଚୌକା ସହ ୩୮ ରନ୍ କରିଥିଲେ। ପ୍ରତିପକ୍ଷର ଆର୍. ବିଜୟ, କରଣ କନ୍ନନ ଓ ଆଦିଲ ଆୟୁବ ତୁଣ୍ଡା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶାର ବୋଲର ଘାତକ ବୋଲିଂ କରିବାରୁ ପଣ୍ଡିଚେରୀ ସଭାପତି ଏକାଦଶ ଦ୍ୱିତୀୟ ଇନିଂସରେ ମାତ୍ର ୭୮ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ଓଡ଼ିଶାର ପ୍ରଶାନ୍ତ ରଣା ୪ଟି ଏବଂ ତାରିଣୀ ସା' ଓ ସୟଦ୍ ତୁଫୈଲ ଅହମ୍ମଦ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶା ୮୧ ରନ୍‌ର ବିଜୟଲକ୍ଷ୍ୟ ପାଇବା ପରେ ଓପ୍‌ନର ଗୌରବ ଚୌଧୁରୀ ସର୍ବାଧିକ ୪୦ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଅପରାଜିତ ୧୫ ରନ୍ କରିଥିଲେ। ପଣ୍ଡିଚେରୀର ଆର୍. ବିଜୟ ୪ଟି ୱିକେଟ୍ ନେଇଥିଲେ। ଆସନ୍ତା ୫ରୁ ହିମାଚଳ ପ୍ରଦେଶ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ୨୧ ବର୍ଷରୁ କମ୍ ଏସିଆ କପ୍ ହକି
# ଶନିବାରରୁ ଭାରତର ଟାଇଟଲ ରକ୍ଷା ଅଭିଯାନ




ମୋକି, ଚୀନ୍,୩।୯ (ଏଜେନ୍ସି): ଚୀନ୍‌ର ମୋକିଠାରେ ଆରମ୍ଭ ହୋଇଛି ଏଏଚ୍‌ଏଫ୍ ୨୧ ବର୍ଷରୁ କମ୍ ଏସିଆ କପ୍ ହକି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଖେଳ ଅନୁଷ୍ଠିତ ହେବ। ଭାରତୀୟ ଦଳ ଉଭୟ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଆସନ୍ତାକାଲିଠାରୁ ଭାରତୀୟ ଦଳ ଅଭିଯାନ କରିବାକୁ ଯାଉଥିଲାବେଳେ ପୁରୁଷ ଦଳ ରେକର୍ଡ ଷଷ୍ଠ ଓ ମହିଳା ଦଳ ହ୍ୟାଟ୍ରିକ୍ ଟାଇଟଲ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି। ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି।

ଗତଦୁଇବର୍ଷ ଟାଇଟଲ ଜିତିଥିବା ମହିଳା ଦଳ ଏଥିର ଖାଇଦେମ୍ ଶିଲେଇମା ଚାନୁଙ୍କ ନେତୃତ୍ୱରେ ତୃତୀୟ ବା ହ୍ୟାଟ୍ରିକ୍ ଟାଇଟଲ ଜିତିବାକୁ ଚେଷ୍ଟା କରିବ। ହେଡ୍ କୋଚ୍ ଟିମ୍ ହ୍ୱାଇଟଙ୍କ ପ୍ରଶିକ୍ଷଣରେ ଏହି ଦଳ ଯୋଜନାବଦ୍ଧ ଭାବେ ଟ୍ରେନିଂ ନେଇଛି। ଦଳ ବେଙ୍ଗାଲୁରୁରେ ଶିବିର କରିଥିଲାବେଳେ ୟୁରୋପ ଗସ୍ତରେ ଯାଇ ଏକାଧିକ ଦେଶ ବିପକ୍ଷରେ ଖେଳିବ। ଏହା ମଧ୍ୟରେ ଦଳ ସ୍କଟଲାଣ୍ଡ ସିନିଅର ଦଳ ବିପକ୍ଷରେ ଖେଳିଥିଲାବେଳେ ଆମେରିକା, ଇଂଲଣ୍ଡ ଓ ବେଲଜିୟମର ୨୧ ବର୍ଷରୁ କମ୍ ବୟସର ଦଳ ବିପକ୍ଷରେ ଖେଳି ଭଲଭାବେ ପ୍ରସ୍ତୁତି କରିନେଇଛି। ଏଲିଟ୍ ପୁଲ୍‌ରେ ସ୍ଥାନ ପାଇଥିବା ମହିଳା ଦଳ ସେପ୍ଟେମ୍ବର ୫ରେ ଦକ୍ଷିଣ କୋରିଆ, ସେପ୍ଟେମ୍ବର ୬ରେ ମାଲେସିଆ, ସେପ୍ଟେମ୍ବର ୮ରେ ଜାପାନ ଓ ସେପ୍ଟେମ୍ବର ୯ରେ ଚୀନ୍ ସହ ମୁକାବିଲା କରିବ। ଶନିବାର ଆମେ ଦକ୍ଷିଣ କୋରିଆ ସହ ପ୍ରଥମ ମ୍ୟାଚ୍ ଖେଳିବୁ। ଏଠାରେ ଜଳବାୟୁ ଟିକେ ଥଣ୍ଡା ରହିଛି ଓ ଆମ ଖେଳାଳିମାନେ ଏହା ସହ ଭଲ ଭାବେ ଖାପ୍ ଖୁଆଇନେଇଛନ୍ତି। ଏଭଳି ସ୍ଥିତିରେ ଆମେ ଦକ୍ଷିଣ କୋରିଆ ବିପକ୍ଷରେ ପ୍ରଥମ ମ୍ୟାଚ୍ ଜିତିବାକୁ ଉଦ୍ୟମ କରିବୁ ବୋଲି ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

### ଷଷ୍ଠ ଟାଇଟଲ ଦୌଡ଼ରେ ପୁରୁଷ ଦଳ

ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ସହ ମୋଟ ୫ଥର ଚାମ୍ପିଅନ ହୋଇଥିବା ଭାରତର ପୁରୁଷ ଦଳ ଢ଼େର ଆତ୍ମବିଶ୍ୱାସର ସହ ଟାଇଟଲ ରକ୍ଷା ଅଭିଯାନରେ ବାହାରିଛି। ନୂଆ କୋଚ୍ ଫ୍ରେଡେରିକ୍ ସୋୟେଜ୍ ଏବଂ ଓଡ଼ିଆ ଅଧିନାୟକ ଅନ୍‌ମୋଲ ଏକ୍କାଙ୍କ ନେତୃତ୍ୱରେ ଓଡ଼ିଶା ଦଳ ବେଶ ପ୍ରସ୍ତୁତି କରିଛି। ଦଳ ବିଦେଶରେ ଯାଇ ବେଲଜିୟମ, ଅଷ୍ଟ୍ରିଆ, ଜର୍ମାନୀ ଓ ନେଦରଲ୍ୟାଣ୍ଡସ ସହ ଖେଳିଛି। ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ବିଦେଶରେ ଖେଳିଛନ୍ତି। ଏହା ବ୍ୟତୀତ ବେଙ୍ଗାଲୁରୁରେ ମାଲେସିଆ ୨୧ ବର୍ଷରୁ କମ୍ ଦଳ ସହ ଏବଂ ଡାଲିଆନ୍‌ରେ ଚୀନ୍ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିଛି। ଚୀନ୍ ବିପକ୍ଷରେ ୮-୨ ମ୍ୟାଚ୍‌ରେ ଜିତି ଦଳ ବେଶ ଭଲ ପ୍ରଦର୍ଶନ କରିଛି। ପୁଲ-ଏ'ରେ ସେପ୍ଟେମ୍ବର ୫ରୁ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ଦଳ ୬ରେ ଜାପାନ, ୮ରେ ଦକ୍ଷିଣ କୋରିଆ ଓ ୯ରେ ଚାଇନିଜ୍ ତାଇପେ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS